

କିଆରାଙ୍କ ‘ଟକ୍ସିକ୍’ ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-180 ◆FRIDAY ◆26 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୮୦ ◆ଶୁକ୍ରବାର ◆୨୬ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଓଡ଼ିଶାକୁ କମିଳା କେନ୍ଦ୍ରୀୟ ଅନୁଦାନ

## ୭ ଯୋଜନାରେ ଅନୁଦାନ ହ୍ରାସ; ମନ୍ଥର ହେବ ଗ୍ରାମୀଣ ବିକାଶ

■ **ଭୁବନେଶ୍ୱର, ୨୫।୧୨ (ସମିସ):** ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ବିକାଶର ଗତି ଡବଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ମାତ୍ର କ୍ଷମତାକୁ ଆସିବାର ବର୍ଷକ ମଧ୍ୟରେ ଏହି ପ୍ରତିଶ୍ରୁତି ଓ ବାସ୍ତବତା ମଧ୍ୟରେ ଅନେକ ଫରକ ଜଳଜଳ ଦିଶୁଛି। କେନ୍ଦ୍ର ସରକାର ୭ଟି ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅର୍ଥ ହ୍ରାସ ପରେ ଏବେ ଓଡ଼ିଶାବାସୀଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ କରିଛି। ସବୁ ଯୋଜନାଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ସହ ସଂପୃକ୍ତ ଥିବାବେଳେ ଏହା ରାଜ୍ୟର ଗ୍ରାମ୍ୟ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ୮ଟି ଯୋଜନା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା


### ‘ଆବାସ’ରେ କଟିଲା ୩୪୮୫ କୋଟି ଟଙ୍କା


### ଗ୍ରାମୀଣ କର୍ମନିଯୁକ୍ତିରେ କମିଳା ୧୧୪୨ କୋଟି

ମିଶନ, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ସାମିଲ ରହିଛି। ଏମଜିଏନଆରଇଜିଏସ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୪୯୦୬ କୋଟି ଟଙ୍କା ପ୍ରଦାନ କରିଥିଲେ। ମାତ୍ର ୨୦୨୪-୨୮ ବର୍ଷରେ କେନ୍ଦ୍ର ସରକାର ପ୍ରାୟ ୧୧୪୨ କୋଟି ଟଙ୍କା ହ୍ରାସ କରି ୩୭୬୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏବେ ‘ମନରେଗା’ ଉଚ୍ଛେଦ କରାଯାଇ ଭିବି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ରାଜ୍ୟ ସରକାରଙ୍କ ଉପରେ ଅଧିକ ବୋଝ ବଢ଼ିଛି।

ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୨୩-୨୪ରେ କେନ୍ଦ୍ର ସରକାର ୪୩୧୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ୨୦୨୪-୨୫ରେ ଏଥିରେ ୩୪୮୫ କୋଟି ଟଙ୍କା କାଟିଦେଲେ। ଗତ ଆର୍ଥିକ ବର୍ଷରେ କେନ୍ଦ୍ର ଏ ଯୋଜନା ବାବଦରେ ଓଡ଼ିଶାକୁ ମାତ୍ର ୮୨୫ କୋଟି ଟଙ୍କା ଦେଇଥିବା ବେଳେ ଏଥିଯୋଗୁଁ ରାଜ୍ୟର କଚ୍ଚାଘରକୁ ପକ୍କାଘରରେ ପରିଣତ ଯୋଜନା ମନ୍ଥର ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୩-୨୪ରେ ୧୨୬୨ କୋଟି ଟଙ୍କା ଓଡ଼ିଶାକୁ ମିଳିଥିଲା। ୨୦୨୪-୨୫ ମସିହାରେ ଏଥିରେ ମଧ୍ୟ ଅର୍ଥ ହ୍ରାସ କରି କେନ୍ଦ୍ର ସରକାର ମାତ୍ର ୭୧୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟ ଯୋଜନା ମଧ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶାକୁ ଗତ ଆର୍ଥିକ ବର୍ଷରେ ଟଙ୍କାଟିଏ ମଧ୍ୟ ଦିଆଯାଇନଥିବା ବେଳେ ▶ପୃଷ୍ଠା-୭

# ଏନ୍‌କାଉଣ୍ଟର୍‌ରେ ୬ ନକ୍ସଲ ମୃତ





### ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ମୃତ

### କମ୍ବିଂ ଅପରେସନ ଜୋରଦାର

■ **ଫୁଲବାଣୀ/ବାଲିଗୁଡ଼ା/ତୁମୁଡ଼ିବନ୍ଧ,୨୫।୧୨(ସମିସ):** ପୁଣି ସୁରକ୍ଷାବାହିନୀ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ସେଣ୍ଟ୍ରାଲ ମାଓ କମିଟି ମେମ୍ବର ସମେତ ଅନେକ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ମାଓ ସାମଗ୍ରୀ ଜବତ ହୋଇଛି। କିଛି ଦିନ ହେବ, ମାଓପ୍ରବଣ ଅଞ୍ଚଳରେ ଜିଲ୍ଲା ପୁଲିସ ପକ୍ଷରୁ କମ୍ବିଂ ଅପରେସନ ଜୋରଦାର କରାଯାଇଥିଲା। ବିଭିନ୍ନ ଅଞ୍ଚଳରେ ମାଓବାଦୀଙ୍କ ମୁଣ୍ଡ ଗଡ଼ାଇଛନ୍ତି ସୁରକ୍ଷା ବାହିନୀ। କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଚାହାଳୀ ପଞ୍ଚାୟତର ଗସମା ଅଞ୍ଚଳରେ ▶ପୃଷ୍ଠା-୭

## ଶାହାଙ୍କ ପ୍ରଶଂସା

■ **ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ଓଡ଼ିଶାର କନ୍ଧମାଳ ଜିଲ୍ଲାର ଜଙ୍ଗଲରେ ମାଓବାଦୀ କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଓଇକେଙ୍କ ସମେତ ୬ ଜଣ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସରେ ପୋଷ୍ଟ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା ‘ନକ୍ସାଲ ମୁକ୍ତ ଭାରତ’ ଅଭିଯାନ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସଦୃଶ ହୋଇଛି। ଏଥିସହ ଓଡ଼ିଶା ମାଓବାଦୀଙ୍କ କବଳରୁ ମୁକ୍ତ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅର୍ଥାତ ଓଡ଼ିଶା ଖୁବ୍‌ଶୀଘ୍ର ମାଓମୁକ୍ତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଆମେ ଦେଶରୁ ମାଓବାଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ଗଣେଶଙ୍କ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ଓ ସେ ଓଡ଼ିଶା ସଂଗଠନର ମୁଖ୍ୟ ଥିଲେ।

**ଧନୁଯାତ୍ରା ହେଲା ଶେଷଯାତ୍ରା**

## ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ; ୨ ମୃତ

■ **କୋମନା, ୨୫।୧୨ (ସମିସ):** କିଟିକିଟି ଅନ୍ଧାରରେ ବାଇକ୍ ସହ ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ। ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ରେ ଏପରି ଏକ ଅଘଟଣ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ହାତୀସରା ଗ୍ରାମର ହରିଚନ୍ଦ୍ର ପଟେଲ (୧୯) ଏବଂ ବାବେଘାଟି ଗ୍ରାମର ଶୁଭରାମ ହଂସ (୧୯)। ରଞ୍ଜିତ ହଂସ (୧୯) ଗୁରୁତର ଆହତ ହୋଇଥିବା ବେଳେ ଭାଗବତ ମାଝୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନାନୁଯାୟୀ, ତରବୋଡ଼ରେ ଏବେ ଧନୁଯାତ୍ରା ଚାଲିଛି। ବୁଧବାର ରାତିରେ ୪ସାଙ୍ଗ ହରିଚନ୍ଦ୍ର, ଶୁଭରାମ, ରଞ୍ଜିତ ଓ ଭାଗବତ ଏକ ବାଇକ୍‌ରେ ଯାତ୍ରା ଦେଖିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଡଙ୍ଗାଘାଟ ନିକଟରେ ବାଇକ୍‌ଟି ▶ପୃଷ୍ଠା-୭

**ଖସୁଛି ପାରଦ**

## ଓଡ଼ିଶା ଉପରେ ଘନ କୁହୁଡ଼ିର ଚାଦର

■ **ଭୁବନେଶ୍ୱର,୨୫।୧୨(ସମିସ):** ପାରଦ ଖସୁଛି, କୁହୁଡ଼ି ବଢ଼ୁଛି। ରାଜ୍ୟର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଲାଗି ରହୁଛି। ରାଜ୍ୟର କିଛି କିଛି ସ୍ଥାନରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ଅବସ୍ଥିତ ଯୋଗୁଁ କୁହୁଡ଼ି ପରିସ୍ଥିତି ଜାରି ରହିଛି। ଅନ୍ୟପକ୍ଷରେ ଆଗକୁ ଆଉ ଏକ ପଶ୍ଚିମା ଝଡ଼ ସକ୍ରିୟ ହେବାକୁ ଯାଉଛି। ଫଳରେ ଜାନୁଆରୀ ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଲଘୁଚାପ ସୃଷ୍ଟି ହେବା ନେଇ ସ୍ଥିତି ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଯଦି ବି ଏହା ହୁଏ, ଓଡ଼ିଶା ଉପରେ କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ।

**ଜାନୁଆରୀରେ ଲଘୁଚାପ ସୃଷ୍ଟି ସମ୍ଭାବନା**

ଉପଗ୍ରହରୁ ମିଳୁଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ କେନ୍ଦୁଝର, କଟକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ଗଞ୍ଜାମ, ଗଜପତି ଏବଂ କୋରାପୁଟ ଜିଲ୍ଲାର ଅନେକ ସ୍ଥାନରେ ଘନକୁହୁଡି ପରିସ୍ଥିତି ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ଗୁରୁବାର ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ କୁହୁଡ଼ି ସ୍ଥିତି ଲାଗି ରହିବାରୁ ଯାତାୟାତରେ ଅନେକ ସମସ୍ୟା ଉପୁଜୁଥିଲା। ଭୁବନେଶ୍ୱରରେ ମଧ୍ୟ ଘନ କୁହୁଡ଼ି ଲାଗିରହିଥିଲା। ପାଣିପାଗ କେନ୍ଦ୍ର କହିଛି ଯେ, ଆଗାମୀ ୫ଦିନ ଯାଏଁ ପାଗରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ବେଳେ ଶୀତ ସାଙ୍ଗକୁ କୁହୁଡ଼ି ସ୍ଥିତି ଲାଗି ରହିବ। ଏହି ସମୟ ମଧ୍ୟରେ କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ସହ ଘନ କୁହୁଡ଼ି ଅନୁଭୂତ ହେବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ▶ପୃଷ୍ଠା-୭

# ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା

■ **ଢାକା, ୨୫।୧୨ (ଏଜେନ୍ସି):** କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ସରକାରରେ ସଂଖ୍ୟାଲଘୁ ହିନ୍ଦୁଙ୍କ ପାଇଁ ବାଂଲାଦେଶ ନର୍କ ପାଲଟି ଯାଇଛି। ଉପଦ୍ରବୀ, ଦଙ୍ଗାକାରୀ, ଅପରାଧୀଙ୍କୁ ସରକାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଏବେ ଆଉ ଜଣେ ହିନ୍ଦୁଙ୍କୁ ବାଂଲାଦେଶରେ ପିଟି ପିଟି ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟାରେ ରାଜବାଡୀ ଜିଲ୍ଲା ହୋସେନଡାଙ୍ଗା ଗ୍ରାମରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ମୃତକର ନାମ ଅମୃତ ମଣ୍ଡଳ ଓରଫ ସମ୍ରାଟ (୨୯) ବୋଲି ପୁଲିସ କହିଛି।

ଏହା ପୂର୍ବରୁ ଗତ ୧୮ ତାରିଖରେ ହିନ୍ଦୁ ଯୁବକ ଦୀପୁଙ୍କ ବିରୋଧରେ ଈଶ ନିନ୍ଦାର ମିଥ୍ୟା ଅଭିଯୋଗ ଲଗା ଯାଇଥିଲା। ପୁଲିସ ତାଙ୍କୁ ଚରମପନ୍ଥୀଙ୍କ ହାତରେ ଟେକି ଦେଇଥିଲା। ପରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳି ଦିଆ ଯାଇଥିଲା। ଏହି ଆକ୍ରମଣ ପଛରେ ଦୀପୁଙ୍କ ମୁସଲମାନ ବନ୍ଧୁ ମଧ୍ୟ ସାମିଲ ଥିଲେ। ସେମାନେ ଏକାଠି ଏକ କମ୍ପାନୀରେ କାମ କରୁଥିଲେ। ଏକ କାର୍ଯ୍ୟକ୍ରମରେ ସବୁ ଧର୍ମ ସମାନ କହିବା କେବଳ ଦୀପୁଙ୍କ ଭୁଲ ଥିଲା। ଏଥିପାଇଁ ଷଡ଼ଯନ୍ତ୍ର କରି ତାଙ୍କୁ ମାରି ଦିଆଯାଇଥିଲା।

ପୁଲିସ ସୂଚନା ଅନୁଯାୟୀ, ଜୋର ଜବରଦସ୍ତି ଟଙ୍କା ଆଦାୟ ଅଭିଯୋଗ ଲଗାଇ ଲୋକେ ଅମୃତଙ୍କୁ ପିଟି ପିଟି ମାରି ଦେଇଛନ୍ତି। ମୃତକ ହୋସେନଡାଙ୍ଗା ଗ୍ରାମର ବାସିନ୍ଦା ଥିଲେ। ଏହି ମାମଲାରେ ଅମୃତଙ୍କ ସହଯୋଗୀ ମହମ୍ମଦ ସଲିମକୁ ଗିରଫ କରାଯାଇଛି। ତା’ ନିକଟରୁ ଦୁଇଟି ବନ୍ଧୁକ ଜବତ ▶ପୃଷ୍ଠା-୭






# ବୁଡ଼ାଜାହାଜରୁ କେ-୪ ବାଲିଷ୍ଟିକ୍ ଉତ୍‌କ୍ଷେପଣ

■ **ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି):** ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ରର ଆଜି ପରୀକ୍ଷା କରିଛି ଭାରତ। ବଙ୍ଗୋପସାଗର ବିଶାଖାପାଟଣା ଉପକୂଳରେ ଅବସ୍ଥାପିତ ପରମାଣୁ ଶକ୍ତିସପନ୍ନ ବୁଡାଜାହାଜ ଆଇଏନ୍‌ଏସ୍ ଅରିଘାଟରୁ ଏହାର ପରୀକ୍ଷା କରାଯାଇଛି। ପରୀକ୍ଷାରେ ଆଜି



### ୩୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ

### ୨ ଟନର ପରମାଣୁ ଅସ୍ତ୍ର ବହନ କ୍ଷମତା

ସଫଳତା ହାସଲ କରିଥିବା ଏହି କେ-୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ୩୫୦୦ କିଲୋମିଟର ▶ପୃଷ୍ଠା-୭

## କାର୍ ଉପରେ ଚଢ଼ିଗଲା ବସ୍: ୯ ମୃତ

■ **ଚେନ୍ନଇ, ୨୫।୧୨(ଏଜେନ୍ସି):** ତାମିଲନାଡୁର କୁଡାଲୋର ଜିଲ୍ଲାରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଛନ୍ତି। ତୀରୁଚିରାପଲ୍ଲୀରୁ ଚେନ୍ନାଇ ଯାଉଥିବା ଏକ ରାଜ୍ୟ ପରିବହନ ବସ୍‌ର ଟାୟାର ଫାଟିଯାଇଥିଲା। ଫଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର ଉପରେ ଚଢ଼ିଯିବା ସହ ବିପରୀତ ଲେନ୍‌କୁ ଚାଲିଯାଇଥିଲା ଓ ସମ୍ନାରୁ ଆସୁଥିବା ଦୁଇଟି କାର୍ ଉପରେ ଚଢ଼ିଯାଇଥିଲା। ଦୁଇଟି ଯାକ କାର୍ ବସ୍ ତଳେ ଫସିଯାଇଥିଲା ଓ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା। ଦୁର୍ଘଟଣାରେ ଦୁଇଟି କାର୍‌ରେ ବସିଥିବା ୭ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୫ ପୁରୁଷ ଓ ୪ ମହିଳା ଅଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତଙ୍କୁ ତିରୁଚିରାପଲ୍ଲୀ ଓ ପେରାମ୍ବାଲୁର ସରକାରୀ ▶ପୃଷ୍ଠା-୭

## ଜଳିଗଲା ବସ୍: ୧୦ ଯାତ୍ରୀ ଜୀବନ୍ତ ଦଗ୍ଧ

■ **ଚିତ୍ରଦୁର୍ଗା, ୨୫।୧୨(ଏଜେନ୍ସି):** କର୍ଣ୍ଣାଟକର ଚିତ୍ରଦୁର୍ଗାରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣ ପ୍ରାଣ ହରାଇଛନ୍ତି। ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଯାଉଥିବା ଏକ ସ୍ଲିପର ବସ୍‌କୁ ଟ୍ରକ୍ ଧକ୍କା ଦେବାରୁ ଏଥିରେ ନିଆଁ ଲାଗିଯାଇଥିଲା। ତେବେ କେତେକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମୃତ୍ୟୁ ସଂଖ୍ୟା ୧୨ ଓ ୧୭ ବୋଲି ଦର୍ଶାଯାଇଛି। ବସ୍‌ରେ ୩୦ରୁ ଉର୍ଦ୍ଧ୍ୱ ଲୋକ ଯାତ୍ରା କରୁଥିଲେ। ଏହି ଦୁର୍ଘଟଣା ଜାତୀୟ ରାଜପଥ-୪୮ ରେ ହରିୟୁର ତାଲୁକରେ ଘଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ରାତି ୨ଟା ୩୦ରେ ଦ୍ରୁତଗତିରେ ଆସୁଥିବା ଏକ କନଟେନର ଟ୍ରକ୍ ଡିଭାଇଡର ଭାଙ୍ଗିବା ସହ ତାକୁ ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ବସ୍‌କୁ ଧକ୍କା ଦେଇଥିଲା। ବସ୍‌ରେ ନିଆଁ ଲାଗିଯାଇଥିଲା। ସେତେବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଯାତ୍ରୀମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ବସ୍ ▶ପୃଷ୍ଠା-୭

**ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟାର ପ୍ରତିବାଦ**

# ଚାନ୍ଦବାଲି ବନ୍ଦ ସ୍ୱତଃସ୍ଫୂର୍ତ୍ତ

■ **ଭଦ୍ରକ, ୨୫।୧୨ (ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛୁ ପଡ଼ୁଛି। ଏହାକୁ ନେଇ ରାଜ୍ୟବ୍ୟାପୀ ସବୁମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଆଜି ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ଚାନ୍ଦବାଲି ବନ୍ଦ କରାଯାଇଥିଲା।



ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଚାନ୍ଦବାଲି ବଜାର ବନ୍ଦ କରାଇଥିଲେ। ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଦ୍ୱିଜବର ରାଉତ, ବିଶ୍ୱକେଶରୀ ମହାନ୍ତି, ପ୍ରିନ୍ସ ରାକେଶ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ପ୍ରତାପ ଧଳଙ୍କ ସମେତ ବିଜେଡି କର୍ମୀମାନେ ଟାୟାର୍ ଜାଳି ରାସ୍ତାରେ ବସିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଦିଗମ୍ବର ଦାସଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦକୁ ସାଧାରଣଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ ଜଣାଇଥିବା ଦେଖାଯାଇଥିଲା। ▶ପୃଷ୍ଠା-୭

# ଦିଲ୍ଲୀରେ 'ଅଟଳ କ୍ୟାଣ୍ଟିନ୍'; ୫ ଟଙ୍କାରେ ଭୋଜନ ଥାଳି




ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଡାଲି, ଭାତ,ପରଟା, ପନିପରିବା ଓ ଆଚାର ବିଶିଷ୍ଟ ଏକ ସ୍ୱାଦିଷ୍ଟ ଭୋଜନ ଥାଳିର ମୂଲ୍ୟ ୫୦୦ରୁ ୨, ୦୦୦ ଟଙ୍କା ମଧ୍ୟରେ ମିଳିଥାଏ। ଅବଶ୍ୟ ଏହା ରେଷ୍ଟୋରାଁର ମାନ ଓ ପ୍ରକାର ଏବଂ ସ୍ଥାନ ଉପରେ ନିର୍ଭର କରିଥାଏ। କିନ୍ତୁ ଏବେ ଏହି ଥାଳି ମାତ୍ର ୫ ଟଙ୍କାରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ। ବିଶ୍ୱାସ ନ ହେଲେ ବି ଏହା ସତ ହେବାକୁ ଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା 'ଅଟଳ କ୍ୟାଣ୍ଟିନ' ଯୋଜାନର ଶୁଭାରମ୍ଭ କରିଛନ୍ତି। ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ୪୫ଟି ଅଟଳ କ୍ୟାଣ୍ଟିନ ଆରମ୍ଭ କରାଯାଇଛି। ବାକି ୫୫ଟି କ୍ୟାଣ୍ଟିନର କାର୍ଯ୍ୟ ଖୁବ୍‌ଶୀଘ୍ର ପୂରଣ କରାଯିବ। ଅଟଳ କ୍ୟାଣ୍ଟିନ ଦିଲ୍ଲୀର ଆତ୍ମା ହେବାକୁ ଯାଉଛି। ଏବେ କୌଣସି ବ୍ୟକ୍ତି ଖାଲି ପେଟରେ ଶୋଇବେ ନାହିଁ ବୋଲି ସେ କହିଛନ୍ତି। ଏହି ୪୫ଟି କ୍ୟାଣ୍ଟିନ ଆରକେ ପୁରମ, ଜଙ୍ଗପୁରା, ଶାଲିମାର ବାଗ, ଗ୍ରେଟର କୈଳାଶ, ରାଜଉରୀ ଗାର୍ଡେନ, ନାରେଲା, ବାୱାନା ସମେତ ଅନ୍ୟ ଅଞ୍ଚଳରେ ଖୋଲା ଯାଇଛି। ଏହି କ୍ୟାଣ୍ଟିନଗୁଡିକରେ ଶ୍ରମିକ, ଅସହାୟଓ ବସ୍ତିରେ ରହୁଥିବା ପରିବାରଗୁଡିକୁ ମାତ୍ର ୫ ଟଙ୍କାରେ ପେଟପୂରା ଖାଦ୍ୟ ମିଳିପାରିବ। ଭୋଜନରେ ଭାତ, ଡାଲି, ରୁଟି, ଋତୁକାଳୀନ ପନିପରିବା ଓ ଆଚାର ମଳିବ। ଏହି କ୍ୟାଣ୍ଟିନଗୁଡ଼ିକରେ ପ୍ରତିଦିନ ଦୁଇଥର ଯଥା ସକାଳ ୧୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଏବଂ ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ରାତ୍ରି ଭୋଜନ ମିଳିବ। ପ୍ରତ୍ୟେକ କ୍ୟାଣ୍ଟିନରେ ପ୍ରତିଦିନ ୫୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦିଆଯିବ। ଏହି ଯୋଜନାର ହିତାଧିକାରୀଙ୍କ ପାଇଁ ମାନୁଆଲ କୁପନ ବଦଳରେ ଡିଜିଟାଲ ଟୋକନ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି। ସମସ୍ତ କେନ୍ଦ୍ରଗୁଡିକ ସିସିଟିଭି କ୍ୟାମେରା ଦ୍ୱାରା ନିରୀକ୍ଷଣ କରାଯିବ।

# ଭୋଟ ପାଇଁ ଏସ୍‌ୟୁଭି, ଥାଇଲାଣ୍ଡ ଟ୍ରିପ୍ ଅଫର

ପୁଣେ, ୨୫।୧୨(ଏଜେନ୍ସି): ପୁନେ ମହାନଗର ନିର୍ବାଚନକୁ ଆଉ ୩ ସପ୍ତାହ ବାକିଅଛି। ଭୋଟରଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ମନଲୋଭା ପ୍ରସ୍ତାବ ଦେବା ଆରମ୍ଭ କରିଛନ୍ତି। ଭିମାନ ନଗରର ଜଣେ ପ୍ରାର୍ଥୀ ଦେଇଥିବା ପ୍ରସ୍ତାବ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ତାଙ୍କୁ ଭୋଟ ଦେଲେ ସେ ୫ ଦିନିଆ ଥାଇଲାଣ୍ଡ ଗସ୍ତର ଖର୍ଚ୍ଚ ବହନ ସହ ସୁବିଧା ସୁଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅନ୍ୟଏକ ୱାର୍ଡରେ ଜଣେ ପ୍ରାର୍ଥୀ ଏସ୍‌ୟୁଭି କାର୍, ଦୁଇ ଚକିଆ ଯାନ ଓ ସ୍ୱର୍ଣ୍ଣ ଅଳଙ୍କାର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏଥିପାଇଁ ଲକି ଡ୍ର' ଜରିଆରେ ନିର୍ଣ୍ଣୟ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଲୋହଗାନ-ଧାନୋରୀ ୱାର୍ଡରେ ଜଣେ ପ୍ରାର୍ଥୀ ୧୧ ଜଣ ଭୋଟରଙ୍କୁ ୧, ୧୧୦ ବର୍ଗଫୁଟ୍‌ର ଜମି ଲକି ଡ୍ର ମାଧ୍ୟମରେ ଦେବାକୁ ଘୋଷଣା କରିଛନ୍ତି। ଏଥିପାଇଁ ସେ ପଞ୍ଜୀକରଣ ମଧ୍ୟ ଆରମ୍ଭ କରିଛନ୍ତି। ସେହିପରି ଗୃହିଣୀ ଓ ମହିଳା ଭୋଟରଙ୍କୁ ହଜାର ହଜାର ପାଇଥାନି ସାଢ଼ି ଓ ରେଶମ ଶାଢ଼ି ବଣ୍ଟନ କରାଯାଇଛି। ସେହିପରି ଏମାନଙ୍କୁ ସିଲେଇ ମେସିନ ଓ



ସାଇକଲ ମଧ୍ୟ ଦିଆଯାଇଛି। କ୍ରୀଡ଼ା ଉତ୍ସାହୀ ଭୋଟରମାନଙ୍କ ପାଇଁ ଲକ୍ଷେ ଟଙ୍କାର ନଗଦ ପୁରସ୍କାର ଓ କ୍ରିକେଟ ଲିଗ୍ ସ୍ଥାପନ କରାଯାଇଛି।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ଉଦ୍‌ଘାଟନ କରିଛନ୍ତି। ଏଠାରେ ସେ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ପ୍ରେରଣା ସ୍ଥଳରେ ଦୀନଦୟାଲ, ଶ୍ୟାମା ପ୍ରସାଦ ଓ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚର ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ପ୍ରତିମାର ଓଜନ ୪୨ ଟନ। ୬୫ ଏକର ଜମିରେ ୨୩୦ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି।

# ୧୭ ବର୍ଷ ପରେ ଫେରିଲେ ଖାଲିଦାଙ୍କ ପୁଅ

ଢାକା, ୨୫।୧୨(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପୁଅ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଢାକା ବିମାନ ବନ୍ଦରରେ ରହମାନଙ୍କୁ ସ୍ୱାଗତ ପାଇଁ ତାଙ୍କ ଦଳ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ଲକ୍ଷ କର୍ମକର୍ତ୍ତା ଏକାଠି ହୋଇଥିଲେ। ରହମାନ ଗିରଫ ହେବାର ଆଶଙ୍କାକୁ ଏଡାଇବା ପାଇଁ ୨୦୦୮ରୁ ଲଣ୍ଡନ ଚାଲିଯାଇଥିଲେ। ସେତେବେଳର ଶେଖ ହାସିନା ସରକାର ତାଙ୍କ ବିରୋଧରେ ଏକାଧିକ ଦୁର୍ନୀତି ମାମଲା ଚଳାଇଥିଲେ। ବାଂଲାଦେଶରେ ଆସନ୍ତା ବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ରହମାନଙ୍କ ପ୍ରତ୍ୟାବର୍ତ୍ତନକୁ ଦେଶବାସୀ ବେଶ୍ ଗୁରୁତ୍ୱ ଦେଇଛନ୍ତି। ସେ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ଦେଶ ସମସ୍ତଙ୍କର ବୋଲି କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ପାର୍ଟି ଆୱାମୀ ଲିଗ୍‌କୁ ନିର୍ବାଚନରେ ଅଂଶଗ୍ରହଣ କରିବାରୁ ନିଷିଦ୍ଧ କରାଯାଇଛି। ଏଭିଳି ସ୍ଥିତିରେ ବିଏନ୍‌ପି ନିର୍ବାଚନ ଜିତିବା ଏକପ୍ରକାର ନିଶ୍ଚିତ ମନେ ହେଉଛି। ବିଏନ୍‌ପି ଅଧ୍ୟକ୍ଷ ଖାଲିଦା ଜିଆ ୮୦ ବର୍ଷର ହୋଇସାରିଥିବାରୁ ଏବେ ଅସୁସ୍ଥତା ଦେଇ ଗତି କରୁଛନ୍ତି। ତେଣୁ ଆଗାମୀ ପ୍ରଧାନମନ୍ତ୍ରୀ ଭାବେ ୬୦ ବର୍ଷୀୟ ରହମାନ ସର୍ବାଗ୍ରେ ଅଛନ୍ତି। ସେ ବାଂଲାଦେଶ ଫେରିବା ପରେ ସୃଷ୍ଟି ହୋଇଥିବା ରାଜନୈତିକ ଶୂନ୍ୟତା ପୂରଣ ହେବ ବୋଲି ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ପ୍ରେସ ସଚିବ କହିଛନ୍ତି। ବିମାନ ବନ୍ଦର ପହଞ୍ଚିବା ପରେ ଲୋକେ ତାଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ। ଫଳରେ ଏବେ ବାଂଲାଦେଶ ରାଜନୀତିରେ ନୂଆ ମୋଡ଼ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

■ ସ୍ୱାଗତ ପାଇଁ ଢାକା ବିମାନ ବନ୍ଦରରେ ଏକ ଲକ୍ଷ ସମର୍ଥକ
■ ଶାନ୍ତି ରକ୍ଷା ପାଇଁ ଦେଲେ ଆହ୍ୱାନ

୧୯୬୫ ନଭେମ୍ବର ୨୦ରେ ଜନ୍ମିତ ରହମାନଙ୍କୁ ୧୯୭୧ ମୁକ୍ତି ସଂଗ୍ରାମରେ ଗିରଫ କରାଯିବା ପରେ ଡିସେମ୍ବର ୧୬ରେ ମୁକ୍ତ କରାଯାଇଥିଲା। ୧୯୮୮ରେ ସେ ବାଂଲାଦେଶ ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୪ରେ ଜୁବେଦା ରହମାନଙ୍କୁ ବିବାହ କରିଥିଲେ। ୨୦୦୪ରେ ଆୱାମୀ ଲିଗ୍‌ର ରାଲି ଉପରେ ଗ୍ରେନେଡ ଆକ୍ରମଣ କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ସେ ଦଣ୍ଡିତ ହୋଇଥିଲେ। ୨୦୦୭ରେ ତାଙ୍କ ବିରୋଧରେ ୮୪ଟି ଦୁର୍ନୀତି ମାମଲା ରୁଜୁ କରାଯାଇଥିଲା। ୨୦୦୮ରେ ଗିରଫକୁ ଏଡାଇବା ପାଇଁ ସେ ଲଣ୍ଡନ ପଳାୟନ କରିଥିଲେ। ୨୦୧୪ରେ ସେ ନିର୍ବାଚନ ବହିଷ୍କାର କରିବାକୁ ଘୋଷଣା କରିଥିଲେ ଓ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଥିଲା। ୨୦୨୬ରେ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ୨୦୧୮ରେ ସେ ବିଏନ୍‌ପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୨୦୨୪ରେ ହସିନାଙ୍କ ଗାଦିଚ୍ୟୁତ ଏକରାଯିବା ପରେ ସେ ବହୁ ଅଭିଯୋଗରୁ ମୁକ୍ତ ହୋଇଥିଲେ।



## ସେନା ଯବାନଙ୍କୁ ଇନ୍‌ଷ୍ଟାଗ୍ରାମ୍ ଅନୁମତି

ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି): ଭାରତୀୟ ସେନାବାହିନୀ ତା'ର ଯବାନମାନଙ୍କୁ ସାମାଜିକ ଗଣମାଧ୍ୟମ ଆପ୍ ବ୍ୟବହାର କରିବାକୁ ନେଇ ନୂଆ ନିୟମ ଜାରି କରିଛି। ଯବାନମାନେ ଇନ୍‌ଷ୍ଟାଗ୍ରାମରେ ରିଲ, ଭିଡିଓ ଓ ଫଟୋ ଦେଖିପାରିବେ। କିନ୍ତୁ କମେଣ୍ଟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି କୁହାଯାଇଛି। ହ୍ୱାଟ୍ସଆପ, ଟେଲିଗ୍ରାମ ଭଳି ଆପ୍‌ରେ ଯବାନମାନେ ଅଣ-ଗୋପନୀୟ ସୂଚନା ସେୟାର କରିପାରିବେ। ଏହାକୁ ବାଦ୍ ଦେଲେ ୟୁଟ୍ୟୁବ ଓ ଏକ୍ସର ବ୍ୟବହାର କେବଳ ସୂଚନା ପାଇବା ପାଇଁ କରିପାରିବେ ବୋଲି କୁହାଯାଇଛି। ଗତମାସରେ ସେନା ତା'ର ଯୁଦ୍ଧ ୟୁନିଫର୍ମକୁ ପେଟେଣ୍ଟ କରିଥିଲା। ସେନା ଉନ୍ନତ ମାନର ଡିଜିଟାଲ ପ୍ରିଣ୍ଟ ଡିଜାଇନ୍ ପେଟେଣ୍ଟ କରିଥିଲା। ଏହି ତିନି-ସ୍ତର ୟୁନିଫର୍ମ ସୈନିକମାନଙ୍କୁ ସବୁଦିନିଆ ଆରାମ ପ୍ରଦାନ କରିଥାଏ। ଅର୍ଥାତ ସେନାର ବିନା ଅନୁମତି ବିନା କେହି ଏହି ଡିଜାଇନ୍ ସହିତ ୟୁନିଫର୍ମ ତିଆରି, ବିକ୍ରୟ କିମ୍ବା ବ୍ୟବହାର କରିପାରିବେ ନାହିଁ। ଏହା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି।

## ପ୍ରବଳ କୁହୁଡ଼ି ଯୋଗୁଁ ୬୩ ବିମାନ ବାତିଲ୍

ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି): ଦେଶରେ କିଛି ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଘନ କୁହୁଡି କାରଣରୁ ଗୁରୁବାର ଏୟାରଲାଇନ୍ସ କମ୍ପାନୀ ଇଣ୍ଡିଗୋର ୬୩ଟି ବିମାନକୁ ବାତିଲ କରାଯାଇଛି। ସେହିପରି ଅପରେସନ ଜନିତ ପ୍ରକ୍ରିୟା କାରଣରୁ ୪ ବିମାନର ଉଡାଣ ରଦ୍ଦ ହୋଇଛି। ଅଗରତାଲା, ଚଣ୍ଡିଗଡ଼, ଡେରାଡୁନ, ବାରଣାସୀ ଓ ବେଙ୍ଗାଲୁରୁ ବିମାନ ବନ୍ଦର କୁହୁଡି ଯୋଗୁଁ ପ୍ରଭାବିତ ହୋଇଛି। ଉତ୍ତରପ୍ରଦେଶର ଲକ୍ଷ୍ନୌ, ପ୍ରୟାଗରାଜ ସମେତ ୫୦ଟି ଉର୍ଦ୍ଧ୍ୱ ଜିଲ୍ଲାରେ ଘନ କୁହୁଡି ଦେଖା ଦେଇଥିଲା। କେତୋଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନରେ ପହଞ୍ଚିଥିଲା। ଗତ ୩ ଦିନରେ ଶୀତ ଓ ପ୍ରବଳ ଥଣ୍ଡା କାରଣରୁ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଉତ୍ତର ଦିଗରୁ ଆସୁଥିବା ପବନ କାରଣରୁ ରାଜସ୍ଥାନରେ ଗୁରୁବାର ଶୀତ ଆହୁରି ବୃଦ୍ଧି ପାଇଛି। ସିକର ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀରେ ପହଞ୍ଚିଛି। ସେହିପରି ମଧ୍ୟପ୍ରଦେଶର ପଚମାଢୀରେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀରେ ପହଞ୍ଚିଛି। ନୂଆବର୍ଷ ଆରମ୍ଭ ହେବା ପର୍ଯ୍ୟନ୍ତ ରାଜ୍ୟର ଏକାଧିକ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

## ହମାସ ମୁଖ୍ୟଙ୍କୁ ହତ୍ୟା ପୂର୍ବରୁ ଭେଟିଥିଲେ ଗଡ଼କରୀ



ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପୂର୍ବତନ ହମାସ ମୁଖ୍ୟ ଇସମାଇଲ ହାନିଆଙ୍କୁ ଭେଟିଥିଲେ। ଏକ ପୁସ୍ତକ ଉନ୍ମୋଚନ ଅବସରରେ ଗଡ଼କରୀ କହିଛନ୍ତି ଯେ ୨୦୨୪ରେ ଯେତେବେଳେ ସେ ଇରାନ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବାକୁ ଯାଇଥିଲେ ସେତେବେଳେ ସେ ହାନିଆଙ୍କୁ ଭେଟିଥିଲେ। କିନ୍ତୁ କିଛି ଘଣ୍ଟା ପରେ ଇସ୍ରାଏଲ ତାଙ୍କୁ ହତ୍ୟା କରିଛି ବୋଲି ସୂଚନା ମିଳିଥିଲା। ହାନିଆ ଇରାନ ରାଷ୍ଟ୍ରପତି ମସୁଦ ପେଜସକିଆନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ତେହେରାନ ଯାଇଥିଲେ। ସେଠାରେ ମିସାଇଲ ଆକ୍ରମଣରେ ତାଙ୍କୁ ହତ୍ୟା କରାଯାଇଥିଲା। ସେ ହମାସର ସବୁଠାର ବଡ଼ ନେତା ଥିଲେ ବୋଲି ଗଡ଼କରୀ କହିଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ବିଶ୍ୱର ପ୍ରାୟ ସବୁ ଦେଶର ନେତା ଯୋଗ ଦେଇଥିଲେ। ସବୁ ଅତିଥିଙ୍କୁ ଏକ ପଞ୍ଚ ତାରକା ହୋଟେଲରେ ରଖାଯାଇଥିଲା। ତାଙ୍କ ହତ୍ୟା ପାଇଁ ଇସ୍ରାଏଲକୁ ଦାୟୀର କରିଥିଲା ଇରାନ।

# ଆମେରିକା ମିଛ ତଥ୍ୟ ଦେଉଛି: ଚୀନ



ବେଜିଂ, ୨୫।୧୨ (ଏଜେନ୍ସି): ଏବେ ଆମେରିକା ଚୀନ୍ ପଛରେ ପଡ଼ିଛି। ନିକଟରେ ପେଣ୍ଟାଗନ ପକ୍ଷରୁ ଜାରି ରିପୋର୍ଟରେ ଚୀନ୍ ବିରୋଧରେ ଭୟଙ୍କର ଅଭିଯୋଗ ଲଗାଯାଇଛି। ଏହି ରିପୋର୍ଟରେ ଭାରତକୁ କେନ୍ଦ୍ରରେ ରଖି ଅନେକ ଦାବି କରାଯାଇଥିଲା। ଭାରତ ସହ ସମ୍ପର୍କରେ ଚୀନ୍ ଦୋମୁହାଁ ନୀତି ଅବଲମ୍ବନ କରୁଥିବା କୁହାଯାଇଥିଲା। ପାକିସ୍ତାନ ସହ ମିଶି ଚୀନ୍ ଭାରତକୁ ଘେରିବା ପାଇଁ ଷଡ଼ଯନ୍ତ୍ର, ଅରୁଣାଚଳ ପ୍ରଦେଶ ହଡ଼ପ ପାଇଁ ଚାଲ୍, ଭାରତ-ଆମେରିକା ସମ୍ବନ୍ଧ ଖରାପ କରୁଥିବା ଅଭିଯୋଗ ଲଗା ଯାଇଥିଲା। ଏବେ ଏହାକୁ ନେଇ ଚୀନ୍ ଆମେରିକାକୁ ଦୃଢ଼ ଜବାବ ଦେଇଛି। ଚୀନ୍ ସ୍ପଷ୍ଟ କରିଛି ଯେ ଭାରତ ସହିତ ଦେଶର ସମ୍ପର୍କ ସୁଧୁରୁଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଭରସମା ମଜବୁତ ଏବଂ ମତଭେଦକୁ ଦୂର କରିବା ପାଇଁ ସମ୍ବାଦ ଆଗକୁ ବଢ଼ାଇବାକୁ ଚାହୁଁଛି। ଏଥିରେ କୌଣସି ପ୍ରକାରର ଷଡ଼ଯନ୍ତ୍ର କରାଯାଇ ନାହିଁ। ଏବେ ଏଲଏସିର ସ୍ଥିତି ସ୍ଥିର ରହିଛି। ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ।ମାତ୍ର ଭାରତ-ଚୀନ୍ ସମ୍ପର୍କକୁ ଖରାପ କରିବାକୁ ଆମରିକା ପ୍ରୟାସ କରୁଛି। ଚୀନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଭାରତ-ଚୀନ୍ ସୀମାରେ ସ୍ଥିତି ସ୍ଥିର ରହିଛି। ଦୁଇ ଦେଶ ମଧ୍ୟରେ ଯୋଗାଯୋଗର ପଥଗୁଡ଼ିକ ସଠିକ୍ ଭାବରେ କାର୍ଯ୍ୟ କରୁଛି। ଏହି ପ୍ରସଙ୍ଗରେ ଯେକୌଣସି ତୃତୀୟ ଦେଶର ଅନାବଶ୍ୟକ ମନ୍ତବ୍ୟକୁ ଚୀନ୍ ବିରୋଧ କରୁଛି। ଆମେରିକା ଜାଣିଶୁଣି ଚୀନ୍‌ର ପ୍ରତିରକ୍ଷା ନୀତିକୁ ଭୁଲ ଭାବେ ଚିତ୍ରଣ କରୁଛି। ଅନ୍ୟ ଦେଶ ସହ ଚୀନ୍‌ର ସମ୍ପର୍କକୁ ଖରାପ କରିବାକୁ ପ୍ରୟାସ କରାଯାଉଛି। ଅନ୍ୟ ଦେଶ ଉପରେ ନିଜ ସେନା ପ୍ରଭାବ ବଜାୟ ରଖିବା ପାଇଁ ଆମେରିକା ଏପରି କରୁଛି ବୋଲି ଚୀନ୍ ଅଭିଯୋଗ କରିଛି। ଏଭଳି ରିପୋର୍ଟ ଜାରି କରି ଭାରତ-ଚୀନ୍ ମଧ୍ୟରେ ଆମେରିକା ମୁହାଁମୁହିଁ ସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି।

## ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ-ଗୋଆ ଫରୱାର୍ଡ ମେଣ୍ଟ ବିଜୟୀ

ପଣଜୀ, ୨୫।୧୨(ଏଜେନ୍ସି): ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ ଓ ଗୋଆ ଫରୱାର୍ଡ ମେଣ୍ଟ ବିଜୟ ହାସଲ କରିଛି। ଦୀର୍ଘ ୧୫ ବର୍ଷ ପରେ ଏହି ମେଣ୍ଟ ବାଜି ମାରିବାକୁ ସକ୍ଷମ ହୋଇଛି। ଗୋଆ ଫରୱାର୍ଡ ଦଳର ଅଧ୍ୟକ୍ଷ ବିଜୟ ସରଦେଶାଇ କହିଛନ୍ତି ଯେ, ଏହି ବିଜୟ ଏକତାର ଶକ୍ତି, ନିରନ୍ତର କଠିନ ପରିଶ୍ରମ ଓ ଛାତ୍ରମାନଙ୍କ ଦ୍ୱାରା ପ୍ରଗତିଶୀଳ ଦୃଷ୍ଟିକୋଣର ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏହି ବିଜୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସହଯୋଗ ରାଜନୀତିକୁ ଦର୍ଶାଉଛି। ଏହି ବିଜୟ ମେଣ୍ଟକୁ ଆହୁରି ଶକ୍ତିଶାଳୀ କରିବା ସହ ମନୋବଳକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଡିସେମ୍ବର ୨୩ରେ ଏହି ନିର୍ବାଚନ ହୋଇଥିଲା। କାର୍ଯ୍ୟକାରୀ କମିଟିର ୯ଟି ଆସନରୁ ୮ଟିରେ ମେଣ୍ଟ ବାଜି ମାରିଛି। ସାଇ ବାଲାଚନ୍ଦ୍ର ଦେଶାଇଙ୍କୁ ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି।

# ହାତ ମିଳାଇବେ ଦୁଇ ପାୱାର

ମୁମ୍ବଇ, ୨୫।୧୨ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ୨୦ ବର୍ଷ ପରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଏବଂ ତାଙ୍କ ଭାଇ ଏମଏନଏସ ମୁଖ୍ୟ ରାଜ ଠାକରେ ଏକାଠି ହୋଇ ମୁମ୍ବଇ ମହାନଗର ନିଗମ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଏହାର ଦିନକ ପରେ ଏନ୍‌ସିପି ଗୋଷ୍ଠୀରୁ ମଧ୍ୟ ଏଭଳି ଭେଟଘାଟର ଖବର ଆସିଛି। ପୁଣି ଦାଦା-ପୁତାର ଏକାଠି ହେବାର ସମ୍ଭାବନା ରହିଛି। ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଏବଂ ତାଙ୍କ ଦାଦା ତଥା ଏନସିପି ମୁଖ୍ୟ ଶରଦ ପାୱାର ପୁରୁଣା କଥାକୁ ଭୁଲି ଏକାଠି ହେବାର ସଙ୍କେତ ଦେଇଛନ୍ତି। ଜାନୁଆରୀ ୧୫ରେ ହେବାକୁ ଥିବା ପୁନେ ପୌର ପାଳିକା ନିର୍ବାଚନରେ ଦୁଇ ଗୋଷ୍ଠୀ ଏକାଠି ଲଢ଼ିପାରନ୍ତି। ଏଥିପାଇଁ ଉଭୟ ଗୋଷ୍ଠୀର ନେତାଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଏ କେତେ ଆସନରେ ଲଢ଼ିବ ତାହାକୁ ନେଇ ଚର୍ଚ୍ଚା ହେଉଛି। ଏପରି ହେଲେ ରାଜ୍ୟରେ ନୂଆ ସମୀକରଣ ସୃଷ୍ଟି ହେବ। ଏବେ ବିଜେପି ଉପରେ ସମସ୍ତଙ୍କ ନଜର ରହିଛି। କାରଣ କ୍ଷମତାସୀନ ମହାଯୁତି ମେଣ୍ଟରେ ସାମିଲ ହେବା ପାଇଁ ଦିନେ ଅଜିତ ଦାଦାଙ୍କ ସହ ବିଦ୍ରୋହ କରିଥିଲେ। ଅନେକ ବିଧାୟକଙ୍କୁ ଧରି ସରକାରରେ ସାମିଲ ହୋଇଥିଲେ।

ପୁନେ ପୌର ନିର୍ବାଚନରେ ଏକନାଥ ସିନ୍ଦେଙ୍କ ଶିବେସନା ୪୦ରୁ ୪୫ ଆସନ ଚାହୁଁଛି। ମାତ୍ର ଅଜିତ ଗୋଷ୍ଠୀ ଏତେ ଦେବାକୁ ଚାହୁଁନାହିଁ। ଏପଟେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇ ନ ଥିବାବେଳେ ସେପଟେ ଅଜିତ ଗୋଷ୍ଠୀ ଦାଦାଙ୍କ ଦଳ ସହ ଆଲୋଚନା ଆରମ୍ଭ କରିଛି। ତେବେ ଶରଦଙ୍କ ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଭଉଣୀ ସୁପ୍ରିୟା ସୁଲେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ବୁଧବାର ରାତିରେ ଏଥିପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।

## ନାନ୍ଦେଡରେ କୃଷକଙ୍କ ପରିବାରର ସାମୂହିକ ଆତ୍ମହତ୍ୟା !

ନାନ୍ଦେଡ, ୨୫।୧୨(ଏଜେନ୍ସି): ମହାରାଷ୍ଟ୍ରର ନାନ୍ଦେଡ ଜିଲ୍ଲାରେ ଗୁରୁବାର ସକାଳେ ଜଣେ କୃଷକ, ତାଙ୍କ ପତ୍ନୀ ଓ ଦୁଇ ପୁଅଙ୍କ ମୃତଦେହ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ପୁଲିସ ଏହାକୁ ସାମୂହିକ ଆତ୍ମହତ୍ୟା ବୋଲି ଆଶଙ୍କା କରୁଛି। ୫୧ ବର୍ଷୀୟ କୃଷକ ରମେଶ ସୋନାଜି ଲାଖେ ଓ ପତ୍ନୀ ୪୫ ବର୍ଷୀୟା ରାଧାବାଇ ଲାଖେଙ୍କ ମୃତଦେହ ମୁଦଖେଡ ତହସିଲ୍‌ର ଜୱାଲ ମୁନାର ଗାଁରେ ତାଙ୍କ ଘରୁ ଉଦ୍ଧାର କରାଯାଇଥିଲା। ସେହିପରି ୨୫ ବର୍ଷୀୟ ପୁଅ ରମେଶ ଓ ୨୩ ବର୍ଷୀୟ ବରରଙ୍ଗଙ୍କ ମୃତଦେହ ନିକଟସ୍ଥ ରେଳ ଲାଇନ୍‌ରୁ ଉଦ୍ଧାର କରାଯାଇଥିଲା। ଦୁଇଜଣ ଦ୍ରୁତଗତିରେ ଆସୁଥିବା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବାର ସନ୍ଦେହ କରାଯାଉଛି। ଫରେନସିକ ଲାବୋରାଟୋରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ସମ୍ପୂର୍ଣ୍ଣ ବୈଷୟିକ ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

# 'ଦୁଷ୍କର୍ମ' ନାମରେ ୧୦ କୋଟି ବଟି ଆଦାୟ; ଦୁଇ ମହିଳା ଗିରଫ



ମୁମ୍ବଇ, ୨୫।୧୨ (ଏଜେନ୍ସି): ମିଥ୍ୟା ଅଭିଯୋଗ ଲଗାଇ ଆଇନର ଅପବ୍ୟବହାର କରିବା ମାମଲା ସାରା ଦେଶରେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବଟି ଆଦାୟ ପାଇଁ ଆଇନର ଅପବ୍ୟବହାର କେମିତି କରାଯାଏ ତାହାର ଜ୍ୱଳନ୍ତ ଉଦାହରଣ ମୁମ୍ବଇରୁ ସାମ୍ନାକୁ ଆସିଛି। ଦୁଇ ଜଣ ମହିଳା ମିଥ୍ୟା ଦୁଷ୍କର୍ମ ଅଭିଯୋଗ ଲଗାଇ ୧୦ କୋଟି ଟଙ୍କା ବଟି ମାଗିବା ମାମଲାରେ ମୁମ୍ବଇ ପୁଲିସ ୨ ମହିଳାଙ୍କୁ ଗିରଫ କରିଛି। ହେମଲତା ଆଦିତ୍ୟ ପଟକର ଓରଫ ହେମଲତା ବାନେ (୩୯) ଏବଂ ଅମରିନା ଇକବାଲ ଜାଭେରି ଓରଫ ଅମିରନା ମାଥ୍ୟୁ ଫର୍ଣ୍ଣାଣ୍ଡିଜଙ୍କୁ ଟଙ୍କା ନେଉଥିବା ସମୟରେ ଆଣ୍ଟି-ଏକ୍ସଟୋର୍ସନ ସେଲ ଧରିଛି। ଉଭୟେ ଜଣେ ବ୍ୟବସାୟୀଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ।

ସୂଚନା ଅନୁଯାୟୀ, ଗୋରେଗାଁଓ ୱେଷ୍ଟରେ ରହୁଥିବା 'ଗୋୟଲ ଆଣ୍ଡ ସନ୍‌ସ ଇନଫ୍ରା ଏଲଏଲପି'ର ମାଲିକ ଅରବିନ୍ଦ ଗୋୟଲଙ୍କ ପୁଅ ରିତମଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ। ନଭେମ୍ବର ୫ରେ ଯଶଭି ଶାହଙ୍କ ସହିତ ରିତମଙ୍କ ନିର୍ବନ୍ଧ ହୋଇଥିଲା। ନଭେମ୍ବର ୧୪ ରାତିରେ ଆମ୍ବୋଲି ଅଞ୍ଚଳର ଏକ ହୋଟେଲରେ ବିବାହ ଉତ୍ସବ ପାଳନ ପାଇଁ ଏକ ପାର୍ଟିର ଆୟୋଜନ କରାଯାଇଥିଲା। ଏଠାରୁ ଲିଫ୍ଟରେ ବାହାରୁଥିବା ସମୟରେ ଜଣେ ଅଜଣା ମହିଳା ପ୍ରବେଶ କରି ରିତମ୍ ତାଙ୍କ ଉପରେ ଲେଜର ଲାଇଟ୍ ପକାଇ ଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦ ହୋଇଥିଲା। ମହିଳା ଚିତ୍କାର କରିଥିଲେ। ଏହା ଶୁଣି ଲୋକ ରୁଣ୍ଡ ହୋଇ ଯାଇଥିଲେ। ପରେ ସେ ଯାଇ ଆମ୍ବୋଲି ଥାନାରେ ଦୁଷ୍କର୍ମ ମାମଲା ରୁଜୁ କରିଥିଲେ।

ତେବେ କିଛି ଦିନ ପରେ କୋର୍ଟ ବାହାରେ ମାମଲାର ଫଇସଲା ପାଇଁ ଦୁଇ ମହିଳା ବ୍ୟବସାୟୀଙ୍କ ଉପରେ ଚାପ ପକାଇ ଥିଲେ। ଏଥିପାଇଁ ଉଭୟେ ୧୦ କୋଟି ଟଙ୍କା ମାଗିଥିଲେ। ଡିସେମ୍ବର ୨୦ରେ ଅରବିନ୍ଦଙ୍କୁ ଏକ ହୋଟେଲକୁ ଡାକି ଟଙ୍କା ଦେବା ପାଇଁ ହେମଲତା ଧମକାଇଥିଲେ। ଏପରି ନ କଲେ ପୁଅ ଜୀବନ ଯାକ ଜେଲ୍‌ରେ ରହିବ ବୋଲି କହିଥିଲେ। ମୂଲଚାଲ ପରେ ୫.୫ କୋଟି ଦେବାକୁ ଛିଡ଼ି ଥିଲା। ମାତ୍ର ଏ ନେଇ ବ୍ୟବସାୟୀ ଥାନାରେ ଅଭିଯୋଗ କରିଥିଲେ। ବ୍ୟବସାୟୀଙ୍କଠୁ ଟଙ୍କା ନେଉଥିବା ବେଳେ ପୁଲିସ ଦୁଇ ମହିଳାଙ୍କୁ ଧରିଥିଲା। ଏହି ମାମଲାରେ ଉତ୍କର୍ଷ ନାମକ ଅଭିଯୁକ୍ତ ମଧ୍ୟ ସାମିଲ ରହିଛି।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା

# ଶବ ଧରି ଫେରାର୍ ବେଳେ ଧରିଲେ ଗାଁ ଲୋକ

ଦେଓଗାଁ, ୨୫।୧୨(ସମିସ): ସ୍ତ୍ରୀକୁ ହତ୍ୟା କରିବା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ଜଣେ ଯୁବକଙ୍କୁ ଗାଁଲୋକ ଧରି ପୁଲିସ ଜିମା ଦେବା ଭଳି ଘଟଣା ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଦେଓଗାଁ ଥାନା ତଥା ଗାଇବାହାଲ ପଞ୍ଚାୟତ ଜୁର୍ଲାକାନୀ ଗାଁରେ ଏହି ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୁର୍ଲାକାନୀ ଗାଁର ତପ ମଲ୍ଲିକ(୩୧)। ତପଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ପୁଲିସ୍। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ମହାଦେବ ମଲ୍ଲିକକୁ ଗିରଫ କରିଛି। ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛି। ହସ୍ପିଟାଲରୁ ଫେରିବା ପରେ ତାକୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଳୟରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତିରେ ମହାଦେବ ଓ ପତ୍ନୀ ତପଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗଯାଇ ମହାଦେବ ଏକ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିଲା। ହତ୍ୟା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ଗାଁଲୋକ ତାକୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଦେଓଗାଁ ପୁଲିସ ଘଟଣାସ୍ଥଳରୁ ତାକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସୁସ୍ଥ ହେବା ପରେ ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ଗୁରୁବାର ସକାଳେ ବଲାଙ୍ଗିରରୁ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୁକ୍ତ ମହାଦେବଙ୍କ ବଡ଼ଭାଇ ଉଦ୍ଧବଙ୍କ କହିବାନୁସାରେ, ମହାଦେବ ଘରଜ୍ୱାଇଁ ଭାବେ ମଦନପୁର ରାମପୁର ଥାନା କୁନ୍ଦେଇପାଲି ଗାଁରେ ସ୍ତ୍ରୀ ଓ ଏକ ଶିଶୁପୁତ୍ର ସହ ରହୁଥିଲା। ସେ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀକୁ ଆସି ରହେ। କିଛି ଦିନ ହେଲା ସେ ଏଠାକୁ ଆସି ରହୁଥିବା ବେଳେ ତାକୁ ଚିକିତ୍ସା କରାଇବା ପାଇଁ ମହାଦେବର ସ୍ତ୍ରୀ ଓ ଶଶୁର ମଧ୍ୟ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀକୁ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଶବ ଧରି ଫେରାର ମାରିବା ସମୟରେ ଗାଁ ଲୋକ କାବୁ କରିଥିଲେ।

■ ଏସ୍‌ଆଇ ଚାକିରି ଦେବା ଆଳରେ ୧.୫ କୋଟି ଠକେଇ

# ପୁଣେରୁ କାଳନ୍ଦୀ ରାଉତଙ୍କୁ ବାନ୍ଧିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୨୫।୧୨(ସମିସ): ପୁଲିସ ସବ୍‌ଇନ୍ସପେକ୍ଟର ଚାକିରି କରାଇ ଦେବା ଆଳରେ ଠକେଇ ଅଭିଯୋଗରେ କାଳନ୍ଦୀ ରାଉତଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପୁଲିସ ପୁଣେରୁ ଗିରଫ କରିଛି। ତାଙ୍କ ନିକଟରୁ ଲାପ୍‌ଟପ୍, ବେଆଇନ ସିମ୍‌କାର୍ଡରେ ବ୍ୟବହୃତ ମୋବାଇଲ ଫୋନ୍ ଓ ୭ରୁ ଅଧିକ ବେନାମୀ ଏଟିଏମ୍ କାର୍ଡ ମିଳିଛି। ସେ ୨୦୨୧ ମସିହାରୁ ଇଓଡବ୍ଲୁ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିଲେ। ସବ୍‌ଇନ୍ସପେକ୍ଟର ଚାକିରି କରାଇ ଦେବା ନାଁରେ ୨୦୨୦ ମସିହାରେ ସେ ୩୮ ଜଣଙ୍କଠାରୁ ପ୍ରାୟ ୧ କୋଟି ୪୭ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଶ୍ରୀ ରାଉତ ନିଜକୁ ଗୃହ ବିଭାଗର ସର୍ବେସର୍ବା କହି ବିଶ୍ୱାସ ଜନ୍ମାଇବା ପରେ ଖାଲିଥିବା ତାଲିକାରେ ନାଁ ଯୋଡ଼ି ଦେବାକୁ କହି ଜଣକ ପିଛା ୫ ଲକ୍ଷ ଟଙ୍କା ନେଇଥିଲେ। ଏହି ମାମଲାରେ ୨୦୨୨ ମସିହାରେ ଅଭିଯୁକ୍ତ ବୈକୁଣ୍ଠ ନାୟକଙ୍କୁ ନବରଙ୍ଗପୁରରୁ, ଭୀମସେନ ମହାରଣାଙ୍କୁ ଭୁବନେଶ୍ୱରରୁ ଏବଂ ଜୟନ୍ତ ମହାନ୍ତିଙ୍କୁ ବାଲେଶ୍ୱରରୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଅନ୍ୟପଟେ ଚଳିତବର୍ଷ ହୋଇଥିବା ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ମାଷ୍ଟରମାଇଣ୍ଡ ଅମିତ ଭାରତୀଙ୍କୁ ବିହାରରୁ ଗିରଫ କରିବା ପରେ ଜେରା ଆରମ୍ଭ କରିଛି।

**ରାଜ୍ୟରେ ଥମୁନି ମହିଳା ହିଂସା**

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ

ଭୁବନେଶ୍ୱର,୨୫ ।୧୨(ସମିସ): ନାବାଳିକା ଓ ମହିଳା ହିଂସା ପ୍ରସଙ୍ଗରେ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ବିଜେପି ସରକାର। ରାଜ୍ୟରେ ସରକାର ପରିବର୍ତ୍ତନ ପରଠାରୁ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ମାମଲା ସାରା ରାଜ୍ୟକୁ ଦୋହଲାଇ ଦେଉଛି। ଗତ କେଇଦିନର ବ୍ୟବଧାନରେ ଧଉଳି ଗଣଦୁଷ୍କର୍ମ ଓ ଚାନ୍ଦବାଲିରେ ଜଣେ ୧୦ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନ୍ ଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାସହିତ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଏହି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିବା ବେଳେ ଆସନ୍ତା ୨୭ ତାରିଖରେ ଚାନ୍ଦବାଲି ଗସ୍ତ କରିବେ ବୋଲି କହିଛନ୍ତି। ଏହା ବ୍ୟତୀତ ଗୁରୁବାର ବିଜେଡି ଓ କଂଗ୍ରେସ ଏହି ଘଟଣାରେ ଚାନ୍ଦବାଲି ବନ୍ଦ ପାଳନ କରିଛନ୍ତି, ସବୁ ଦିଗରୁ ଚାପ ସୃଷ୍ଟି ହେଉଥିବାରୁ ଆଇନଶୃଙ୍ଖଳାକୁ ନେଇ ସରକାର ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଜାତୀୟସ୍ତରରେ ପହଞ୍ଚିଥିଲା। ଏହପରେ ଗୋଟିଏ ପରେ ଗୋଟିଏ ଘଟଣା ସରକାରଙ୍କୁ ହରଡ଼ଘଣାରେ ପକାଇଛି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାର କ୍ଷମତାସୀନ ହେବା ପରେ ଓଡ଼ିଶାରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ପୁରାପୁରି ଭୁଷୁଡି ପଡ଼ିଛି। ରାଜ୍ୟ ଆଜି ଅରାଜକତା, ଭୟ ଏବଂ ଅସୁରକ୍ଷାର ଗଭୀର ଅନ୍ଧକାରରେ ବୁଡି ରହିଛି। ଦିନକୁ ଦିନ ଦୁଷ୍କର୍ମ, ଗଣଦୁଷ୍କର୍ମ, ମହିଳା ଓ ଶିଶୁମାନଙ୍କ ଉପରେ ହିଂସା,ଅତ୍ୟାଚାର, ହତ୍ୟା ଏବଂ ଆଦିବାସୀ, ଦଳିତ, ଶ୍ରମିକ ଏବଂ ଗରିବ ଲୋକଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି। ଏହି ସବୁ ଘଟଣା ପରେ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀମାନଙ୍କୁ ରୋକିବାରେ ପୁରାପୁରି ବିଫଳ ହୋଇଯାଇଥିବା ପରିଲକ୍ଷିତ ହୋଇଛି।

ଚାନ୍ଦବାଲି ଘଟଣା ପୂର୍ବରୁ ଭୁବନେଶ୍ୱର ନିକଟରେ ଧଉଳି ଠାରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାରେ ସରକାରଙ୍କ ବିଫଳତାକୁ ପ୍ରଶ୍ନ ଉଠିବା ସହ ରାଜଧାନୀର ନାକତଳେ କିପରି ଏଭଳି ଘଟଣା ଘଟାଇବାକୁ ଅପରାଧୀ ସାହସ ପାଇଲେ ତାକୁ ନେଇ ପ୍ରଶ୍ନ ଉଠିଥିଲା। ପୂର୍ବରୁ ଗୋପାଳପୁର ବେଳାଭୂମି ଠାରେ ଏହିଭଳି ବର୍ବର ଘଟଣା ମଧ୍ୟ ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ପୁରୀ ଜିଲ୍ଲା ବାଲିହରଚଣ୍ଡିରେ ଏକ ଗଣଦୁଷ୍କର୍ମ ମାମଲା ଲୋକଙ୍କ ଛାତି ଥରାଇ ଦେଇଛି। ଏହି ତିନୋଟି ଘଟଣା କେବଳ ଉଦାହରଣ ମାତ୍ର। ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆମ୍ବାଦାହ ଘଟଣା ବଲଙ୍ଗାରେ ଜଣେ ଯୁବତୀଙ୍କୁ ନିଆଁରେ ପୋଡ଼ି ହତ୍ୟା ଘଟଣା ଓଡ଼ିଶାର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି। ଅପରାଧର ଗମ୍ଭୀରତା ଅନୁଯାୟୀ ଅପରାଧୀମାନଙ୍କୁ ଶୀଘ୍ର ଗିରଫ କରାଯାଉନି, ଦୃଢ଼ ତଦନ୍ତ ହେଉନି ଏବଂ କଠୋର ଶାସ୍ତି ମିଳୁନି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ପ୍ରତି ମାମଲାରେ ଅପରାଧୀ ଗିରଫ ହେଉଛନ୍ତି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ଏଭଳି ଘଟଣା ବଢୁଥିବାରୁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହେବା ସହ ନିଜର ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଆମେରିକା ଜାରି କରିଥିବା ମାର୍ଗଦର୍ଶିକାରେ ଓଡ଼ିଶା ନାଁ ରହିବା, ଓଡ଼ିଶାର ଗରିମାକୁ ମାଟିରେ ମିଶାଇ ଦେଇଛି। ଚାନ୍ଦବାଲି ଘଟଣାକୁ ନେଇ ଏବେ ସବୁ ବିରୋଧୀ ଦଳ ସରକାରଙ୍କୁ ଘେରୁଥିବା ବେଳେ ସରକାର କେଉଁ ଉପାୟରେ ଏହି ଆକ୍ରମଣକୁ ପ୍ରତିହତ କରୁଛନ୍ତି, ତା ଉପରେ ଲକ୍ଷ୍ୟ ରହିଛି।

**ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା**

# ୨୭ରେ ପିସିସି ପ୍ରତିନିଧିଙ୍କ ଚାନ୍ଦବାଲି ଗସ୍ତ

ଭୁବନେଶ୍ୱର,୨୫ ।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଜଣେ ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ପିସିସିର ଏକ ପ୍ରତିନିଧି ଦଳ ଚାନ୍ଦବାଲି ଗସ୍ତ କରିବ ବୋଲି ସ୍ଥିର ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପିସିସି ପ୍ରତିନିଧି ଦଳ ଚାନ୍ଦବାଲି ଯିବ ବୋଲି ଗୁରୁବାର ଦଳ ପକ୍ଷରୁ କୁହାଯାଇଛି। ଦଳ କହିଛି ଯେ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନାର ଏହା ଆଉ ଏକ ଉଦାହରଣ। ଉକ୍ତ ଦିବଙ୍ଗତ ନାବାଳିକାଙ୍କ ପରିବାରକୁ ସମବେଦନା ଜଣାଇବା ସହ ନାରୀ ନିର୍ଯାତନା ବିରୋଧରେ ଜନସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୨୭ ତାରିଖ ପୂର୍ବାହ୍ନ ୯ଟାରେ କଂଗ୍ରେସ ଭବନରୁ ବାହାରି କଟକ, ସାଲେପୁର, କେନ୍ଦ୍ରାପଡ଼ା, ପଟାମୁଣ୍ଡାଇ, ଆଳି ଓ ରାଜକନିକା ହୋଇ ମଧ୍ୟାହ୍ନରେ ଚାନ୍ଦବାଲିରେ ପହଞ୍ଚିବ।

ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ବିଧାୟକ ଅଶୋକ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଅସିତ ପଟ୍ଟନାୟକ, ଅମୀୟ ମହାପାତ୍ର, କଟକ, କେନ୍ଦ୍ରାପଡ଼ା ଓ ଭଦ୍ରକର ଡିସିସି ସଭାପତିବୃନ୍ଦ ରହିବେ। ଅପରାହ୍ଣ ୩ଟାରେ ଉକ୍ତ ପ୍ରତିନିଧିଦଳ ଭଦ୍ରକ ଆସି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ବାଜପେୟୀ ଥିଲେ ନୀତି ଓ ଆଦର୍ଶର ବ୍ରାଣ୍ଡ ଆମ୍ବାସାଡର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୨(ସମିସ): ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଏବଂ ଭାରତୀୟତାର ଦାର୍ଶନିକ। ରାଜନୀତିକୁ କେବେ ହେଲେ ସେ ଏକ ପେସା ଭାବେ ଗ୍ରହଣ କରିନଥିଲେ। ଜନସେବା ଏବଂ ରାଷ୍ଟ୍ରସେବାକୁ ନିଜର ଧର୍ମ ଭାବେ ଗ୍ରହଣ କରି ସାମାଜିକ ଜୀବନରେ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ବାଜପେୟୀଜୀଙ୍କ ସୁଶାସନର ମନ୍ତ୍ର ଏବଂ ମୋଦୀଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟ କରି ଆମ ୧୮ ମାସର ସରକାର ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ସ୍ୱର୍ଗତଃ ବାଜପେୟୀ ରାଜନୈତିକ ନୀତି ଓ ଆଦର୍ଶର ସେ ଥିଲେ ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସଡର ଥିଲେ ବୋଲି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ

**ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍ ଲୋକାର୍ପିତ**



ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକସ୍ତର ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ଉନ୍ନତମାନର ଚିକିତ୍ସାସେବା ଓ ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍'ର ଲୋକାର୍ପଣ କରିଛନ୍ତି।

ଭୁବନେଶ୍ୱର ଓୟୁଏଟି କୃଷିଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଟଳଜୀଙ୍କ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଏମ୍ସ ଖୋଲାଯାଇଥିଲା। ରାଜ୍ୟରେ ପ୍ରତିଷ୍ଠା ପାଇଥିବା ଇଷ୍ଟକୋଷ୍ଟ ରେଲୱେ, ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ-ହରିଦାସପୁର ରେଳପଥ ପରି ମେଗା ପ୍ରକଳ୍ପ ମାନଙ୍କରେ ଅଟଳଜୀଙ୍କ ସ୍ୱାକ୍ଷର ରହିଛି। ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିକାଶ ସହିତ ଦେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ଦେଶକୁ ନୂଆ ଭାରତର ଏକ ସଂଜ୍ଞା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହା ଜରିଆରେ ୧୫୦ରୁ ଉଦ୍ଧ୍ୱର୍ ଜରୁରୀ ସରକାରୀସେବା ଉପଲବ୍ଧ ହେବ ଏବଂ ଓସ୍ୱାସ୍ର ସଂପ୍ରସାରଣ ମାଧ୍ୟମରେ ଏଣିକି ଜିଲ୍ଲା ଓ ବ୍ଲକସ୍ତରରେ ମଧ୍ୟ ସରକାରୀ କାର୍ଯ୍ୟଗୁଡିକ ପେପରଲେସ୍ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

**ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ପ୍ରକଳ୍ପ ଟେଣ୍ଡର୍**

# ହାଇକୋର୍ଟଙ୍କ ଅନ୍ତରୀଣ ସ୍ଥଗିତାଦେଶ

କଟକ,୨୫ ।୧୨(ସମିସ): କନ୍ଧମାଳ ଜିଲ୍ଲାରେ ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ଅଧୀନସ୍ଥ ବିଭିନ୍ନ ସ୍ଥାନର ବିକାଶ ସମ୍ପର୍କିତ ସାନି ଟେଣ୍ଡର ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ (କୋଠା-୨)ଙ୍କ ପକ୍ଷରୁ ଗତ ନଭେମ୍ବର ୧୮ରେ ଜାରି ଟେଣ୍ଡର ବିଡ୍ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ସ୍ଥଗିତାଦେଶ ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ଡି.କେ.ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଉପରୋକ୍ତ ପ୍ରକଳ୍ପ ପାଇଁ ପ୍ରଥମଥର ହୋଇଥିବା ଟେଣ୍ଡର୍‌ରେ ଆବେଦନକାରୀ ସଂସ୍ଥା ସର୍ବନିମ୍ନ ବିଡ୍ ଦାଖଲ କରି କାର୍ଯ୍ୟ ସମ୍ପାଦନ ପାଇଁ ମନୋନୀତ ହୋଇଥିଲା। କିନ୍ତୁ ଆବେଦନକାରୀଙ୍କୁ କୌଣସି ପକ୍ଷ ରଖିବାକୁ ସୁଯୋଗ ଦିଆନଯାଇ ବିଭାଗ ଦ୍ୱାରା ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟଦକ୍ଷତା "ଅତ୍ୟନ୍ତ ଖରାପ ଓ ସନ୍ତୋଷଜନକ" ନୁହେଁ ବୋଲି ଦର୍ଶାଇ ଟେଣ୍ଡରକୁ ୨୦୨୫ ଅକ୍ଟୋବର ୨୩ରେ ବାତିଲ କରି ଦିଆଯାଇଥିଲା। ଏଥିସହ ନଭେମ୍ବର ୧୮ରେ ସାନି ଟେଣ୍ଡର୍ କରାଯାଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥାକୁ ପକ୍ଷ ରଖିବାକୁ ସୁଯୋଗ ନଦେଇ ଏପରି ମନ୍ତବ୍ୟ ଭବିଷ୍ୟତର ଟେଣ୍ଡରରେ ଅଂଶଗ୍ରହଣକୁ ପ୍ରଭାବିତ କରିବ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ମଣ୍ଡିରୁ ଉଠୁନି ଧାନ**

# ପ୍ରତି ମଣ୍ଡିର ସମୀକ୍ଷା କରିବ କଂଗ୍ରେସ

ଭୁବନେଶ୍ୱର, ୨୫ ।୧୨(ସମିସ): ସରକାରଙ୍କ ପୂର୍ବ ନିଷ୍ପତ୍ତି ମୁତାବକ ନଭେମ୍ବର ୧ରୁ ମଣ୍ଡି ଖୋଲିବା କଥା। କିନ୍ତୁ ଏଥିରେ ପରିବର୍ତ୍ତନ କରି ସରକାର ବିଳମ୍ବରେ, ନଭେମ୍ବର ୨୦ରୁ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଲେ; କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏବେ ସୁଦ୍ଧା ୧୧ଟି ଜିଲ୍ଲାରେ ସମ୍ପୂର୍ଣ୍ଣ ଭାବେ ମଣ୍ଡି ଖୋଲାଯାଇନାହିଁ କିମ୍ବା ମଣ୍ଡିରୁ ଧାନ ଉଠୁନାହିଁ। ବର୍ତ୍ତମାନ ସରକାର ମିଲର୍‌ଙ୍କ ଚାପରେ ରହିଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଦେଉଛୁ ବୋଲି ବାହାଦୂରୀ ମାରୁଥିବା ସରକାର ବାସ୍ତବ କ୍ଷେତ୍ରରେ ଫେଲ୍ ମାରିଛନ୍ତି। ଫଳରେ ଆଜି ଚାଷୀ ରାଜରାସ୍ତାରେ ବସିଛି। ଶୀଘ୍ର ଚାଷୀଙ୍କ ସମସ୍ୟା ଦୂର କରି ସରକାର ସୁରୁଖୁରୁରେ ଧାନକିଣା ପାଇଁ ପଦକ୍ଷେପ ନ ନେଲେ, ବ୍ୟାପକ ଆନ୍ଦୋଳନ କରିବ କଂଗ୍ରେସ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ସେଲ୍ ପ୍ରତି ଜିଲ୍ଲାସ୍ତରରେ ମଣ୍ଡି ସମୀକ୍ଷା କରି ସରକାରଙ୍କ ତ୍ରୁଟିକୁ ଉଜାଗର କରିବା ସହ ଚାଷୀଙ୍କ ହକ୍ ପାଇଁ ରାସ୍ତାକୁ ଓହ୍ଲାଇବ। ଦଳ ପକ୍ଷରୁ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଚାଷୀ ଶୀତ କାକରରେ ଖୋଲା ଆକାଶ ତଳେ ଦିନ ଦିନ ଧରି ବସି ରହୁଥିବା ବେଳେ ସେମାନଙ୍କ ଧାନ ଉଠୁନାହିଁ। ବହୁ ଚାଷୀଙ୍କୁ ଟୋକନ୍ ମଧ୍ୟ ମିଳୁନାହିଁ। କଟନୀଛଟନୀ ଚରମସୀମାରେ ପହଞ୍ଚିଛି। ପଞ୍ଜିକୃତ ଅନୁଯାୟୀ ଟୋକନ୍ ପିଛା କେତେ ଧାନ କିଣାଯିବ, ତାହାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅନେକ ମଣ୍ଡିରେ ଏଫଏକ୍ୟୁ ଗ୍ରେନ୍ ଆନାଲାଇଜର୍ ମାଧ୍ୟମରେ ଧାନକିଣା ପରିମାଣକୁ ଜାଣିଶୁଣି କମାଇ ଦିଆଯାଉଛି। ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରାନଗଲେ, ଚାଷୀକୁଳ ବହୁ କ୍ଷତିର ସମ୍ମୁଖୀନ ହେବେ। ସରକାର ଧାନ କିଣା କ୍ଷେତ୍ରରେ ଯେତେ ସଫେଇ ଦେଲେ ମଧ୍ୟ ଧାନ କିଣାରେ ମହାଦୁର୍ନୀତି ହେଉଛି। ଯଦି ଚାଷୀକୁଳ ପାଇଁ ସରକାରଙ୍କର ତିଳେମାତ୍ର ସମବେଦନା ଅଛି, ତେବେ ନ୍ୟାୟୋଚିତ ଭାବେ ଚାଷୀଙ୍କ ସମସ୍ତ ବଳକା ଧାନକୁ କଟନୀଛଟନୀ ଆଳ ନ ଦେଖାଇ ନିର୍ଦ୍ଧାରିତ ଏମ୍‌ଏସ୍‌ପିରେ କ୍ରୟ କରନ୍ତୁ ବୋଲି ସେ କହିଛନ୍ତି।

ଏହାସହ ଅନ୍ୟ ବକେୟା ଜିଲ୍ଲାଗୁଡ଼ିକରେ ତୁରନ୍ତ ମଣ୍ଡି ଖୋଲି ଧାନ ବିକିବା ପାଇଁ ଚାତକ ପରି ବସି ରହିଥିବା ଚାଷୀଙ୍କଠାରୁ ସବୁ ବଳକା ଧାନକୁ କ୍ରୟ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

**ତାଳଚେର ଡବଲ ମର୍ଡର ଘଟଣା**

# ୫ ସୁରକ୍ଷା କର୍ମଚାରୀ ଗିରଫ

ଅନୁଗୋଳ,୨୫ ।୧୨(ସମିସ): ତାଳଚେର ଡବଲ୍-ମର୍ଡର୍ ଘଟଣାରେ ତାଳଚେର ପୁଲିସ ଗୁରୁବାର ଟାୱାର ନିର୍ମାଣକାରୀ ସଂସ୍ଥା ଗ୍ରୋଟାମ ଇନଫ୍ରାଷ୍ଟ୍ରକ୍‌ଚର ଲିମିଟେଡ କମ୍ପାନୀର ୫ ସୁରକ୍ଷା କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ସମଲ ଥାନା ବିଲିଣ୍ଡା ଗ୍ରାମର କୁମର ସାହୁଙ୍କ ପୁଅ ଗଣେଶ୍ୱର ସାହୁ (୪୫), ବଁଅରପାଳ ଥାନା



ଲାଙ୍ଗୁଲିବେଡ଼ା ଗ୍ରାମର ଅଜୟ ସାହୁଙ୍କ ପୁଅ ଅଭିମନ୍ୟୁ ସାହୁ (୩୫), ତାଳଚେର ଥାନା ଲିଙ୍ଗରାକଟା ଗ୍ରାମର ବାଇଞ୍ଚା ପରିଡ଼ାଙ୍କ ପୁଅ ପର୍ଶୁରାମ ପରିଡ଼ା (୫୦), ବିହାର ବତରାମପୁର ଥାନା ସାୱାରାମପୁର ଖଣ୍ଡରୀ ଗ୍ରାମର ମଙ୍ଗଲ ମାଞ୍ଝୀଙ୍କ ପୁଅ କିଷାନ ମାଞ୍ଝୀ(୨୫) ଏବଂ ବିହାର ଜାଙ୍କିଡିହି ଥାନା ଅଞ୍ଚଳର ଲୋକି ମାଝୀଙ୍କ ପୁଅ ଅନାଦି ମାଝୀ(୪୮)। ଅଭିଯୁକ୍ତଙ୍କଠାରୁ ପୁଲିସ ଗୋଟିଏ ୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ ଏବଂ ଖାଲି କାର୍ଟ୍ରିଜ୍ ଜବତ କରିଛି। ଅନୁଗୋଳଠାରେ ଏସ୍‌ପି ରାହୁଲ ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ବୁଧବାର ତାଳଚେର ଥାନା ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରୁ ବୁଧବାର ସକାଳେ ଦୁଇ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଓ ଭୋଗବେରେଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ। ଗୁଳି କରି ଉଭୟଙ୍କୁ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟାକାଣ୍ଡ ପରେ ଉକ୍ତ ଟାୱାର୍ ନିର୍ମାଣକାରୀ କମ୍ପାନୀ ପରିସରରୁ କର୍ମଚାରୀମାନେ ପଳାଇ ଯାଇଥିଲେ। ତେଣୁ ପୁଲିସର ସମସ୍ତ ସନ୍ଦେହ କମ୍ପାନୀ କର୍ମଚାରୀଙ୍କ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ପୁଲିସ ଜଣେ ବ୍ୟକ୍ତିଙ୍କୁ ଧରିଆଣି ପଚରାଉଚରା କରିବାରୁ ସେ ସବୁ ସତ ଉଗାରି ଦେଇଥିଲା।

ଏସ୍‌ପିଙ୍କ ସୂଚନାନୁଯାୟୀ, ଗ୍ରୋଟାମ କମ୍ପାନୀର ଷ୍ଟକୟାର୍ଡରେ ବିଦ୍ୟୁତ ଟାୱାର୍ ସାମଗ୍ରୀ ଗଚ୍ଛିତ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଦିବ୍ୟରଞ୍ଜନ ପରିଡ଼ା ଓ ଜନାର୍ଦ୍ଦନ ନାଏକଙ୍କ ସମେତ ୧୦/୧୨ଜଣ ବ୍ୟକ୍ତି

**୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ, କାର୍ଟିଜ୍ ଜବତ**

ଚୋରି କରିବା ଉଦ୍ଦେଶ୍ୟରେ ଉକ୍ତ ଷ୍ଟକ୍‌ୟାର୍ଡ ଭିତରକୁ ପଶିଥିଲେ। ସୁରକ୍ଷା କର୍ମୀ ଏବଂ ଷ୍ଟକୟାର୍ଡରେ ନିୟୋଜିତ ବନ୍ଧୁକଧାରୀ ସୁରକ୍ଷାକର୍ମୀ ଗଣେଶ୍ୱର ସାହୁ ସେମାନଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ। ଏହି ସମୟରେ ବନ୍ଧୁକଧାରୀ ସୁରକ୍ଷା କର୍ମୀ ଗଣେଶ୍ୱର ସାହୁ ତାଙ୍କ ୧୨ ବୋର୍ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳି ଦିବ୍ୟରଞ୍ଜନ ଓ ଜନାର୍ଦ୍ଦନଙ୍କ ଦେହରେ ବାଜିଥିଲା। ସେମାନେ ସେଠାରୁ ଦୌଡ଼ି ଯାଇ ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରେ ପଡ଼ିଯାଇଥିଲେ। ସେଠାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଗୁରବାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି।




# ଅବହେଳିତ ଉଦୟପୁର-ତାଳସାରୀ ବେଳାଭୂମି

# ପିକ୍‌ନିକ୍ ପାଇଁ ଦୀଘା ମୁହାଁ ପର୍ଯ୍ୟଟକ

ଚନ୍ଦନେଶ୍ୱର, ୨୫।୧୨(ସମିସ)



ଏବେ ଚାଲିଛି ପର୍ଯ୍ୟଟନ ଋତୁ। ବିଶେଷ କରି ଡିସେମ୍ବର ମାସ ଦ୍ୱିତୀୟରୁ ଚତୁର୍ଥ ସପ୍ତାହରେ ଦେଶର ବିଭିନ୍ନ ପ୍ରାନ୍ତରରୁ ଅନନ୍ୟ ବେଳାଭୂମି ବାଲେଶ୍ୱର ଜିଲ୍ଲା ଭୋଗରାଇର ଉଦୟପୁର ଓ ତାଳସାରୀ ବେଳାଭୂମିକୁ ଛୁଟି ଆସୁଛନ୍ତି ହଜାର ହଜାର ପର୍ଯ୍ୟଟକ। ସକାଳରୁ ସଞ୍ଜ ପର୍ଯ୍ୟନ୍ତ ୫୦ ହଜାରରୁ ଅଧିକ ପର୍ଯ୍ୟଟକ ବୁଲି ମନ ଭରି ମଜା ନେଉଛନ୍ତି। ତେବେ ଜଙ୍ଗଲ ବିଭାଗର କଟକଣା ଯୋଗୁଁ ପର୍ଯ୍ୟଟକମାନେ ପିକନିକ ପାଇଁ ପଶ୍ଚିମବଙ୍ଗ ଦୀଘା ମୁହାଁ ଯାଉଥିବାର ଦେଖିବାକୁ ମୁଳୁଛି। ପିକନିକ ପାଇଁ ପଶ୍ଚିମବଙ୍ଗ ସରକାର ସବୁ ପ୍ରକାର ସୁବ୍ୟବସ୍ଥା କରିଥିବାବେଳେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ର କଟକଣା ପର୍ଯ୍ୟଟକମାନଙ୍କୁ ବିମୁଖ କରୁଛି। ପର୍ଯ୍ୟଟକମାନେ ଦୀଘାରେ ପିକନିକ କରି ଖାଇପିଇ ସେଠାରେ ରାତ୍ରି ଯାପନ କରି ମଜା ନେଉଥିବାବେଳେ କେବଳ ବୁଲିବା ପାଇଁ ଉଦୟପୁର ଓ ତାଳସାରୀରେ ଭିଡ଼ ଜମାଉଛନ୍ତି। ବଡ଼ଦିନ ଓ ନୂଆବର୍ଷରେ ଲକ୍ଷାଧିକ ପର୍ଯ୍ୟଟକ ଆସି ଓଡ଼ିଶା ପଟେ ବୁଲି ମଜା ନେଇ ପଶ୍ଚିମବଙ୍ଗ ମୁହାଁ ଯିବାର ଦେଖାଯାଉଛି।

ଓଡ଼ିଶା ଉପକୂଳ ଭୋଗରାଇ ବ୍ଲକ ରେ ଥିବା ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀମାନେ। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘା ବେଳାଭୂମି ଏବଂ ଉଦୟପୁର, ତାଳସାରୀ ବେଳାଭୂମି ମଧ୍ୟରେ ସାମାନ୍ୟ ଦୂରତା ଥିଲେ ମଧ୍ୟ ଦୀଘା ପର୍ଯ୍ୟଟନ ସ୍ଥଳୀର ବ୍ୟାପକ ବିକାଶ ହୋଇଛି। ମାତ୍ର ଉଦୟପୁର, ତାଳସାରୀ, ବିଚିତ୍ରପୁର ଇକୋ ଟୁରିଜିମ ଓ କୀର୍ତ୍ତନିଆ ଭଳି ବେଳାଭୂମି ଅଞ୍ଚଳ ବିକାଶ ନାଁ ଗନ୍ଧ ନାହିଁ। ଦୀର୍ଘ ବର୍ଷ ହେଲା ଏହା ଶୀତଳ ଭଣ୍ଡାରରେ ପଡ଼ିରହିଛି। ସରକାର ଏହି ସବୁ ପର୍ଯ୍ୟଟନ ସ୍ଥଳୀର ବିକାଶ ଦିଗରେ ଗୁରୁତ୍ୱ ନ ଦେଇ ଅବହେଳା କରୁଥିବା ଅଭିଯୋଗ ହେଉଛି। ଏହା ଫଳରେ ଓଡ଼ିଶା ସରକାର ରାଜସ୍ୱ ହରାଉଥିବା ବେଳେ ରୋଜଗାରର ସୁଯୋଗ ହାତଛଡା ହେଉଛି। ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ସରକାର ଦୀଘାକୁ ଏକ ପର୍ଯ୍ୟଟନ ଶିଳ୍ପର ମାନ୍ୟତା ଦେଇଛନ୍ତି। ଏଠାରେ ଶହ ଶହ ହୋଟେଲ ଗଢିଉଠିଛି। ତାଙ୍କ ସରକାର ଭଲ ରାଜସ୍ୱ ପାଉଥିବା ବେଳେ ହଜାର ହଜାର ଲୋକ ବ୍ୟବସାୟ କରି ଏବଂ ହୋଟେଲ ମାନଙ୍କରେ କାମ କରି ଭଲ ଅର୍ଥ ରୋଜଗାର କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଦୀଘାଠାରୁ ମାତ୍ର ୨ କି. ମି ଦୂରତା ଉଦୟପୁର ଓ ତାଳସାରୀ ପର୍ଯ୍ୟଟନ କ୍ଷେତ୍ର ଓ ବେଳାଭୂମି ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ପରମ୍ପରାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ! ମାତ୍ର ଉପଯୁକ୍ତ ବିକାଶ ଅଭାବରୁ ଏଭଳି ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନଥିବା ଦେଖାଯାଉଛି। ଏହି ପର୍ଯ୍ୟଟନସ୍ଥଳୀ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ନାଲି କଙ୍କଡା, ନୀଳରକ୍ତ କଙ୍କଡା ଓ ବିଦେଶାଗତ ବିଭିନ୍ନ ପକ୍ଷୀ ପର୍ଯ୍ୟଟକଙ୍କ ମନ ମୋହିଥାଏ ଏଠାରେ ବିସ୍ତୀର୍ଣ୍ଣ ଝାଉଁ ବଣର ସାଇଁ ସାଇଁ ପବନ ସାଙ୍ଗକୁ ସମତଳ ବାଲୁକା ଶଯ୍ୟା ସମସ୍ତଙ୍କ ମନକୁ ବିମୋହିତ କରିଥାଏ। ତେଣୁ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ପ୍ରତିବର୍ଷ ଏଠାକୁ ପ୍ରାୟ ୨ରୁ ୩ଲକ୍ଷ ପର୍ଯ୍ୟଟକ ଆସୁଥିବା ନେଇ ପର୍ଯ୍ୟଟନ ବିଭାଗ କହୁଥିବା ବେଳେ ରହିବା ପାଇଁ ଭଲ ହୋଟେଲ, ଖାଇବା ପାଇଁ ଭଲ ରେଷ୍ଟୁରେଣ୍ଟ କି ମାର୍କେଟ କମ୍ପ୍ଲେକ୍ସ ନାହିଁ। ବ୍ୟବସାୟ ପାଇଁ ଉକ୍ତ ସ୍ଥାନକୁ ବିକଶିତ କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକମାନେ ବ୍ୟବସାୟ କରିବା ପାଇଁ ଉପଯୁକ୍ତ ସୁଯୋଗ ପାଇପାରୁନାହାନ୍ତି। ଭୋଗରାଇର ଅନେକ ଯୁବକ କାମ ଧନ୍ଦା ନ ପାଇ ବାଧ୍ୟ ହୋଇ ପଶ୍ଚିମବଙ୍ଗ ହୋଟେଲରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ପଶ୍ଚିମବଙ୍ଗ ସରକାର ଓ ସେଠାକାର ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଅନ୍ୟ ପକ୍ଷରେ ଓଡ଼ିଶା ସରକାର ସମ୍ଭାବ୍ୟ ରାଜସ୍ୱ ହରାଉଛନ୍ତି। ରାଜସ୍ୱ

## ରାଜସ୍ୱ ବୃଦ୍ଧି ପାଇଁ ସରକାରଙ୍କ ନାହିଁ ଆନ୍ତରିକତା

ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କର ନାହିଁ ଆନ୍ତରିକତା ନାହିଁ। ଉଦୟପୁର ଓ ତାଳସାରୀରେ ସୌନ୍ଦର୍ଯ୍ୟକରଣ କାମ ସହିତ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ବିଭିନ୍ନ ସମୟରେ ଦାବି ହେଉଛି କିନ୍ତୁ ସେମିତି କିଛି ଫଳ ମିଳୁନି। ରାଜ୍ୟ ସରକାର ଏଠାରେ କୌଣସି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରୁନାହାନ୍ତି। ପ୍ରକୃତିର ବରଦାନ ପାଇ ବି ଏହିସବୁ ବେଳାଭୂମିକୁ କାହିଁକି ଅବହେଳା କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ସରକାର ଯଦି ବିଶେଷ ଗୁରୁତ୍ୱ ଦେଇ ବିକାଶ ଦିଗରେ ଚିନ୍ତା କରନ୍ତେ ତାହେଲେ ଏଠାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅନେକ ବେକାର ଥିବା ଯୁବକ, ଯୁବତୀ ତଥା ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହୋଇ ପାରନ୍ତେ। ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକମାନେ ଚିନ୍ତା କରିବାର ସମୟ ଆସିଛି ଏବଂ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ମହଲରେ ଦାବି ହେଉଛି।

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ଲୋକ ମହୋତ୍ସବ ଉଦ୍‌ଘାଟିତ

ଜଳେଶ୍ୱର, ୨୫।୧୨(ସମିସ) : ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ଏକତାଳି ଗାଁରେ ମହାପ୍ରଭୁ ଜଗନ୍ନାଥଙ୍କ ୩୨ ଦିବ୍ୟ ବେଶ ଓ ଲୋକ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୭ ଦିନିଆ ଉତ୍ସବ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ସୁବର୍ଣ୍ଣରେଖା ନଦୀକୂଳ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ଏକତାଳି ଓ ଆଖାପାଖ ଗାଁର ଚାଷ ଓ ବ୍ୟବସାୟରେ ବ୍ୟସ୍ତରହୁଥିବା ଲୋକମାନେ ସୁଦୂର ପୁରୀ ପର୍ଯ୍ୟନ୍ତ ଯିବା ଏବଂ



ଜଗନ୍ନାଥଙ୍କ ବିଭିନ୍ନ ବେଶ ଦର୍ଶନ କରିବା ସମ୍ଭବ ହୋଇ ପାରୁନଥିବାରୁ ଗ୍ରାମର କିଛି ମାନ୍ୟଗଣ୍ୟ ଲୋକଙ୍କ ପ୍ରଚେଷ୍ଟାରେ ୩୨ ବେଶ ଓ ଲୋକମହୋତ୍ସବ ଆୟୋଜନ କରାଯାଇଛି।

ଏହି କାର୍ଯ୍ୟକ୍ରମକୁ ଏକତାଳି ଗ୍ରାମବାସୀଙ୍କ ସହିତ କୋଟସାହି, ରାୟାଁରାମଚନ୍ଦ୍ରପୁର, ମହମ୍ମଦନଗରପାଟଣା ପଞ୍ଚାୟତର ଅଧିବାସୀଙ୍କ ସାହାଯ୍ୟ ସହଯୋଗରେ ଅନୁଷ୍ଠିତ ହେଉଥିବା ଏବଂ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମାଣ ହୋଇଥିବା ସମ୍ପର୍କରେ କାର୍ଯ୍ୟକର୍ତ୍ତା ମାନେ କହିଛନ୍ତି। ଗୁରୁବାର ସକାଳେ ଗ୍ରାମର ଶହ ଶହ ମହିଳା ସୁବର୍ଣ୍ଣରେଖା ନଦୀର ରାଜଘାଟ ଠାରୁ ପୂର୍ଣ୍ଣ କଳସରେ ପବିତ୍ର ଜଳ ଆଣି ଏକ ପଟୁଆରରେ ମହୋତ୍ସବ ପଡ଼ିଆରେ ସ୍ଥାପନା କରିଥିଲେ। କୋଟସାହିର ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆସିବାପରେ ମୁଖ୍ୟ ପୂଜକ ବିଶେଶ୍ୱର ମିଶ୍ରଙ୍କ ସହିତ ୧୭ଜଣ ପଣ୍ଡିତ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମକୁ ତହସିଲଦାର ସତ୍ୟଜିତ୍ ମହାନ୍ତି ଉଦ୍‌ଘାଟନ କରିବାପରେ ସର୍ବସାଧାରଣ ଦର୍ଶନ ଲାଗି ଖୋଲାଯାଇଥିଲା। ଏହି ମହୋତ୍ସବର ପ୍ରତ୍ୟେକ ସଂଧ୍ୟାରେ ପୁରୀ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପ୍ରବଚକ ମାନଙ୍କ ଦ୍ୱାରା ପ୍ରବଚନ ଓ ଭଜନସଂଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ସଦସ୍ୟ ଅନନ୍ତ କୁମାର ସାହୁ, ଲକ୍ଷ୍ମୀଧର ଗିରି, ସୃଷ୍ଟିଧର ସାମଲ, ଦେବେନ୍ଦ୍ରେ ପାଳ, ରାମକୃଷ୍ଣ ସାହୁ, ସୁରେନ୍ଦ୍ର ପାଳ, ଝାଡେଶ୍ୱର ଧଳ, ଭୀମଚରଣ ସାହୁ, ବିଜୟ ପାଳ, ବିବେକାନନ୍ଦ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

## ଗୌର ଗଦାଧର ଶିକ୍ଷା ନିକେତନର ବାର୍ଷିକୋତ୍ସବ

ଖଇରା, ୨୫ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବାରିକସାହିସ୍ଥିତ ଗୌର ଗଦାଧର ଶିକ୍ଷା ନିକେତନର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଅଟଳ ବିହାରୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତ ମୁଖ୍ୟଅତିଥି, ପଳାସପୁର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପିଲାଙ୍କ ଚରିତ୍ର ମାର୍ଜିତ ହେଲେ ସେମାନେ ପଥଭ୍ରଷ୍ଟ ହେବେ ନାହିଁ ବୋଲି ପ୍ରକାଶ କରିଥିଲେ। ସନ୍ତୋଷ ପଶାୟାତ ଅତିଥି ପରିଚୟ, ସଖିପ୍ରିୟା ସାମଲ ସ୍ୱାଗତ ଭାଷଣ, ପ୍ରହ୍ଲାଦ ବେହେରା ସ୍ୱାଗତ ଭାଷଣ ପରେ ଅଧ୍ୟକ୍ଷା ସ୍ୱପ୍ନା ଦାସ ଓ ପୂର୍ଣ୍ଣଚନ୍ଦ୍ର ବେହେରା ବିଦ୍ୟାଳୟରେ ପିଲାଙ୍କୁ ଶିକ୍ଷା ସହ ଦିଆଯାଉଥିବା ଯୋଗାଭ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲା ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଜୟଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଅନନ୍ତ ପ୍ରସାଦ ବାରିକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରେମୁଣା, ୨୫।୧୨(ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ବଡ଼ପାଳ ଗ୍ରାମ ପଞ୍ଚାୟତର ମୟୂରଗ୍ରାମସ୍ଥିତ ଶ୍ରୀଧର ସ୍ୱାମୀ ଗୁରୁକୂଳ ଶିକ୍ଷା କେନ୍ଦ୍ରର ତ୍ରୟୋଦଶ ବାର୍ଷିକ ଉତ୍ସବ ଆନନ୍ଦ ଉତ୍ସାହରେ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପଡ଼ିଆରୀ ମଞ୍ଚରେ ଅତିଥି ପରିଚୟ ପ୍ରଦାନ କରିଥଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗବନ୍ଧୁ ପଣ୍ଡା ଥିବା ବେଳେ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ପତି ସଭା ପରିଚାଳନା କରିଥିଲେ।




ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ପ୍ରାକ୍ତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ସମ୍ମାନିତ ବକ୍ତା ବଡ଼ପାଳ ସରପଞ୍ଚ କମଳ ଲୋଚନ ପଣ୍ଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ସିଆରସିସି ରମେଶ ଚନ୍ଦ୍ର ଖଣ୍ଡା, କାକବୋରାଇ କ୍ଲଷ୍ଟରର ସିଆରସିସି ପାରମିତା ରଣା, ସମ୍ପାଦକ ସର୍ବେଶ୍ୱର ମାଝୀ, ପ୍ରଧାନ ଗୁରୁମା ରେବତୀ ବାରିକ୍ ଅଭିଭାଷଣ ରଖିଥିଲେ। ବିଧାୟକ ନିଜ ପାଣ୍ଠିରୁ ବିଦ୍ୟାଳୟର ଉନ୍ନତି ପାଇଁ ୫ ଲକ୍ଷ ଟଙ୍କା ସହାୟତା ରାଶି ଦେବେ ଘୋଷଣା କରିଥିବା ବେଳେ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ବିଦ୍ୟାଳୟ ଉଦ୍ଦେଶ୍ୟରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ସଭାରେ ରଞ୍ଜୁଲତା ଦିଦି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜସେବୀ ପ୍ରଭାକର ମହାଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଲେଶ୍ୱର ଉତ୍ତର ସାଂଗଠନିକ ଜିଲ୍ଲାର ଜିଲ୍ଲା କମିଟି ଗଠିତ

ବସ୍ତା ବ୍ଲକ, ୨୫।୧୨ (ସମିସ): ରାଜ୍ୟ ଅନୁମୋଦନ କ୍ରମେ ବାଲେଶ୍ୱର ଉତ୍ତର ସାଂଗଠାନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ଗୁରୁବାର ଘୋଷଣା କରିଛନ୍ତି। ବସ୍ତା, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନ ମଣ୍ଡଳୀକୁ ନେଇ ବାଲେଶ୍ୱର ଉତ୍ତର ସାଂଗଠାନିକ ଜିଲ୍ଲା ଗଠିତ ହୋଇ ଥିବା ବେଳେ ବିଜେପି ବାଲେଶ୍ୱର ଉତ୍ତର ସାଂଗଠାନିକ ଜିଲ୍ଲାର ୨୧ ଜଣ ସଦସ୍ୟ ସଦସ୍ୟାଙ୍କୁ ନେଇ ପୂର୍ଣ୍ଣାଙ୍ଗ ଜିଲ୍ଲା କମିଟି ପାଇଁ ଚୟନ କରାଯାଛି। ବସ୍ତା, ବାଲିଆପାଳ, ଭୋଗରାଇ, ଜଳେଶ୍ୱର ୪ଟି ବ୍ଲକ ର ୩ଟି ନିର୍ବାଚନ ମଣ୍ଡଳୀ ରୁ ଏହି କମିଟି ରେ ବିଭନ୍ନ ପଦବୀ ପାଇଁ ମନୋନୀତ ହୋଇ ଥିବା ଜିଲ୍ଲା ସଭାପତି ଉତ୍ତର ଏକ ପ୍ରେସ ନୋଟ ଜରିଆରେ ସୂଚନା ଦେଇଛନ୍ତି। ଏହି କ୍ରମରେ ସଭାପତି ପ୍ରଦୀପ କୁମାର ପଣ୍ଡା, ଉପସଭାପତି ବସନ୍ତ ବାରିକ, ଅରୋ ବିନ୍ଦ ବେହେରା, ଅନିମା ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ଦତ୍ତ, ପରମାନନ୍ଦ ମହାପାତ୍ର, ବାସୁଦେବ ପଣ୍ଡା, ରାଧାକାନ୍ତ ପ୍ରଧାନ, ଶ୍ରାବନ୍ତି ମିଶ୍ର, ସାଧାରଣ ସମ୍ପାଦକ କମଳ ଲୋଚନ ଦାସ, କ୍ୟାପଟେନ ଅଶୋକ ଦାସ, ସୁମତି ଦେ, ସମ୍ପାଦକ ଫାଲଗୁନ ପାଣିଗ୍ରାହୀ, ଦେବଜାନୀ ଆଣ୍ଡିଆ, ସଞ୍ଜୀବ ପାଢ଼ୀ, କାଳୀଚରଣ ଦାସ, ରାଜଶ୍ରୀ କାମିଲା, ଗୀତା ରାଣୀ ମାହାନା, ତପନ ବିଶ୍ୱାଳ, ବନଲତା ଦାସ, କୋଷାଧ୍ୟକ୍ଷ ଭାବେ ଫର୍ଣୀଲ ବିଶ୍ୱାଳ ଙ୍କୁ ମନୋନୀତ କରା ଯାଇଛି। ଏଥି ସହିତ କାର୍ଯ୍ୟକାରୀ ସଦସ୍ୟ ଭାବେ ୭୧ ଜଣ ଙ୍କୁ ରାଜ୍ୟ ମନୋନୀତ କରିଛି। ବାଲେଶ୍ୱର ଉତ୍ତର ସାଂଗଠନିକ ଜିଲ୍ଲାକୁ ଅଧିକ କ୍ରିୟାଶିଳ ସହ ବିଜେପି କୁ ଅଧିକରୁ ଅଧିକ ମଜଭୁତ ପାଇଁ ଏହି କମିଟି କାର୍ଯ୍ୟ କରିବ ବୋଲି ସଭାପତି ପ୍ରଦୀପ କୁମାର ପଣ୍ଡା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଶ୍ରଦ୍ଧାପୁର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଚନ୍ଦନେଶ୍ୱର, ୨୫।୧୨(ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ସ୍ୱତନ୍ତ୍ର ଗ୍ରାମସଭା ଗ୍ରାମ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ 'ବିକଶିତ ଭାରତ-ଜି ରାମ ଜି' ସଂସଦ ଦ୍ୱାରା ଗୃହୀତ ହୋଇଥିବା ଆଇନକୁ ପରିଶ୍ରମୀ ଗ୍ରାମୀଣ ସମ୍ପ୍ରଦାୟଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର କରି ସଚେତନତା ସୃଷ୍ଟି କରିବା ଏହି ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଥିଲା। ଏହି ନୂତନ ଆଇନ ଅନୁଯାୟୀ ନିଯୁକ୍ତିର ଗ୍ୟାରେଣ୍ଟି ୧୦୦ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି। ଯାହା ପରିଶ୍ରମୀ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଅତ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଜଲ ବାସ୍କେ, କନିଷ୍ଠଯନ୍ତ୍ରୀ ଅମରେଶ ଦାସ, ସରପଞ୍ଚ ପ୍ରତ୍ୟାଶା ପାତ୍ର, ନାଏବ ସରପଞ୍ଚ ନୀଳକଣ୍ଠପାତ୍ର, ଚନ୍ଦନ କୁମାର ପାତ୍ର ସମେତ ସମସ୍ତ ୱାର୍ଡସଭ୍ୟ, ସଭ୍ୟା ଉପସ୍ଥିତ ରହିଥିଲେ।

## ବାଜପେୟୀଙ୍କ ଜୟନ୍ତୀରେ ରକ୍ତଦାନ ଶିବିର




ଲଙ୍ଗଳେଶ୍ୱର, ୨୫।୧୨(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଜେପେୟୀ ସେନା ପକ୍ଷରୁ ଡଗରା ବେଳାଭୂମି ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଜପେୟୀ ସେନା ର ସଭାପତି ସଞ୍ଜୀବ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିବିର ରୁ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ବାଜପେୟୀ ସେନା ର ସାଧାରଣ ସମ୍ପାଦକ ମହେଶ୍ୱର ଦାସ, ଉପସଭାପତି ଅଜୟ ଜେନା, ଲକ୍ଷ୍ମୀଧର ପ୍ରଧାନ, କମଳ ଲୋଚନ ଦତ୍ତ, କୋଷାଧ୍ୟକ୍ଷ ଅରବିନ୍ଦ ବେଜ, ପଞ୍ଚାୟତ ସେନା ମୁଖ୍ୟ ନିମାଇଁ ଚରଣ ଦାସ, ହରେକୃଷ୍ଣ ଦାସ, ନିଶିକାନ୍ତ ନାଥ, ସଦସ୍ୟ ପ୍ରଭୁରାମ ରାଉତ, ପ୍ରଦୀପ୍ତ ସାମଲ, ଝାଡ଼େଶ୍ୱର ପାଳ, ମଦନ ପିଳା, ନାସିରୁଦ୍ଦିନ ଶାହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିମୁଳିଆ, ୨୫।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜି ଅଧ୍ୟାପକ ନୃସିଂହ ଚରଣ ମିଶ୍ର ପ୍ରାରମ୍ଭିକ ସୂଚନା ପାଠ କରିଥିଲେ। ଓଡିଆ ବିଭାଗର ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ବିଦ୍ୟାୟଳୟର ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ



ନିର୍ମଳ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବିଧାୟକ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ରତ୍ନାକର ସିଂହ. ସମ୍ମାନିତ ଅତିଥି ସିମୁଳିଆ ବିଡ଼ିଓ ସୁନୀଲ କୁମାର ଟୁଡୁ, ଶିକ୍ଷାବିତ ଅଜୟ କୁମାର ପଣ୍ଡା. ଖଇରା ସମିତି ଚେୟାରମ୍ୟାନ ଅଭିଲିପ୍ସା ନାୟକ, ଖଇରା ବିଡ଼ିଓ ନାରାୟଣ ସାହୁ ମଞ୍ଚାସୀନ ଥିଲେ। ଓଡିଆ ଅଧ୍ୟାପକ କ୍ଷୀତେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁକନ୍ୟାକୁ ଦୁଷ୍କର୍ମ ଉଦ୍ୟମ

ଭୋଗରାଇ, ୨୫।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳର ୫ ବର୍ଷୀୟା ଏକ ଶିଶୁକନ୍ୟାକୁ ଦୁଷ୍କର୍ମ ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛି। ସମ୍ପର୍କୀୟ ଜେଜେ ଶିଶୁକନ୍ୟାକୁ ପ୍ରଲୋଭିତ କରାଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ଗାଁରେ ବୈଠକ କରାଯାଇ କୌଣସି ସମାଧାନର ବାଟ ନ ବାହାରିବାରୁ ପୀଡ଼ିତାଙ୍କ ମା' ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତ ନାଇଦୋଳି ଗ୍ରାମର ସୁଧୀର ମଣ୍ଡଳ। ଗିରଫ ଭୟରେ ସେ ଗାଁ ଛାଡି ପଳାୟନ କରିଥିବାର ପୁଲିସ ସୂଚନା ଦେଇଛନ୍ତି।

## ବେନିୟମ ଭାବେ ଗଠିତ ଟ୍ରଷ୍ଟବୋର୍ଡକୁ ଗ୍ରାମବାସୀଙ୍କ ବିରୋଧ

ବାଲେଶ୍ୱର(ଉତ୍ତର), ୨୫।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ପୁଟିଣା ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ପୁଟିଣେଶ୍ୱର ମହାଦେବଙ୍କ ନବଗଠିତ ଟ୍ରଷ୍ଟ ବୋର୍ଡ ସମ୍ପୂର୍ଣ୍ଣ ବେନିୟମ ଭାବେ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଦେବୋତ୍ତର ବିଭାଗର କମିଶନର, ଅତିରିକ୍ତ କମିଶନର, ଆଇନ ମନ୍ତ୍ରୀ, ଏସପି ବାଲେଶ୍ୱର, ଜିଲ୍ଲାପାଳ ବାଲେଶ୍ୱର ଏବଂ ଭୋଗରାଇ ତହସିଲଦାର ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ପୂର୍ବରୁ ଥିବା ଟ୍ରଷ୍ଟ ବୋର୍ଡକୁ ଭଙ୍ଗା ଯାଇ ନୂତନ ଭାବେ ଗଠନ କରାଯାଇଥିବା ଟ୍ରଷ୍ଟ ବୋର୍ଡ ଗ୍ରାମବାସୀଙ୍କ ଅଗୋଚରରେ ହୋଇଥିଲାବେଳେ ଏହାକୁ ସାର୍ବଜନୀନ କରାଯାଇନାହିଁ। ଅନିୟମିତ ଭାବେ ଗତ ୨୦୨୪ ନଭେମ୍ବର ମାସ ଗଠନ କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ତାହା ୨୦୨୫ ନଭେମ୍ବର ୨୭ ତାରିଖରେ ଅନୁମୋଦିତ ହୋଇ ଆସି ଥିବା ଜଣାପଡ଼ିଛି। ପୂର୍ବରୁ ଏହି ଗ୍ରାମର ଯେଉଁ ବ୍ୟକ୍ତି ମାନେ ମନ୍ଦିରକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବିରୋଧ କରିଆସୁଛନ୍ତି ସେମାନଙ୍କୁ ନବଗଠିତ ବୋର୍ଡର ସଦସ୍ୟ ଓ ମ୍ୟାନେଜିଂ ଟ୍ରଷ୍ଟି ଭାବେ ମନୋନୀତ କରାଯାଇବା ବେଳେ ବେନିୟମ ଭାବେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ମଧ୍ୟ ଟ୍ରଷ୍ଟ ବୋର୍ଡ୍ ର ସଦସ୍ୟ ଭାବେ ଚୟନ କରାଯାଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଏହାର ପୁନର୍ବିଚାର କରି ସଠିକ ନିୟମ ଓ ସ୍ୱଚ୍ଛତା ଅନୁସାରେ ପୁଣି ଟ୍ରଷ୍ଟବୋର୍ଡ ଗଠନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।




# ୩୦ରୁ କ୍ଷୁଦ୍ର ଜମାକାରୀ ସଚେତନତା ଅଭିଯାନ

ସିମୁଳିଆ, ୨୫।୧୨ (ସମିସ)



ଓଡ଼ିଶା ଚିଟ୍‌ଫଣ୍ଡ ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଅନୁସାରେ ଚିହ୍ନିତ ୫ ଲକ୍ଷ ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଜାନୁଆରୀ ୩୧ ସୁଦ୍ଧା ତାଙ୍କ ଜମା ଟଙ୍କା ଫେରସ୍ତ କରିବେ ରାଜ୍ୟ ସରକାର। ତଦନ୍ତ କମିଶନଙ୍କ ପୂର୍ବ ୬ ଗୋଟି ଅନ୍ତରୀଣ ରିପୋର୍ଟ ଅନୁସାରେ କିଛି ଜମାକାରୀ ଜମା ଟଙ୍କା ଫେରସ୍ତ ପାଇଥିବା ବେଳେ ଅନେକ ଜମାକାରୀ ଭିନ୍ନ ଭିନ୍ନ କାରଣରୁ ଜମାରାଶିର ପ୍ରମାଣ ପତ୍ର ଜମା ନ କରି ପାରିବା ହେତୁ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଆର୍ ଆଇ ଙ୍କ କାର୍ଯ୍ୟାଳୟ ମାନଙ୍କୁ ଯାଞ୍ଚ ପାଇଁ ଆସିଥିବା ଜମାକାରୀଙ୍କ ନାମ ସଂଖ୍ୟା ଅନୁଯାଇ ସମସ୍ତ କ୍ଷତିଗ୍ରସ୍ତ ହିତାଧିକାରୀ ଜମାକାରୀମାନେ ନିଜ ନିଜ ଜମାରାଶିର ମୂଳ ପ୍ରମାଣ ପତ୍ର ସହ ବ୍ୟାଙ୍କ୍ ପାସ୍‌ବୁକର ଅସଲ ଓ ନକଲ କପି ଆର୍ ଆଇ ଙ୍କ କାର୍ଯ୍ୟାଳୟରେ ଜମା ଦେଇ ଜମା ଟଙ୍କା ଫେରସ୍ତ ପାଇବାକୁ ସହଜ କରିବା ପାଇଁ ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ମିଳିତ ମଞ୍ଚ ପକ୍ଷରୁ ଜମାକାରୀ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଛି। ଆଜି ମଞ୍ଚର ସିମୁଳିଆ ବ୍ଲକ କମିଟି ପକ୍ଷରୁ ମହେଶ୍ୱର ବାରିକଙ୍କ ସଭାପତିତ୍ୱରେ ସ୍ଥାନୀୟ ବରୀ ଆର୍ ଆଇଙ୍କ କାର୍ଯ୍ୟାଳୟ ସମ୍ମୁଖ ମହାବୀର ପଡ଼ିଆରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମଞ୍ଚର ରାଜ୍ୟ ଆବାହକ ଉମେଶ ଚନ୍ଦ୍ର ନାୟକ ଉଦବୋଧନ ଦେଇ କହିଥିଲେ ଯେ ସିମୁଳିଆ ତହସିଲ ଅଞ୍ଚଳରୁ ଚିହ୍ନିତ ହୋଇଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଙ୍କୁ ଗ୍ରାମରୁ ଡାକି ସେମାନଙ୍କ କାଗଜ ପତ୍ର ଜମା କରିବା କ୍ଷେତ୍ରରେ ମଞ୍ଚ ସଦସ୍ୟ ମାନେ ସହଯୋଗ କରିବେ। ଆସନ୍ତା ଡିସେମ୍ବର ୩୦ ତାରିଖ ମଙ୍ଗଳବାରଠାରୁ ଏହି ଅଭିଯାନ ସିମୁଳିଆ ରୁ ଆରମ୍ଭ ହୋଇ ସାରା ରାଜ୍ୟର ଚାଲିବ। ମଞ୍ଚର ବ୍ଲକ ସ୍ତରୀୟ କମିଟି ପକ୍ଷରୁ ରତିକାନ୍ତ ମିଶ୍ର ନିରଞ୍ଜନ ସାହୁ ହରିଶ୍ ଚନ୍ଦ୍ର ଦାସ, ମହେଶ୍ୱର ବାରିକ, ଜାଭିର ଅଲ୍ଲୀଖାଁ, ହେମନ୍ତ ପାଣିଗ୍ରାହୀ, ସଚିକାନ୍ତ ମିଶ୍ରଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କ ପ୍ରତି ଅତ୍ୟାଚାର ବିରୋଧରେ ଶ୍ରୀମନ୍ଦିରକୁ ପଦଯାତ୍ରା



**ବାରିପଦା, ୨୫।୧୨(ସମିସ):** ଦିବ୍ୟାଙ୍ଗଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବାରିପଦାରୁ ପୁରୀ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରିଛନ୍ତି ତାପସୀ ବେହେରା। ଆଧ୍ୟାତ୍ମିକ ଚିନ୍ତାଚେତନାରେ ଜାଗ୍ରତ ହୋଇ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ ସେ ଏହି କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରତି ହେଉଥିବା ଅଣଦେଖା ଓ ଅତ୍ୟାଚାର ବିରୋଧରେ ସଚେତନତା ସୃଷ୍ଟି ସହ ସମସ୍ତଙ୍କ ମଙ୍ଗଳକାମନା କରିଛନ୍ତି। ଏନେଇ ଗୁରୁବାର ବାରିପଦାସ୍ଥିତ ମା' ଅମ୍ବିକା ମନ୍ଦିରଠାରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଖାଲିପାଦରେ ପଦଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କର ଏହି ଯାତ୍ରା ସଫଳ ନେଇ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଘନ କୁହୁଡ଼ି ନେଇ ୟେଲୋ ୱାର୍ଣ୍ଣିଂ



**ରାଇରଙ୍ଗପୁର, ୨୫।୧୨(ସମିସ):** ଜିଲ୍ଲାବ୍ୟାପୀ ହାଡ଼ଭଙ୍ଗା ଶୀତର ପ୍ରକୋପ ଜାରି ରହିଥିବାବେଳେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ଶୀତର ମାତ୍ରା ଉପରମୁହାଁ ରହିଛି। ଶୀତ ପ୍ରଭାବ ଜାରି ରହିଥିବାବେଳେ ଘନ କୁହୁଡ଼ି ଜନଜୀବନ ଅସ୍ତବ୍ୟସ୍ତ କରିବ। ରାଇରଙ୍ଗପୁର ଅଞ୍ଚଳରେ ଘନ କୁହୁଡ଼ି ପରିଲକ୍ଷିତ ମାତ୍ରା ବୃଦ୍ଧି ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ସତର୍କତା ପ୍ରଦାନ କରାଯାଇଛି। ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କୁହୁଡ଼ିର ପରିମାଣ ବୃଦ୍ଧି ପାଇଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଏହି ସମୟରେ ଲୋକେ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

# ମଦ ଜବତ କରୁଛି ପୁଲିସ; ଅବକାରୀ ବିଭାଗ ନିରବ

**ରାଇରଙ୍ଗପୁର, ୨୫।୧୨(ସମିସ):** ବାମନଘାଟି ଉପଖଣ୍ଡରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ଅବକାରୀ ବିଭାଗ ଫେଲ୍ ମାରିଥିବାବେଳେ ପୁଲିସ ବିଭାଗ ଜବତ କରିଛି। ନବ ବର୍ଷ ପୂର୍ବରୁ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଦ୍ୱାରା ଚଢ଼ଉ କରାଯାଇ ବିଦେଶୀ ମଦ ଜବତ କରାଯାଇଛି। ଗୁରୁବାର ରାଇରଙ୍ଗପୁର ଟାଉନ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଦୁର୍ଗାମଣ୍ଡପ ଓ ଗଡ଼ ଅଞ୍ଚଳରେ ବେଆଇନ ମଦ କାରବାର ନେଇ ଖବର ମିଳିଥିଲା। ଯାହାକୁ ନେଇ ମତ୍ସ୍ୟ କାର୍ଯ୍ୟାଳୟ ନିକଟରେ ପୁଲିସ ଟିମ୍ ଚଢ଼ଉ କରି ବିଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୧୪.୬ ଲିଟର ବିୟର ଓ ୧୬.୩୨ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ଷଢ଼େଇକଳା ଖରସୁଆଁ ଜିଲ୍ଲା ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର ହୀରାଲାଲ ମାଝୀ ଓ ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ସିଜୁକଳା ଗ୍ରାମର ଗୋପିନାଥ ମୁର୍ମୁ। ଉଭୟଙ୍କ ନିକଟରୁ ଏକ ବାଇକ୍ ଓ ଏକ ସ୍କୁଟି ଜବତ କରାଯାଇଛି। ଏ ସମ୍ପର୍କରେ ରାଇରଙ୍ଗପୁର ଟାଉନ ଥାନା ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ବାମନଘାଟି ଉପଖଣ୍ଡରେ ବିଭିନ୍ନ ଢାବା, ହୋଟେଲ, ରେଷ୍ଟୋରାଁମାନଙ୍କରେ ବେଆଇନ ମଦ କାରବାର ଜାରି ରହିଛି। ସେ ବାବଦରେ ଜାଣି ସୁଦ୍ଧା ଅବକାରୀ ବିଭାଗ ନିଦ୍ରାବିଷ୍ଟ ସାଜିଛି। ପୁଲିସ ବିଭାଗ ମଦ ଜବତ କରୁଥିବାବେଳେ ଅବକାରୀ ବିଭାଗ ଦେଖଣାହାରି ସାଜିଛି।

**ନବ ବର୍ଷ ପୂର୍ବରୁ ବିଦେଶୀ ମଦ ଜବତ; ୨ ଗିରଫ**

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ଉଦଳା, ୨୫।୧୨(ସମିସ): ଉଦଳା ବିଜ୍ଞପିତ ଅଞ୍ଚଳର ୬ ନମ୍ବର ୱାର୍ଡରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୩୮ତମ ବାର୍ଷିକ ଉତ୍ସବ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସକାଳ ୮.୩୦ରେ ଆଧ୍ୟାତ୍ମିକ ପତାକା କେନ୍ଦ୍ରର ସଭାପତିଙ୍କ ଦ୍ୱାରା ଉତ୍ତୋଳନ ପରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ମନୋରଞ୍ଜନ ପାଢ଼ୀଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ ଓ ସୌମ୍ୟ ରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ପ୍ରାଚୀର ପତ୍ରିକା ସମର୍ପଣ ଉନ୍ମୋଚିତ ହେଇଥିଲା। ଅପରାହ୍ଣ ୩ଟାରେ ଶିକ୍ଷାନୁଷ୍ଠାନର ସ୍ଥାୟୀ ସଭାପତି କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଉଦଳା ବିଜ୍ଞପିତ ଅଞ୍ଚଳର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥିଭାବେ କୃଷ୍ଣ ଚୈତନ୍ୟ ସଦୁଆଳ, ଲଳିତ ବେହେରା ଓ ସ୍ନେହଲତା ସଦୁଆଳ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ଉପାଦେୟତା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପବିତ୍ର ମୋହନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିକ୍ଷକ ରାମଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ସାନ୍ତାଳୀ ଭାଷାରେ ଶିକ୍ଷାଦାନ ଓ ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର

**ବାରିପଦା, ୨୫।୧୨(ସମିସ)**

ଭାରତ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶା ଶାଖା ପକ୍ଷରୁ ଓଡ଼ିଶା ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ସାନ୍ତାଳୀ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ଓ ସାନ୍ତାଳୀ ଭାଷା ଶିକ୍ଷକ ନିଯୁକ୍ତି ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ସାନ୍ତାଳୀ ଭାଷା ଏକ ଅନ୍ୟତମ ଭାଷା ଅଟେ। ୨୦୦୩ ଡିସେମ୍ବର ୨୨ରେ ସାନ୍ତାଳୀ ଭାଷାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅମଳରେ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯାଇଥିଲା। ସମ୍ବିଧାନ ସ୍ୱୀକୃତି ମିଳିବାର ଦୀର୍ଘ ୨୧/୨୨ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ସାନ୍ତାଳୀ ମାତୃଭାଷା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ନିମନ୍ତେ କୌଣସି ବିଧିବଦ୍ଧ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇପାରିନାହିଁ। ସାନ୍ତାଳୀ ଭାଷାର ବିକାଶ ତଥା ଅଲଚିକି ଲିପିର ମୂଳଦୁଆ ଓଡ଼ିଶାରେ ଆରମ୍ଭ ହୋଇଥିଲେ ସୁଦ୍ଧା ସାନ୍ତାଳୀ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ନିମନ୍ତେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟଠାରୁ ଢେର୍ ପଛରେ ରହିଛି।

ପୂର୍ବ ସରକାର ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ। ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ସାନ୍ତାଳୀ ଭାଷାକୁ ଓଡ଼ିଶାରେ ଘୋର୍ ଅବହେଳା କରାଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟ ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ଭାଷା ଯଥା- ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭାଷାକୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଲବ୍ଧ କରାଯାଉଛି କିନ୍ତୁ ସାନ୍ତାଳୀ ଭାଷାକୁ ସେହିପରି ଶିକ୍ଷା କ୍ଷେତ୍ରରେ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ଓଡ଼ିଶାରେ ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭାଷାକୁ ଯେପରି ଭାଷାଗତ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରାଯାଇ ଶିକ୍ଷା କ୍ଷେତ୍ରରେ ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାଷା ଶିକ୍ଷକ ନିଯୁକ୍ତି ସାଙ୍ଗକୁ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଉଛି, ଠିକ୍ ସେହିପରି ସାନ୍ତାଳୀ ଭାଷାକୁ ଓଡ଼ିଶାରେ ଭାଷାଗତ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରାଯାଇ ଭାଷା ଶିକ୍ଷକ ନିଯୁକ୍ତି ଓ ସମସ୍ତ ପାଠ୍ୟ ଉପକରଣ ଯୋଗାଇବା ନିମନ୍ତେ ବିଧିବଦ୍ଧ ବ୍ୟବସ୍ଥା କରାଯାଉ। ପୂର୍ବ ସରକାରଙ୍କ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉପଲବ୍ଧି କରି ଏକ ଏକ୍ସପର୍ଟ କମିଟି ଗଠନ କରିଥିଲେ। ଉକ୍ତ କମିଟିର ସୁପାରିସ୍ ଆଧାରରେ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା ମଧ୍ୟ କରିଥିଲେ। ତେଣୁ ବର୍ତ୍ତମାନର ନୂତନ ସରକାର ଏହି ପ୍ରସଙ୍ଗ ବା ପ୍ରସ୍ତାବ ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସମଗ୍ର ସାନ୍ତାଳୀ ସମୁଦାୟ ଓ ସମସ୍ତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦୃଢ଼ ଦାବି କରାଯାଉଛି। ଏହି ଦାବିକୁ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଖୁବ୍‌ଶୀଘ୍ର ଗ୍ରହଣ କରିବା ଉଚିତ୍। ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ଦାବିର ସମାଧାନ ନିମନ୍ତେ ଶୀଘ୍ର ହାତକୁ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଭାରତ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶା ଶାଖା ପନତ୍ ପାର୍ଗାନା ବାବା ବାଲକ୍ ରାମ୍ ବାସ୍କେ, ହନତ୍ ପାର୍ଗାନା ବାବା ସୁନ୍ଦର ମୋହନ ସୋରେନ, ମୁଲୁକ୍ ପାର୍ଗାନା ବାବା ସନେର୍ ସିଞ୍ଜ୍ ହାଁସଦା, ଅଲ୍ ଓଡ଼ିଶା ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟିର ସଭାପତି ସୁନାରାମ୍ ସୋରେନ୍, ସାନ୍ତାଳୀ ଏକାଡେମୀ ଓଡ଼ିଶାର ସମ୍ପାଦକ ଠାକୁରା ସୋରେନ୍ ଓ ବିଭିନ୍ନ ଛାତ୍ର ସଂଗଠନର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ମିଳିତ ବିବୃତିରେ ଘୋଷଣା କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

# ଅଲ୍‌ଚିକି ପାର୍ସି ମାହା ଦିବସ ପାଳିତ



**ବାରିପଦା, ୨୫।୧୨(ସମିସ):** ବାରିପଦା ବ୍ଲକ ନିକଟସ୍ଥ କ୍ଲବ୍ ଘରଠାରେ 'ସୁନାରାମ ସୋରେନ ଟ୍ରଷ୍ଟ' ଅନୁକୂଲ୍ୟରେ 'ପାର୍ସିମାହା ଦିବସ' ପାଳିତ ହୋଇଯାଇଛି। ଟ୍ରଷ୍ଟର ମେମ୍ବର କାନ୍ଦନ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଇଂ ଜାଶକାନ ହେମ୍ବ୍ରମ ଯୋଗଦେଇ ଅଲଚିକି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କର କଷ୍ଟସାଧ୍ୟ ଜୀବନୀ ମଧ୍ୟରେ ଲିପିର ପ୍ରଚାରପ୍ରସାର ପାଇଁ ତାଙ୍କର ଆଜୀବନ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ମଧ୍ୟ ସାନ୍ତାଳୀ ଭାଷାର ଲିପି, ସାହିତ୍ୟ ଓ ସଂସ୍କୃତିର ବହୁଳ ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସାନ୍ତାଳ ସମାଜର ଏହି ଲିପିକୁ ୨୦୦୩ ଡିସେମ୍ବର ୨୨ରେ ପାର୍ଲିଆମେଣ୍ଟରେ ଗୃହିତ ହୋଇଥିବାରୁ ଏହି ଦିନଟିକୁ 'ପାର୍ସି ମାହା' ବିଜୟ ଦିବସ ରୂପେ ପାଳନ କରିବା ପାଇଁ ଯୁକ୍ତିଯୁକ୍ତ ବୋଲି କହିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ଫାଗୁରାମ ମାର୍ଣ୍ଡି, ସଭ୍ୟ ନୁନାରାମ ମାଝୀ, ଚନ୍ଦ୍ରମୋହନ ମାଝୀ, ସେଙ୍ଗେଲ ସିଂ, ଚାମ୍ପାଇରାମ ସୋରେନ, ଧନୀରାମ ହାଁସଦା ତଥା ଗୁରୁ ପ୍ରସାଦ ହାଁସଦା ପ୍ରମୁଖ ଆଲୋଚନାରେ ଭାଗ ନେଇ ସାନ୍ତାଳ ସମାଜର ଉନ୍ନତୀକରଣ ତଥା ଅଲଚିକି ଲିପିର ପ୍ରଚାରପ୍ରସାର ପାଇଁ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ସୁନାରାମ ସୋରେନ ଅଲଇତୁନ୍ ଆସିଲାର ଛାତ୍ରଛାତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ସାନ୍ତାଳୀପ୍ରେମୀ ଯୋଗଦେଇଥିଲେ। ଶେଷରେ ଫାଗୁ ଚରଣ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ସାଧନାର ଜିଲ୍ଲାସ୍ତରୀୟ ସଂଗଠନ ବୈଠକ



**ବାରିପଦା, ୨୫।୧୨(ସମିସ):** ସ୍ଥାନୀୟ ମୟୂରଭଞ୍ଜ ଆଥ୍‌ଲେଟିକ୍ ସଭାଗୃହ ପରିସରରେ ସାଧନାର ଏକଦିବସୀୟ ଜିଲ୍ଲାସ୍ତରୀୟ ସଂଗଠନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧନାର ଏଚ୍‌ଆଇୟୁ ପ୍ରକଳ୍ପର କ୍ଷେତ୍ର ସଂଯୋଜିକା ସ୍ୱର୍ଣ୍ଣଜିତ୍ କୁମାରୀ ମହାପାତ୍ର ଏହି ସଭାକୁ ପରିଚାଳନା କରିଛନ୍ତି। ଏଥିରେ ଭୁବନେଶ୍ୱରସ୍ଥିତ ସଂସ୍ଥା ଏସ୍‌ଏମ୍‌ଆର୍‌ସି ସମାହିତା ପ୍ରକଳ୍ପର ଜେଣ୍ଡର ଏକ୍ସପୋର୍ଟ ଶୁଭ ଉପାସନା, ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଯୋଗଦେଇଥିଲେ। ତତ୍‌ସହିତ କପ୍ତିପଦା ବ୍ଲକରୁ ମନୋରଞ୍ଜନ ବେହେରା, ନବୀନ ନାଏକ ଏବଂ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ସାଧନା ନିର୍ଦ୍ଦେଶକ ପ୍ରଭାକର ସାହୁ ଜିଲ୍ଲାସ୍ତରୀୟ ସଂଗଠନର ଉଦ୍ଦେଶ୍ୟ, ଏହାର ଦୂରଦୃଷ୍ଟି ଏବଂ ଏହି ସଂଗଠନ ଆମେ କାହିଁକି ଗଢ଼ିବା ସେ ବିଷୟରେ ସମସ୍ତ ଭିନ୍ନକ୍ଷମ ଭାଇଭଉଣୀମାନଙ୍କୁ ଅବଗତ କରାଇଥିଲେ। ଏହା ପରେ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ନେଇ ଏହି ଜିଲ୍ଲାସ୍ତରୀୟ ସଂଗଠନର ନାମକରଣ କରଯାଇଥିଲା। ଏହି ସଂଗଠନର ନାମ 'ସୁବର୍ଣ୍ଣ ସକାଳ' ରଖାଯାଇଥିଲା। ଏହି ପରିଷଦ ବୈଠକରେ ୩ଟି ବ୍ଲକ କପ୍ତିପଦା, ବାରିପଦା, ଶୁଳିଆପଦାରୁ ଭିନ୍ନକ୍ଷମ ଭାଇଭଉଣୀ ମିଶି ମୋଟ୍ ୧୦୨ ଜଣ ଯୋଗଦେଇଥିଲେ।

# ତୃତୀୟ ଥର ପାଇଁ ମାଧପୁର ଉଚ୍ଚ ବିଦ୍ୟାଳୟର ସଫଳତା

**ବଡ଼ସାହି, ୨୫।୧୨(ସମିସ):** ବିଗତ ବର୍ଷମାନଙ୍କ ଭଳି ଏବର୍ଷ ମଧ୍ୟ ଡିସେମ୍ବର ୨୨ ଓ ୨୩ରେ କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଛି ବଡ଼ସାହି ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଧପୁରର ପ୍ରକଳ୍ପ 'ହାଇଟେକ୍ ୱାଟର୍ ଟ୍ୟାଙ୍କ୍ କ୍ଲିନର୍'। ଏହାର ସବ୍‌ଥିମ୍ ଥିଲା 'ହେଲ୍‌ଥ ଆଣ୍ଡ ହାଏଜିନ୍'। ଆୟୋଜିତ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ସମାରୋହରେ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ପ୍ରକଳ୍ପଟି ପୁରସ୍କୃତ ହୋଇଥିଲା। ବିଜ୍ଞାନ ଶିକ୍ଷକ ସୁବ୍ରତ କିଶୋର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ମନୋରଞ୍ଜନ ପ୍ରଧାନଙ୍କ ଦ୍ୱା ଉକ୍ତ ପ୍ରକଳ୍ପଟି ବିଦ୍ୟାଳୟସ୍ତରରୁ ବ୍ଲକ ଏବଂ ବ୍ଲକରୁ ଜିଲ୍ଲା ଚାରିଆଡ଼େ ଚର୍ଚ୍ଚା ସାଉଁଟିଥିଲା। ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ମାଧପୁର ଭଳି ଗ୍ରାମରୁ ୨୦୨୨, ୨୦୨୩ ଏବଂ ୨୦୨୫ରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ ପୂର୍ବକ ପ୍ରତିନିଧିତ୍ୱ କରିବା ଯେତିକି ଗର୍ବର କଥା, ବିଜ୍ଞାନ ଶିକ୍ଷକ ସୁବ୍ରତ ସାର୍‌ଙ୍କ ମାର୍ଗଦର୍ଶନ ସେତିକି ପ୍ରଶଂସନୀୟ ବୋଲି ଆଲୋଚନା ହେଉଛି। ବିଗତ ଦିନରେ ବିଦ୍ୟାଳୟକୁ ମିଳିଥିବା କୃତିତ୍ୱ ଏବଂ ପ୍ରଶଂସା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ପାଣିଗ୍ରାହୀ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗ ଏବଂ ସମର୍ଥନକୁ ଶ୍ରେୟ ଦିଆଯାଉଥିବା ବେଳେ ବଡ଼ସାହି ବ୍ଲକର ବିଭିନ୍ନ ପଦାଧିକାରୀ, ଗ୍ରାମବାସୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ଆସନ୍ତା ୨୬ରୁ ୨୮ ତାରିଖରେ କେନ୍ଦୁଝରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପ୍ରତିନିଧିତ୍ୱ କରିବା ପାଇଁ ଶୁଭକାମନା ଜଣାଇଛନ୍ତି।

**ରାଜ୍ୟସ୍ତରକୁ ମନୋନୀତ ବିଜ୍ଞାନ ପ୍ରକଳ୍ପ**




# ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଓ ବାଜପେୟୀଙ୍କ ଜୟନ୍ତୀ

**ବାରିପଦା, ୨୫।୧୨(ସମିସ):** ଗୁରୁବାର ବାରିପଦାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ସାହିତ୍ୟିକ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ବାରିପଦା ଏସ୍‌ଡିଆଇପିଆର୍‌ଓ ଶିଶିର କୁମାର ମୁଣ୍ଡୁୟା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ମନୋଜ ଦଳବେହେରା, ସମରେନ୍ଦ୍ର ବସାଙ୍କ ସମେତ ପରିଷଦର ଅନ୍ୟାନ୍ୟ ୨୫ ଜଣ ପ୍ରମୁଖ କବି ଓ କବୟିତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତାପାଠ କରିଥିଲେ। ଉକ୍ତ କବିତାପାଠ ଉତ୍ସବକୁ ସାହିତ୍ୟ ପରିଷଦର ସଦସ୍ୟ ଡ. ଶଶୀଧର ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ବା ଗୁଡ୍ ଗଭର୍ଣ୍ଣାନ୍ସ ଡେ' ବିଷୟବସ୍ତୁ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।

**ବିଶୋଇ**

ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ବିଶୋଇସ୍ଥିତ ଅଟଳ ଛକଠାରେ ମହାଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ଦଳର ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଯୋଗଦେଇ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ କୃତିତ୍ୱ ଓ ଭାରତବର୍ଷ ପ୍ରତି ଅବଦାନ ଉପରେ ବକ୍ତବ୍ୟ ରଖିବା ସହିତ ବାଜପେୟୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରିବା ପାଇଁ ଦଳୀୟ କର୍ମୀଗଣଙ୍କୁ ଆହ୍ୱାନ କରିଥିଲେ। ପ୍ରଦେଶ ସମ୍ପାଦକ ରାମଚନ୍ଦ୍ର ହାଁସଦା ଅଟଳଜୀଙ୍କ ରାଜନୈତିକ ଜୀବନୀ ଚରିତ୍ର ଉପରେ ବକ୍ତବ୍ୟ ରଖିଥିଲେ। ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ମହାନ୍ତ, ଜିଲ୍ଲା ଉପସଭାପତି ସତ୍ୟନାରାୟଣ ମଣ୍ଡଳ, ଜିଲ୍ଲା ଉପସଭାପତି ତାପସ ଦତ୍ତ, ଜିଲ୍ଲା ସମ୍ପାଦିକା ନାନୀକା ନାଏକ, ବରିଷ୍ଠ କର୍ମୀ ଗୁରୁବା ମୁର୍ମୁ ସମେତ ଦଳର ବହୁ ଯୁବ, ତୁଙ୍ଗ ଏବଂ ମହିଳା ନେତ୍ରୀ ଉପସ୍ଥିତ ରହି ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ।




# ମୟୂରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ



**ବାରିପଦା, ୨୫।୧୨(ସମିସ):** ମୟୂରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ମୟୂରଭଞ୍ଜର ଅତିରିକ୍ତ ପୁଲିସ ଆରକ୍ଷୀ ଅଧୀକ୍ଷକ ସବିତା ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଡାକ ବିଭାଗର ବିଭିନ୍ନ ସଞ୍ଚୟ ଯୋଜନାରେ ରଖିଥିବା ଧନକୁ ସୁରକ୍ଷିତ ରଖିବା ସହ ଠକାମୀରୁ କିପରି ପୁଲିସ ବିଭାଗ ସମନ୍ୱୟ ରକ୍ଷାକରି ଏକ ସୁସ୍ଥ ଓ ବିପଦମୁକ୍ତ ସମାଜ ଗଠନ କରାଯାଇ ପାରିଛି ତାହା ଉପରେ ମୁଖ୍ୟତଃ ଆଲୋକପାତ କରିଥିଲେ। ଆଧୁନିକ ମୋବାଇଲ୍ ଯୁଗରେ ଡାକ ବିଭାଗ ଲୋକଙ୍କ ଭାବ ସହ ଏବେ ମଧ୍ୟ ଜଡ଼ିତ ହୋଇରହିଛି, ଯାହାର ପ୍ରତିଫଳନ ସ୍ୱରୂପ ଚକତପୁରରେ ଏକ ଜେନ ଜି ପୋଷ୍ଟ ଅଫିସର ଶୁଭାରମ୍ଭ। ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଆସାମ ଡାକ ପରିମଣ୍ଡଳର ଅବସରପ୍ରାପ୍ତ ଅତିରିକ୍ତ ଡାକ ନିର୍ଦ୍ଦେଶକ (ଡାକ ଜୀବନ ବୀମା) ତାଙ୍କ ଅଭିଭାଷଣରେ ଡାକ ବିଭାଗରେ ବିଭିନ୍ନ ପରିବର୍ତ୍ତନ ସହ ସମୟ ଉପଯୋଗୀ ନିୟମ ଡାକ ବିଭାଗ ପ୍ରଚଳନ ଯୋଗୁଁ ଲୋକମାନେ ପୁଣି ଡାକଘର ପ୍ରତି ଆକର୍ଷିତ ହେଲେଣି। ବିକଶିତ ଭାରତର ଲକ୍ଷ୍ୟକୁ ଆଖି ଆଗରେ ରଖିକି ଡାକ ବିଭାଗ ପ୍ରତି ଲୋକଙ୍କୁ ଡାକଘର ସହ ଯୋଡ଼ିବାକୁ ଚେଷ୍ଟା କରୁଛି ବୋଲି କହିଥିଲେ। ଏହି ସଭାକାର୍ଯ୍ୟକୁ ପୌରୋହିତ୍ୟ କରୁଥିବା ମୟୂରଭଞ୍ଜ ଡାକ ମଣ୍ଡଳ ଅଧୀକ୍ଷକ ଭାଗ୍ୟଧର ଦାସ ସ୍ୱାଗତ ଭାଷଣରେ ମୟୂରଭଞ୍ଜ ଡାକମଣ୍ଡଳ ବିଗତ ୩ ବର୍ଷ ଧରି କିପରି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି ତାହା ପ୍ରକାଶ କରିଥିଲେ। ଡାକ ସହ ଅଧୀକ୍ଷକ ପ୍ରଣବ କୁମାର ମିଶ୍ର ବିଭାଗର ବାର୍ଷିକ ବିବରଣୀ ପ୍ରସ୍ତୁତ କରିଥିଲେ। ଅତିଥିବୃନ୍ଦ ଡାକ ଜୀବନ ବୀମା କ୍ଷେତ୍ରରେ ସଫଳତା ହାସଲ କରିଥିବା ମନୋଜ କୁମାର ସେନ୍, ସଞ୍ଜୟ ଦାସ, ଗୀତାଞ୍ଜଳି ସାହୁ, ଅଜିତ୍ ନାୟକ, ଧରଣୀଧର ଦାସଙ୍କୁ ଡାକ ବିଭାଗ ଦ୍ୱାରା ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଡାକ ବିଭାଗର କର୍ମଚାରୀ ଓ ତାଙ୍କ ସନ୍ତାନମାନଙ୍କ ଦ୍ୱାରା ସୁନ୍ଦର ନାଚଗୀତ ଓ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାଲେଶ୍ୱର ଡାକ ମଣ୍ଡଳ ଓ ସମ୍ବଲପୁର ଡାକ ମଣ୍ଡଳର ଡାକ ଅଧୀକ୍ଷକଙ୍କୁ ମୟୂରଭଞ୍ଜ ଡାକ ଅଧୀକ୍ଷକ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ 'ଆପଣଙ୍କ ଚିଠି'ର ପରିଚାଳନା କରୁଥିବା ଶିକ୍ଷକ ସୋମନାଥ ସିଂଙ୍କୁ ଏହି କାର୍ଯ୍ୟକ୍ରମ ମଧ୍ୟମରେ ମେଳାକୁ ଆସୁଥିବା ଓ ମେଳାର ସିଧା ପ୍ରସାରଣ ଦେଖୁଥିବା ଲୋକଙ୍କ ମଧ୍ୟରେ ଚିଠି ଲେଖାକୁ ପ୍ରୋତ୍ସାହନ କରୁଥିବାରୁ ମୟୂରଭଞ୍ଜ ଡାକ ମଣ୍ଡଳ ତରଫରୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା। ଶେଷରେ ଅଫିସ ସୁପରଭାଇଜର ଉଜ୍ଜ୍ୱଳ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଚାନ୍ଦୁଆ କେଜିଭବିର କୃତିତ୍ୱ

**କୁଳିଅଣା, ୨୫।୧୨(ସମିସ):** କରଞ୍ଜିଆ ଏନ୍‌ଏସି ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ କୁଳିଅଣା ବ୍ଲକର ଚାନ୍ଦୁଆ କେଜିଭବିର ଛାତ୍ରୀ ସରିତା ମହାନ୍ତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମେ କୁଳିଅଣା ବ୍ଲକ ତରଫରୁ ହେଉଥିବା ବାଲ୍ ବୈଜ୍ଞାନିକରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେଣୁ ଜିଲ୍ଲା ତରଫରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ କୁଳିଅଣା ବିଡିଓ ଜିତେନ୍ଦ୍ର ମୁର୍ମୁଙ୍କ ସମେତ କୁଳିଅଣା ଶିକ୍ଷା ଅଧିକାରୀ ରଶ୍ମି ରଞ୍ଜନ ଗିରିଙ୍କ ସମେତ ପ୍ରଧାନଶିକ୍ଷୟିତ୍ରୀ ଆରସୁମଣୀ ବାସ୍କେ ସହିତ କୁଳିଅଣା ବ୍ଲକର ଶିକ୍ଷକଶିକ୍ଷୟିତ୍ରୀମାନେ ଶୁଭେଚ୍ଛା ସହିତ ଅଭିନନ୍ଦନ ଜଣାଇଛନ୍ତି।



THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ବିପଦରେ ତଥ୍ୟ

ଆଇଟି ବିଶେଷଜ୍ଞମାନେ ଡାଳେ ଡାଳେ ଗଲେ ହ୍ୟାକର ଓ ସାଇବର ଅପରାଧୀମାନେ ପତ୍ରେ ପତ୍ରେ ଯାଉଛନ୍ତି। ସାଇବର ସୁରକ୍ଷାକୁ ସରକାର ଯେତେ ଦୃଢ଼ କଲେ ମଧ୍ୟ ପ୍ରତିଦିନ ସାଇବର ଅପରାଧ ଜଗତରୁ ନୂଆ ଆହ୍ୱାନ ଓ ଆଶଙ୍କା ସୃଷ୍ଟି ହେଉଛି। ନିକଟରେ ପ୍ରାୟ ୬୮ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇମେଲ୍ ଆଇଡି ଓ ପାସ୍‌ୱାର୍ଡ ପ୍ରଘଟ ହୋଇଥିବା ମଧ୍ୟପ୍ରଦେଶ ପୁଲିସ୍‌ର ସାଇବର ସେଲ୍‌ଫ ସୂଚନା ଦେବା ସହିତ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛି। କିଛିଦିନ ପୂର୍ବରୁ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ବର୍ତ୍ତମାନ ଦେଶରେ ସାଇବର ନିରାପତ୍ତାର ଦୁଃସ୍ଥିତି ଏପରି ହୋଇଛି ଯେ ଲୋକସଭା ସାଂସଦମାନଙ୍କୁ ସ୍ମାର୍ଟଫୋନ୍, ସ୍ମାର୍ଟ ୱାଚ୍ ଓ ସ୍ମାର୍ଟ ଚଷମା ଆଦି ସଂସଦ ପରିସରକୁ ନ ଆଣିବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଦେଶର କୋଟି କୋଟି ଜନସାଧାରଣଙ୍କ ସାଇବର ଓ ଗୋପନୀୟ ତଥ୍ୟ ସୁରକ୍ଷାରେ ଯେ ସରକାର ଦୃଢ଼ ନିଶ୍ଚିତ ନୁହନ୍ତି ତାହା ଏହି ମାର୍ଗଦର୍ଶିକା ଜାରି ପରେ ପ୍ରମାଣିତ ହେଉଛି।

ଏବେ ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ତଥ୍ୟ ପ୍ରଘଟ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ତଥ୍ୟ ସୁରକ୍ଷା ଓ ଗୋପନୀୟତା ରକ୍ଷା ପାଇଁ ସରକାର ଆଇନ ପରେ ଆଇନ ଆଣୁଥିଲେ ମଧ୍ୟ ରୂପାୟନ ସ୍ତରରେ ରହିଯାଉଥିବା ଗଳାବାଟର ସୁଯୋଗ ନେଇ ସାଇବର ଅପରାଧୀମାନେ ସହଜରେ ଲକ୍ଷ୍ୟ ହାସଲ କରି ନେଉଛନ୍ତି। ଆଉ ଏକ ଉଦ୍‌ବେଗଜନକ ବିଷୟ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ 'ଆଧାର' ଏବେ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ହୋଇଯାଇଛି। ସତେଯେମିତି ଆଧାର ବିନା ମଣିଷ ଜୀବନଯାତ୍ରା ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ପରିସ୍ଥିତି ଏପରି ହୋଇଛି ଯେ ଆଧାର ନମ୍ବର ଦେବ ନତୁବା ସେବା ହାସଲ କରିବ ନାହିଁ। ଏଭଳି ପରିସ୍ଥିତି ହ୍ୟାକରଙ୍କୁ ସୁହାଉଛି। ସେମାନେ ତଥ୍ୟ ଚୋରି କରି ନେଇ ବିଦେଶୀ ସରକାରଙ୍କୁ ବିକ୍ରି କରି ପ୍ରଚୁର ଲାଭ ପାଉଛନ୍ତି।

ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ସରକାର ଯୋଜନା କରୁଥିଲେ ହେଁ ତାହା ତଥ୍ୟ ଓ ଗୋପନୀୟତା ରକ୍ଷା ପାଇଁ ଯଥେଷ୍ଟ ନୁହେଁ। ତଥ୍ୟ ପ୍ରଘଟ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ଦେଶ ପ୍ରତି ମଧ୍ୟ ବିପଦ। ତେଣୁ ବେଳ ହୁଁ ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ।। ●

## ବିବଶ ପଡ଼ୋଶୀ

ବାଂଲାଦେଶରେ ମତାନ୍ଧ ମୌଳବାଦୀଙ୍କ ପ୍ରଚ୍ଛନ୍ନ ପ୍ରୋତ୍ସାହନରେ ସୃଷ୍ଟ ସାମ୍ପ୍ରଦାୟିକ ହିଂସାର ନିଆଁଠାରୁ ବଳି ଯାଇଛି ଭୋକର ନିଆଁ। ଭାରତ ବିରୋଧରେ ବିଷୋଦ୍‌ଗାର କରୁଥିବା ସେଠାକାର କାମଚଳା ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ଶେଷରେ ଖାଦ୍ୟଶସ୍ୟ ପାଇଁ ଭାରତ ପାଖରେ ହାତ ପାତିଛନ୍ତି। ସବୁଠାରୁ ଚମକପ୍ରଦ ଖବରଟି ହେଉଛି ବାଂଲାଦେଶକୁ ଶସ୍ୟ ସଙ୍କଟରୁ ଉଦ୍ଧାର କରିବା ଲାଗି ନୂଆ ନୂଆ ହିତାକାଂକ୍ଷୀ ହୋଇଥିବା ପାକିସ୍ତାନ ମଧ୍ୟ ପଛଘୁଞ୍ଚା ଦେଇଛି। ଏଥିରୁ ୟୁନୁସ୍ କି ଶିକ୍ଷା ପାଇଥିବେ ତାଙ୍କୁ ଜଣା।

ଗତବର୍ଷ ଅଗଷ୍ଟ ମାସରେ ଶେଖ୍ ହସିନା ପ୍ରଧାନମନ୍ତ୍ରୀ ପଦରୁ ଗାଦିଚ୍ୟୁତ ହେବା ପରଠାରୁ ବାଂଲାଦେଶରେ ସଂଖ୍ୟାଲଘୁ ବିରୋଧୀ ହିଂସା ଏବଂ ଭାରତ ବିରୋଧରେ ପ୍ରତିକ୍ରିୟା ତୀବ୍ର ହେବାରେ ଲାଗିଛି। ଜନ୍ମଦାତା ଓ ଆଶ୍ରୟଦାତା ଭାରତର ସାହାଯ୍ୟ ସହଯୋଗକୁ ଭୁଲି ଚୀନ୍ ଓ ପାକିସ୍ତାନ ପ୍ରତି ୟୁନୁସ୍ ବନ୍ଧୁତ୍ୱର ହାତ ବଢ଼ାଇଛନ୍ତି। ଏପରିକି ସେହି ଦୁଇ ଦୁଷ୍ଟ ରାଷ୍ଟ୍ରର ପ୍ରରୋଚନାରେ ଭାରତର ଅଖଣ୍ଡତା ବିରୋଧରେ ମନ୍ତବ୍ୟମାନ ଦେଉଛନ୍ତି। ଏହା ମୌଳବାଦୀମାନଙ୍କୁ ସାମ୍ପ୍ରଦାୟିକ ହିଂସା ଭିଆଇବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ୍ ରେହେମାନ୍ ନିର୍ବାସନରୁ ଏବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେଠାରେ ସାମ୍ପ୍ରଦାୟିକ ହିଂସା ଆହୁରି ବ୍ୟାପକ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ବିବଶ ବାଂଲାର ବିଡ଼ମ୍ବନା ଏହା ଯେ ସେଠାରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ପାଇଁ ଦାୟିତ୍ୱ ନେଇଥିବା ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍ ହିଁ ଆସନ୍ତା ଫେବୃଆରୀ ମାସରେ ହେବାକୁ ଥିବା ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଉଦ୍ଦେଶ୍ୟମୂଳକ ଭାବେ ହିଂସା ଓ ଅସ୍ଥିରତାକୁ ପ୍ରଶ୍ରୟ ଦେଉଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପଛର କାରଣ ଏବେ ସ୍ପଷ୍ଟ ହେଉଛି। ସେଠାରେ ଏକ ନିର୍ବାଚିତ ସରକାର ଶପଥ ନେବା ସହିତ ୟୁନୁସ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହେବ। ପରିଣତ ବୟସରେ କ୍ଷମତାଲୋଭରେ ବଶବର୍ତ୍ତୀ ହୋଇ ୟୁନୁସ୍ ଯେଉଁ ଚକ୍ରାନ୍ତ ରଚିଛନ୍ତି, ସେଥିରେ ସେ ନିଜେ ହିଁ ଫସି ଯାଇଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି ହାର ୩%କୁ ହ୍ରାସ ପାଇଥିବା ବେଳେ ମୁଦ୍ରାସ୍ଫୀତି ଦୁଇ ଅଙ୍କ ଛୁଇଁଛି, ୨୧ ଲକ୍ଷ ଛଟେଇ ହେବା ସହିତ ବେରୋଜଗାର ବଢ଼ି ଚାଲିଛି। ସବୁଠାରୁ ଉତ୍କଟ ହୋଇଛି ଖାଦ୍ୟ ଶସ୍ୟ ସମସ୍ୟା। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବାଂଲାଦେଶକୁ ନିହାତି ୯ ଲକ୍ଷ ଟନ୍ ଚାଉଳ ଆବଶ୍ୟକ। ଅପରପକ୍ଷରେ ଚୀନ୍ ଓ ପାକିସ୍ତାନ ଯେଉଁ ଦରରେ ଚାଉଳ ଯୋଗାଣ ପାଇଁ ମୂଳଚାଲ୍ କରିଛନ୍ତି ଆର୍ଥିକ ଦୃଷ୍ଟିରୁ ବାଂଲାଦେଶ ତାହା ଗ୍ରହଣ କରିବା ସ୍ଥିତିରେ ନାହିଁ। ତେଣୁ ସୁଲଭ ମୂଲ୍ୟରେ ଚାଉଳ ଯୋଗାଇ ଦେବା ପାଇଁ ଭାରତ ହିଁ ଶେଷ ସହାୟ ବୋଲି ୟୁନୁସ୍‌ଙ୍କ ଚେତା ପଶିଛି।

ଏବେ ବାଂଲାଦେଶର ଖାଦ୍ୟ ନିରାପତ୍ତା ଭାରତର ନିଷ୍ପତ୍ତି ଉପରେ ନିର୍ଭର କରୁଥିବା ବେଳେ ଚାଉଳ ରପ୍ତାନୀ ନ କରିବା ପାଇଁ ଭାରତ ଭିତରୁ ସ୍ୱର ତେଜିଛି। 'ପଡ଼ୋଶୀ ପ୍ରଥମ' ନୀତିରେ ଭାରତ ସବୁ ପରିସ୍ଥିତିରେ ବାଂଲାଦେଶକୁ ସହାୟତାର ହାତ ବଢ଼ାଇଛି। ତେଣୁ ସାରା ବିଶ୍ୱ ଏବେ ବାଂଲାଦେଶର ବିବଶତାକୁ ଦେଖୁଛି ଏବଂ ଭାରତର ମାନବିକ ପଦକ୍ଷେପକୁ ଅପେକ୍ଷା କରି ରହିଛି। ଏଥିସହିତ ଚୀନ୍ ଓ ପାକିସ୍ତାନର ଛଳନା ମଧ୍ୟ ପୁଣି ଥରେ ବିଶ୍ୱମଞ୍ଚରେ ଅଭିନୀତ ହୋଇଛି। ●

## ଦୋଛକିରେ ବାଂଲାଦେଶ

ଡା. ରାଜ କିଶୋର ପଣ୍ଡା

ବାଂଲାଦେଶର ପରିସ୍ଥିତି ବର୍ତ୍ତମାନ ସମୟରେ କାହାରିକୁ ଅଜଣା ନାହିଁ। ଗତବର୍ଷ ଅଗଷ୍ଟ ମାସରୁ ସେଠାରେ ଆରମ୍ଭ ହୋଇଥିବା ବ୍ୟାପକ ହିଂସା ଓ ଉତ୍ତେଜନା ଏବେ ମଧ୍ୟ ଜାରି ରହିଛି। ପ୍ରବଳ ବିରୋଧ ପରେ ପ୍ରଧାନମନ୍ତ୍ରୀ ଶେଖ ହାସିନା ଗାଦିଚ୍ୟୁତ ହୋଇ ଭାରତରେ ଆଶ୍ରୟ ନେଇଛନ୍ତି। ଧର୍ମାନ୍ଧ ମୌଳବାଦୀଙ୍କ ସମର୍ଥନରେ ସେଠାରେ ଚାଲିଥିବା କାମଚଳା ସରକାର ଅଧୀନରେ ହିନ୍ଦୁ ଓ ଭାରତ ବିରୋଧୀ ହିଂସା ବଢ଼ିଚାଲିଛି। ଡିସେମ୍ବର ୧୨ ତାରିଖରେ ସେଠାକାର ବିପ୍ଳବୀ କବି ତଥା ଭାରତ ବିରୋଧୀ ଯୁବନେତା ସରିଫ୍ ଓସମାନ ହାଦିଙ୍କୁ ହତ୍ୟା ପରବର୍ତ୍ତୀ ହିଂସା ଦେଶର ଶାନ୍ତି ଓ ସ୍ଥିରତାକୁ ଅଧିକ ଅନ୍ଧକାରମୟ କରିଦେଇଛି। ଦୁର୍ଭାଗ୍ୟଜନକ ଭାବରେ ଏହାର ପ୍ରତିକ୍ରିୟା ସ୍ୱରୂପ ଭିଡ଼ ହିଂସାର ଶିକାର ହୋଇଛନ୍ତି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକ। ମତାନ୍ଧ ଗୋଷ୍ଠୀ ଦୀପୁଙ୍କୁ ନୃଶଂସତାର ସହ ମାଡ଼ ମାରି ତାଙ୍କୁ ଲହୁଲୁହାଣ କଲେ ଏବଂ ତାଙ୍କ ମୃତଦେହକୁ ଗଛରେ ବାନ୍ଧି ସେଥିରେ ଅଗ୍ନିସଂଯୋଗ କରିଦେଲେ। ଏହାଠାରୁ ବଳି ଚିନ୍ତାଜନକ ଖବର ସାମ୍ପ୍ରତିକ ସମୟରେ ଆଉ କ'ଣ ହୋଇପାରିବ?

ଏହି ପ୍ରବନ୍ଧଟି ଲେଖିବା ବେଳକୁ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟାକାରୀଙ୍କ ମଧ୍ୟରୁ ବାରଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ସରିଫ ହାଦିଙ୍କ ହତ୍ୟାକାରୀମାନଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ବାଂଲାଦେଶ ଏବେ ହିଂସାର ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ ହୋଇସାରିଛି, ଯାହା ପ୍ରଶମିତ ହେବାର ସମ୍ଭାବନା ଦେଖାଯାଉନାହିଁ। ଏହାର ପ୍ରଥମ କାରଣ ଆଗାମୀ ଫେବୃଆରୀରେ ଏଠାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଏବଂ ଦ୍ୱିତୀୟରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରେହେମାନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି। ମୌଳବାଦୀ ସମର୍ଥକ ଖାଲେଦା ଜିଆଙ୍କର ପୁତ୍ର ତାରିକ୍‌ଙ୍କୁ ହସିନାଙ୍କ ଶାସନ କାଳରେ ଦେଶାନ୍ତର କରାଯାଇଥିଲା। ଦୀର୍ଘ ପ୍ରାୟ ଅଠର ବର୍ଷ ଧରି ନିର୍ବାସନ ଦଣ୍ଡ ଭୋଗୁଥିବା ତାରିକ୍ ହସିନା ଗାଦିଚ୍ୟୁତ ହେବା ପରେ ନିଜ ଦେଶକୁ ଫେରିଥିବାରୁ ତାଙ୍କ ଭିତରେ ଜଳୁଥିବା ପ୍ରତିଶୋଧର ଅଗ୍ନି ନିଶ୍ଚୟ ବାଂଲାଦେଶକୁ ଆହୁରି ଅଶାନ୍ତ କରିପାରେ। ଅପରପକ୍ଷରେ ତାଙ୍କର ସୁରକ୍ଷା ମଧ୍ୟ ବାଂଲାଦେଶର କାମଚଳା ସରକାରଙ୍କ ପାଇଁ ଆଉ ଏକ ଆହ୍ୱାନ ସୃଷ୍ଟି କରିଛି। ବିରୋଧୀ ହସିନା ଗୋଷ୍ଠୀ ପକ୍ଷରୁ ତାଙ୍କ ଉପରେ ସାମାନ୍ୟତମ ଆକ୍ରମଣ ହେଲେ ମଧ୍ୟ ବାଂଲାଦେଶରେ ହିଂସା ଅଣାୟତ୍ତ ହୋଇପଡ଼ିବ।

ପାକିସ୍ତାନ ଭଳି ବାଂଲାଦେଶରେ ମଧ୍ୟ ରାଜନୈତିକ ହତ୍ୟାର ଏକ ଲମ୍ବା ଇତିହାସ ରହିଆସିଛି। ବାଂଲାଦେଶର ଜନ୍ମଦାତା ବଙ୍ଗବନ୍ଧୁ ଶେଖ ମୁଜିବୁର ରେହେମାନ ଏବଂ ତାଙ୍କ ପରିବାର ବର୍ଗଙ୍କୁ କିଛି ଅସନ୍ତୁଷ୍ଟ ସେନା ଅଧିକାରୀ ଅଗଷ୍ଟ ୧୫, ୧୯୭୫ ରେ ନିର୍ମମତାର ସହ ହତ୍ୟା କରିଥିଲେ। ତାରିକ ରେହେମାନଙ୍କର ପିତା ଜିଆ-ଉର ରେହେମାନ, ଯିଏ ନିଜେ ଜଣେ ସେନା ଅଧିକାରୀ ଥିଲେ ଏବଂ ବଙ୍ଗବନ୍ଧୁଙ୍କ ପରେ ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଥିଲେ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା ସେନାର ବିଦ୍ରୋହ ଦ୍ୱାରା ୧୯୭୯ ରେ। ସେହିପରି ବଙ୍ଗବନ୍ଧୁଙ୍କର କନ୍ୟା ଶେଖ ହସିନାଙ୍କ ଉପରେ ମଧ୍ୟ ବହୁବାର ପ୍ରାଣାନ୍ତକ ଆକ୍ରମଣ ହୋଇଛି। ଏଥିମଧ୍ୟରୁ ୨୦୦୪ର ଗ୍ରେନେଡ୍ ଆକ୍ରମଣ ଅନ୍ୟତମ। ଆୱାମୀ ଲିଗର ବହୁ ନେତୃବୃନ୍ଦ ଏହି ଆକ୍ରମଣରେ ମୃତାହତ ହୋଇଥିଲେ। ତାରିକ୍ ରେହେମାନ, ଖାଲେଦା ଜିଆ ଏବଂ ବିଏନ୍‌ପିର ଅନ୍ୟାନ୍ୟ ନେତାମାନଙ୍କୁ ଏହି ଆକ୍ରମଣ ପାଇଁ ଦାୟୀ କରି ସେମାନଙ୍କ ବିରୁଦ୍ଧରେ ମୋକଦ୍ଦମା ମଧ୍ୟ ହୋଇଥିଲା। ସମ୍ପ୍ରତି ବାଂଲାଦେଶର ସର୍ବୋଚ୍ଚ ଅଦାଲତ ଏହି ମାମଲାକୁ ରଦ୍ଦ କରିଛନ୍ତି।

ତାରିକଙ୍କର ବାଂଲାଦେଶକୁ ପ୍ରତ୍ୟାବର୍ତ୍ତନ ଓ ଓସମାନ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ହିଂସା କାକତାଳିକ ହୋଇପାରେ। କିନ୍ତୁ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ବିକ୍ଷୋଭ ଓ ହିଂସାରେ ବାଂଲାଦେଶର ଦୁଇଟି ପ୍ରତିଷ୍ଠିତ ଖବର କାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ' ଉପରେ ମଧ୍ୟ ଆକ୍ରମଣ ହୋଇଛି। ଯଦିଓ ଏହି ଦୁଇଟି ଖବରକାଗଜ ଶେଖ ହାସିନାଙ୍କ ବିରୋଧୀ ଥିଲେ ଏବଂ ଗତବର୍ଷ ଜୁଲାଇରେ ସଂଘଟିତ ହୋଇଥିବା ଗଣଆନ୍ଦୋଳନର ସମର୍ଥକ ଥିଲେ, ଏମାନଙ୍କ ଉପରେ ଆକ୍ରମଣର କାରଣ ତର୍ଜମା କଲା ବେଳେ ଭିନ୍ନ ସଂକେତ ମିଳୁଛି। ହାଦିଙ୍କ ମୃତ୍ୟୁ ପାଇଁ ବାଂଲାଦେଶର ବିଭିନ୍ନ ଇସଲାମୀୟ ମୌଳବାଦୀ ଗୋଷ୍ଠୀ ଶେଖ ହାସିନାଙ୍କୁ ଓ ତାଙ୍କୁ ଆଶ୍ରୟ ଦେଇଥିବାରୁ ପରୋକ୍ଷରେ ଭାରତକୁ ଦାୟୀ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଢାକାରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ତେବେ ବିଭିନ୍ନ ସୂତ୍ରରୁ ଜାଣିବାକୁ ମିଳୁଛି କି ବାଂଲାଦେଶର ଏଭଳି ପରିସ୍ଥିତିକୁ ସୃଷ୍ଟି କରିବାରେ ଜମ୍ମାତ-ଇ-ଇସଲାମୀର ସବୁଠାରୁ ବଡ଼ ହାତ ରହିଛି। ସମ୍ପ୍ରତି ଏହା ବାଂଲାଦେଶର ସବୁଠାରୁ ବୃହତ୍ ଇସଲାମୀୟ ମୌଳବାଦୀ ଓ ଆତଙ୍କବାଦୀ ସଙ୍ଗଠନ। ଶେଖ ହସିନାଙ୍କ ଶାସନ ସମୟରେ ସେ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ପ୍ରଭାବକୁ କ୍ଷୁଣ୍ଣ କରିଥିଲେ। ହସିନା ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କର ସ୍ୱାର୍ଥରକ୍ଷା କରିବା ସହିତ ଦେଶର ଧର୍ମନିରପେକ୍ଷତାକୁ ବଜାୟ ରଖିଥିଲେ ଏବଂ ଭାରତ ସହିତ ଉତ୍ତମ ସମ୍ପର୍କ ରଖିଥିଲେ। କିନ୍ତୁ ଗତବର୍ଷର ବିଦ୍ରୋହ ଓ ଶେଖ ହସିନାଙ୍କ ଭାରତ ପଳାୟନ ପରେ ଜମାତ ନିଜର ଭାରତବିରୋଧୀ କାର୍ଯ୍ୟକଳାପ, ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ଦ୍ୱାରା ବାଂଲାଦେଶକୁ ଏକ ଇସଲାମୀୟ ରାଷ୍ଟ୍ରରେ ପରିଣତ କରିବା ପାଇଁ ଚେଷ୍ଟା କରୁଛି। ରୋଚକ କଥା ଏହି ଯେ ହସିନାଙ୍କ ଶାସନ ସମୟରେ ଯେଉଁ ଜମାତ, ଖାଲେଦା ଜିଆଙ୍କ ଦଳ ବିଏନପିକୁ ସମର୍ଥନ କରୁଥିଲା, ବର୍ତ୍ତମାନ ପରିସ୍ଥିତିରେ ଏହି ଦଳ ସହ ପ୍ରତିଦ୍ୱନ୍ଦ୍ୱିତା କରି ସବୁଠାରୁ ଶକ୍ତିଶାଳୀ ଦଳ ହେବା ପାଇଁ ଚେଷ୍ଟା କରୁଛି।

ସେଠାକାର ବହୁଳ ପ୍ରସାରିତ ଖବରକାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ', ଯେଉଁମାନେ କି ଶେଖ ହାସିନାଙ୍କ ଦୃଢ଼ ସମାଲୋଚକ ଥିଲେ, ସେମାନଙ୍କର କାର୍ଯ୍ୟାଳୟ ଉପରେ ଆକ୍ରମଣ ପଛର କାରଣ ଏବେ ଧୀରେଧୀରେ ସାମନାକୁ ଆସୁଛି। ୧୯୭୧ ମସିହାରେ ସଂଘଟିତ ପାକିସ୍ତାନ ସେନାର ନୃଶଂସ ଅତ୍ୟାଚାର, ବଳାତ୍କାର ଏବଂ ବାଂଲାଦେଶ ମୁକ୍ତିବାହିନୀର ଅତୁଳନୀୟ ତ୍ୟାଗ ସମ୍ବଳିତ 'ବାଂଲାଦେଶର ମୁକ୍ତି ସଂଗ୍ରାମ'ର ଇତିହାସକୁ ବିଲୋପ କରିବା ପାଇଁ ଜମାତ୍ ଚେଷ୍ଟା କରୁଥିବା ବେଳେ ଉପରଲିଖିତ ଖବରକାଗଜ ଦୁଇଟି ଏହାର ବିରୋଧ କରୁଛନ୍ତି। ଜମାତ ଓ ୟୁନସ୍ ସରକାର ଏହିପରି କରିବାର କାରଣ, ପାକିସ୍ତାନ ଓ ବାଂଲାଦେଶର ସାମ୍ପ୍ରତିକ ସମୟରେ ବଢ଼ୁଥିବା ଘନିଷ୍ଠତା। ଆମେମାନେ ଲକ୍ଷ୍ୟ କଲେ ଜାଣିପାରିବା ଯେ, ୧୯୭୧ ମସିହା ପରେ ପ୍ରଥମଥର ପାଇଁ ପାକିସ୍ତାନ ଓ ବାଂଲାଦେଶ ପରସ୍ପରର ନିକଟବର୍ତ୍ତୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ହେଉଥିବା ଦ୍ୱିପାକ୍ଷିକ ଆଲୋଚନା ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ବାରମ୍ବାର ବାଂଲାଦେଶ ଗସ୍ତରୁ ଏହା ସ୍ପଷ୍ଟ ଅନୁମେୟ।

ଶେଷରେ ଆମ ଓଡ଼ିଶାର ପ୍ରଥିତଯଶା ଲେଖକ ସ୍ୱର୍ଗତ ମନୋଜ ଦାସଙ୍କ ବାଂଲାଦେଶ ଉପରେ ଲିଖିତ ଏକ ଆଲେଖ୍ୟରୁ କିଛିଅଂଶ ଉଦ୍ଧୃତ କରି ମୁଁ ପ୍ରବନ୍ଧଟିକୁ ଶେଷ କରୁଛି। ଏହି ଆଲେଖ୍ୟଟି ମନୋଜ ଦାସ ଲେଖିଥିଲେ ୧୯୭୫ ମସିହାରେ ବଙ୍ଗବନ୍ଧୁଙ୍କ ହତ୍ୟା ପରେ। ଆଲେଖ୍ୟଟିର ନାମ 'ମୌଳିକ ପାପ'। ଆଲେଖ୍ୟଟିରେ ଶ୍ରୀଦାସ କହିଛନ୍ତି, 'ଯେଉଁ ହିଂସାର ନଗ୍ନ ନୃତ୍ୟ ଭିତରୁ ପାକିସ୍ତାନର ଜନ୍ମ ସେହି ହିଂସାର ପ୍ଳାବନରେ ବାଂଲାଦେଶର ଜନ୍ମ। ସେଠାକାର ବାତାବରଣରେ ହିଂସା ଏଡ଼େ ବେଶି ଦେହସୁହା ହୋଇଯାଇଛି ଯେ ହିଂସା ଭିତରେ ତୁଙ୍ଗତମ ନେତାର ମୃତ୍ୟୁ ମଧ୍ୟ ହୁଏତ ସେତେ ବେଶି ଚମକ ସୃଷ୍ଟି କରୁ ନଥିବ। ଆଜି ବାଂଲାଦେଶରେ ଯାହା ଘଟୁଛି ତାହାର ସ୍ଥୂଳକାରଣ ଓ କୈଫିୟତ୍ ଦିନେ ଇତିହାସ ଦେଇପାରିବ ନିଶ୍ଚୟ, କିନ୍ତୁ ସବୁକିଛିର ଅସଲ ହେତୁ ଭାରତବିଭାଜନ ରୂପୀ ମୌଳିକ ପାପ।' ●

ଭୁବନେଶ୍ୱର, ମୋ:୮୧୪୪୦୪୨୯୯୭

## ଭାରତରେ ମାନବସମ୍ବଳ ଓ ଉର୍ଜା

ଡ. ସନ୍ତୋଷ କୁମାର ସାହୁ



ଭାରତବର୍ଷରେ ଆଜିବି ପ୍ରାୟ ୭୦ ଲକ୍ଷ ଲୋକ ବିଦ୍ୟୁତ ସେବାରୁ ବଞ୍ଚିତ। ଏଆଇ ଓ ୫ଜି ଇଣ୍ଟରନେଟ ଯୁଗରେ କୋଟି କୋଟି ଲୋକ ବିଦ୍ୟୁତ ଭଳି ମୌଳିକ ସେବା ଓ ସୁବିଧାରୁ ବଞ୍ଚିତ ରହିବା ବୁଦ୍ଧିଜୀବୀଙ୍କ ପାଇଁ ଯେତିକି ଚିନ୍ତାଜନକ, ତା'ଠୁ ବଳି ଅଧିକ ଉଦ୍‌ବେଗଜନକ କହିଲେ ଭୁଲ ହେବ ନାହିଁ। ୧୯୪୭ ମସିହାରେ ସ୍ୱାଧୀନତା ପରଠାରୁ ସରକାର ରାଷ୍ଟ୍ରନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଶେଷକରି ଗ୍ରାମାଞ୍ଚଳରେ ସାକ୍ଷରତାର ପ୍ରସାରରେ ବହୁଳ ଭାବେ ଧ୍ୟାନକେନ୍ଦ୍ରିତ କଲେ। ଏହା ସତ୍ତ୍ୱେ ଦେଶରେ ସାମାଜିକ ଓ ଅର୍ଥନୈତିକ ଅସମାନତା, ଜାତି ଓ ଲିଙ୍ଗଗତ ବିଭେଦ ଶିକ୍ଷାର ସାମୂହିକ ବିକାଶରେ ପ୍ରତିବନ୍ଧକ ସାଜିଥିଲା। ବିଶ୍ଳେଷଣରୁ ପ୍ରମାଣିତ ହୁଏ ଯେ ଭାରତରେ ମାନବସମ୍ବଳର ବଂଶାନୁକ୍ରମିକ ପରିବର୍ତ୍ତନ ପ୍ରକ୍ରିୟାରେ ଅନେକ କ୍ରମିକ ଓ ଗୁରୁତ୍ୱପୂର୍ଣ୍ଣ ବିକାଶ ଲକ୍ଷ୍ୟ କରାଯାଇଛି, ଯାହାକି ଆମର ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଣାଳିର ପରିବର୍ତ୍ତନ ଦ୍ୱାରା ଅନେକାଂଶରେ ଆକୃତି ପାଇଛି।

୧୯୯୦ ଦଶକର ପ୍ରାରମ୍ଭରେ ଦେଶର ଆର୍ଥିକ ଉଦାରୀକରଣ ଏକ ପ୍ରମୁଖ ପରିବର୍ତ୍ତନ ବିନ୍ଦୁ ଭାବରେ ଉଭା ହୋଇଥିଲା। ବଜାରମୁଖୀ ସଂସ୍କାରଗୁଡ଼ିକ ଦକ୍ଷ ଶ୍ରମଚାହିଦାକୁ ଉତ୍ସାହିତ କରିଥିଲା। ଫଳରେ ଶିକ୍ଷା ଓ ବୃତ୍ତିଗତ ତାଲିମରେ ଅଧିକ ନିବେଶ ହୋଇଥିଲା। ଏହା ଯଦିଓ କିଛି ସମୟ ପାଇଁ ସମାଜର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରକୁ ଉତ୍ସାହିତ କରିଥିଲା, ତଥାପି ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ଶିକ୍ଷାରେ ନିରନ୍ତର ଅସମାନତା ଦେଶର ଦାରିଦ୍ର୍ୟଚକ୍ର ନିରାକାରଣରେ ସେତେଟା ସହାୟକ ହୋଇପାରି ନ ଥିଲା। ଉଚ୍ଚପ୍ରଗତିରେ ଏହା ଏବେ ବି ପ୍ରତିବନ୍ଧକ ହୋଇ ଠିଆହୋଇଛି। ଇତିହାସକୁ ଅବଲୋକନ କଲେ ଜଣାଯାଏ, ସ୍ୱାଧୀନତା ପୂର୍ବରୁ ଆମ ଦେଶର ପରିବାରଗୁଡ଼ିକର ଶିକ୍ଷାଗତ ଯୋଗ୍ୟତା ଓ ଆର୍ଥିକ ସ୍ୱାଧୀନତା ମୁଖ୍ୟତଃ ସାଂରଚନିକ ସ୍ଥିତି ଯଥା ସ୍କୁଲିଂ ଓ ଆର୍ଥିକ ସମ୍ବଳର ବଜାର ପ୍ରବେଶ ଉପରେ ହିଁ ନିର୍ଭର କରୁଥିଲା। ୧୯୪୭ ପରଠାରୁ ଏଥିରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ସ୍ଥିତି ଆଶାନୁରୂପ ହୋଇପାରୁନି।

ସେହିପରି ଶକ୍ତିର ଉପଲବ୍ଧତା ମାନବ ସମ୍ବଳର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାନକ ଭାବେ କ୍ରମେ ସ୍ୱୀକୃତି ପାଉଛି। ଅପର୍ଯ୍ୟାପ୍ତ ବିଦ୍ୟୁତ୍ ଯୋଗାଣ ଅଧ୍ୟୟନ ବା ଶିକ୍ଷାର ସମୟକୁ ସୀମିତ କରୁଛି, ଡିଜିଟାଲ୍ ଶିକ୍ଷା ଉପକରଣର ଉପଲବ୍ଧତାରେ ପ୍ରତିବନ୍ଧକ ସାଜୁଛି ଏବଂ ବିଦ୍ୟାଳୟ ଭିତ୍ତିଭୂମିକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି। ଗବେଷଣାରୁ ସୂଚିତ ଯେ, ବିଦ୍ୟୁତ୍ ସଂଯୋଗର ନିରନ୍ତର ସେବା ପାଉଥିବା ପରିବାରଗୁଡ଼ିକ ସେମାନଙ୍କ ପିଲାଙ୍କୁ ଉତ୍ତମ ଓ ବୈଷୟିକଯୁକ୍ତ ଶିକ୍ଷା ପ୍ରଦାନ କରିବାରେ ସୁଦୃଢ଼, ସମର୍ଥ ଓ ସୁସଜ୍ଜିତ। 'ସୌଭାଗ୍ୟ' ଭଳି ସାମ୍ପ୍ରତିକ ସରକାରୀ ଯୋଜନା ଏହି ବ୍ୟବଧାନକୁ ପୂରଣ କରିବାର ଲକ୍ଷ୍ୟ ରଖିଛି, ଯାହା ଶକ୍ତି ଓ ଶିକ୍ଷା ସଂଯୋଗର ଅଧିକୃତ ସ୍ୱୀକୃତିକୁ ଉଜ୍ଜ୍ୱଳ କରିଥାଏ। ସମାନ୍ତରାଳ ଭାବରେ, ପାଠ୍ୟକ୍ରମରେ ସ୍ଥିର ବିକାଶ ଓ ସବୁଜ ଶିକ୍ଷାର ସମନ୍ୱୟକୁ ଦୃଷ୍ଟିରେ ରଖି ଜ୍ଞାନୀ ଗୁଣୀ ପରିବେଷ୍ଟିତ ପରିବେଶକୁ ସୁହାଇବା ଭଳି ଅର୍ଥନୀତି ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ।

ପରିବର୍ଦ୍ଧିତ ଶକ୍ତି ଚାହିଦାକୁ ସୁବ୍ୟବସ୍ଥିତ ଓ ସୁଦୃଢ଼ କରିବାର ଜରୁରୀ ଆବଶ୍ୟକତା ଏହାକୁ ଆହୁରି ଗୁରୁତ୍ୱ ଦିଏ। ଭାରତର ପ୍ରାଥମିକ ଶକ୍ତି ଆବଶ୍ୟକତା ୨୦୦୦ ମସିହାରେ ୪୫୦ ନିୟୁତ ଟନ୍ ତେଲ ସମତୁଲ୍ୟରୁ ୨୦୩୯ ସୁଦ୍ଧା ୧୨୫୦ ରୁ ୧୫୦୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହି ଗତିପଥକୁ ଦୃଷ୍ଟିରେ ରଖି, ଶକ୍ତି ଭିତ୍ତିଭୂମିର ବିସ୍ତାର ଓ ଆନୁଷ୍ଠାନିକ କ୍ଷମତା ବୃଦ୍ଧି, ବିଶେଷକରି ବିତରଣ କମ୍ପାନୀଗୁଡ଼ିକ ମଧ୍ୟରେ ଏକ ନିର୍ଭରଯୋଗ୍ୟ ଯୋଗାଣଶୃଙ୍ଖଳ ସୁନିଶ୍ଚିତ କରିବା ଏବଂ ଶିକ୍ଷାଗତ ଓ ଆର୍ଥିକ ବିକାଶର ସୁଯୋଗ ଓ ସମର୍ଥନକୁ ପରିବ୍ୟାପ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ମାନବପୁଞ୍ଜିର ବିକାଶ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆଧୁନିକ ଶକ୍ତି ଉତ୍ସଗୁଡ଼ିକର ପ୍ରବେଶ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ। ପିଲାମାନଙ୍କ ଶିକ୍ଷାପ୍ରାପ୍ତି ପଛରେ ପିତାମାତାଙ୍କ ଶିକ୍ଷାଗତ ଯୋଗ୍ୟତାର ଏକ ଦୃଢ଼ ପୂର୍ବାନୁମାନିକ ମୂଲ୍ୟ ଅଛି, ଯାହା ନିରନ୍ତର ସାମାଜିକ ପ୍ରଗତିକୁ ପ୍ରଭାବିତ କରୁଛି। ଶକ୍ତିର ଅଭାବ ବିକାଶରେ ବାଧକ ହେବାରେ ଲାଗିଛି।

ଏହି ଆହ୍ୱାନଗୁଡ଼ିକର ଉଚିତ ମୁକାବିଲା ପାଇଁ ଶିକ୍ଷା, ନିଯୁକ୍ତି, ଲିଙ୍ଗଗତ ସମାନତା ଓ ଦାରିଦ୍ର୍ୟ ହ୍ରାସ ସମେତ ବ୍ୟାପକ ବିକାଶ ଲକ୍ଷ୍ୟ ସହିତ ଶକ୍ତିର ସୁଯୋଗକୁ ସଂଯୋଗ କରୁଥିବା ନୀତିଗତ ରଣନୀତିର ଆବଶ୍ୟକତା ଅବଶ୍ୟମ୍ଭାବୀ ହୋଇଛି। ସମାନ୍ତରାଳ ଭାବେ ପଛୁଆ ସମ୍ପ୍ରଦାୟକୁ ପ୍ରାଥମିକତା, ଦକ୍ଷତା ବିକାଶ ଓ ଶିକ୍ଷାଗତ ସଂସ୍କାର ସହ ଶକ୍ତି ଯୋଗାଣକୁ ସମନ୍ୱିତ କରୁଥିବା ଲକ୍ଷ୍ୟବଦ୍ଧ ହସ୍ତକ୍ଷେପ ବିନା ଅସମାନତାର ଚକ୍ରବ୍ୟୂହ ଏହିଭଳି ଘେରି ରହିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଭାରତରେ ଶିକ୍ଷାଗତ ଫଳାଫଳ ବୃଦ୍ଧି କରିବା, ଆର୍ଥିକ ସୁଯୋଗ ବିସ୍ତାର କରିବା ଓ ଦୀର୍ଘକାଳୀନ ଆନ୍ତଃପିଢ଼ିଗତ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିର୍ଭରଯୋଗ୍ୟ, ସୁଲଭ ଓ ସ୍ଥାୟୀ ଶକ୍ତି ପ୍ରବେଶକୁ ସୁଦୃଢ଼ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ●

(ସହାୟକ ପ୍ରଧ୍ୟାପକ, ଅର୍ଥନୀତି ବିଭାଗ, ଆଇଆଇଟି-ମାଡ୍ରାସ)

ଚେନ୍ନାଇ ୯୭୯୧୧୭୦୪୩୧

## ବିଛାଦେବୀ କୋଣ୍ଡମାଇ ଓ ଚେଲମ୍ମା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

କର୍ଣ୍ଣାଟକର ଯାଦଗିରି ଜିଲ୍ଲା ଗୁରୁମତକଲ୍ ଅଞ୍ଚଳସ୍ଥିତ କଂଦକୁର କୋଣ୍ଡମାଇ ପାହାଡ଼ ଉପରେ ଏପରି ଏକ ମନ୍ଦିର ଅଛି, ଯେଉଁଠି 'ବିଛାଦେବୀ'ଙ୍କୁ ପୂଜା କରାଯାଏ। ଅଞ୍ଚଳର ନାମାନୁସାରେ ଦେବୀଙ୍କ ନାମ 'କୋଣ୍ଡମାଇ' ହୋଇଛି। 'କୋଣ୍ଡମାଇ'ର ଅର୍ଥ ହେଉଛି 'ବିଛାଙ୍କ ଦେବୀ'। ଏଠାରେ ପଥର ନିର୍ମିତ ବିଛାର ମୂର୍ତ୍ତି ମଧ୍ୟ ପୂଜା ପାଉଛି। ଏହି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରିବା ପରେ ତାଙ୍କର ପ୍ରତୀକ ଭାବେ ବିଷାକ୍ତ ବିଛାକୁ ନିଜ ଶରୀରର ବିଭିନ୍ନ ଅଙ୍ଗରେ ରଖିଥା'ନ୍ତି। ବିଛା ସମ୍ପୂର୍ଣ୍ଣ ଶରୀର ଉପରେ ବିଚରଣ କରିବା ପରେ ଆପେ ଆପେ ତଳକୁ ଖସି ଆସିଥାଏ। କେତେକ ଭକ୍ତ ବିଛାକୁ ଜିଭରେ ରଖିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଦେବୀଙ୍କ କରୁଣାରୁ ଏଠାରେ ବିଛା କେବେ ମଧ୍ୟ କାହାକୁ ଦଂଶନ କରେନାହିଁ।

ଆହୁରି ମଧ୍ୟ ବିଶ୍ୱାସ ରହିଛି ଯେ ଦେବୀଙ୍କୁ ସ୍ମରଣ କରି ପାହାଡ଼ରୁ ଯେକୌଣସି ପଥର ଉଠାଇଲେ ତା' ତଳୁ ବିଛା ବାହାରିଥାଏ। ବିଶେଷଭାବେ ଜୁଲାଇ ଓ ଅଗଷ୍ଟ ମାସରେ ଏହି ପାହାଡ଼ ଲାଲ୍ ରଙ୍ଗର ବିଷାକ୍ତ ବିଛା ଦ୍ୱାରା ପରିପୂର୍ଣ୍ଣ ହୋଇଯାଏ। କ୍ୱଚିତ୍ ଯଦି କୌଣସି ଭକ୍ତକୁ ବିଛା ଦଂଶନ କରେ, ମାଆ କୋଣ୍ଡମାଇଙ୍କ ବିଭୂତି ଲେପନ କଲେ ନିମିଷେକ ମଧ୍ୟରେ ବିଷ ପ୍ରକ୍ରିୟା ନଷ୍ଟ ହୋଇ କଷ୍ଟ ଲାଘବ ହୁଏ। ବର୍ଷସାରା ଭକ୍ତମାନଙ୍କର ଆଗମନ ହେଉଥିଲେ ମଧ୍ୟ ନାଗପଞ୍ଚମୀ ଦିନ ଏହି ମନ୍ଦିରରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଜନସମାଗମ ଦେଖାଯାଏ। ନାଗପଞ୍ଚମୀରେ 'ଚୋଲିନା ଯାତ୍ରେ' ଭାବେ ଏଠାରେ ଏକ ବିଶେଷପର୍ବ ପାଳନ କରାଯାଏ। ଏହି ଅବସରରେ ଦେବୀଙ୍କ ବିଶେଷ ପୂଜାର୍ଚ୍ଚନା ସହିତ ବଡ଼ ମେଳାର ଆୟୋଜନ ହୁଏ। ଭକ୍ତମାନେ ଏହିଦିନ ନାଗ ସହିତ ବିଛାକୁ ମଧ୍ୟ ପୂଜା କରିଥା'ନ୍ତି। ଏହାପରେ ଦେବୀଙ୍କୁ ଦର୍ଶନ କରି ମନସ୍କାମନା ପୂରଣ ପାଇଁ ଆଶୀର୍ବାଦ ଭିକ୍ଷା କରନ୍ତି। ଅନ୍ୟ ଏକ ବିଶ୍ୱାସ ମଧ୍ୟ ରହିଛି ଯେ, ନାଗପଞ୍ଚମୀ ପରେ ବିଛା ଆଦୌ ଦେଖାଯା'ନ୍ତି ନାହିଁ। ବିଛା ଦେବୀଙ୍କୁ ଭକ୍ତମାନେ କ୍ଷୀର, ସର୍ପ ମୂର୍ତ୍ତି, ଶାଢ଼ି, ନଡ଼ିଆ ଓ ତେଲ ମଧ୍ୟ



ଅର୍ପଣ କରିବାର ବିଧି ପ୍ରଚଳିତ।

ଏହାଛଡ଼ା କର୍ଣ୍ଣାଟକର ଐତିହାସିକ ସହର କୋଲାର୍‌ଠାରେ ରହିଛି କୋଲାରାମ୍ମାଙ୍କ ଏକ ହଜାର ବର୍ଷ ପୁରୁଣା ମନ୍ଦିର। ଏହି ମନ୍ଦିରରେ ଦେବୀ ପାର୍ବତୀ 'କୋଲାରାମ୍ମା' ଭାବେ ପୂଜିତା। ଦେବୀ ପାର୍ବତୀଙ୍କୁ ଏଠାରେ ଉଗ୍ରରୂପୀ ଦୁର୍ଗା ଭାବେ ପୂଜା କରାଯାଉଥିବାରୁ ଭକ୍ତମାନେ ଦେବୀଙ୍କୁ ଦର୍ପଣରେ ପ୍ରତିବିମ୍ବରେ ଦର୍ଶନ କରି ପୂଜାର୍ଚ୍ଚନା କରିଥା'ନ୍ତି। ମନ୍ଦିର ପରିସର ଭିତରେ ରହିଛି 'ବିଛାଦେବୀ' ବା 'ଚେଲାମ୍ମା ଦେବୀ'ଙ୍କ ମନ୍ଦିର। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ବିଷାକ୍ତ ବିଛା ଦଂଶନରୁ ଦେବୀ ଚେଲାମ୍ମା ଲୋକଙ୍କୁ ରକ୍ଷା କରିବା ସହିତ ପ୍ରାଣଦାନ ଦେଇଥା'ନ୍ତି। ଏପରିକି ବିଛା ଦଂଶିତ ବ୍ୟକ୍ତି ଯେଉଁ ସ୍ଥାନରେ ଯେତେ ଦୂରରେ ଥାଉନା କାହିଁକି, ଦେବୀଙ୍କୁ ସ୍ମରଣ କରିବା ମାତ୍ରେ ବିଷର ପ୍ରଭାବ ଦୂର ହୋଇଯାଏ। ଅନ୍ୟଏକ ବିଶ୍ୱାସ ଅନୁସାରେ ସବୁଦିନ ମନ୍ଦିରକୁ ଆସି ଦେବୀଙ୍କ ପୂଜାର୍ଚ୍ଚନା କରୁଥିବା ବ୍ୟକ୍ତିଙ୍କୁ କେବେ ମଧ୍ୟ ବିଛା ଦଂଶନ କରେନାହିଁ। ଗର୍ଭଗୃହରେ ଦେବୀଙ୍କ ବିଗ୍ରହସ୍ଥିତ ଚଟାଣରେ ଗୋଟିଏ ଫାଟ ରହିଛି, ଯେଉଁଠି ବିଛାମାନେ ରହିଛନ୍ତି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦେବୀଙ୍କ ବିଗ୍ରହ ଉପରେ ଗୋଟିଏ ବିଛା ରହିଥିବାର ଦେଖିବାକୁ ମିଳେ। ଭକ୍ତମାନେ ମନସ୍କାମନା ପୂରଣ କରିବା ସହିତ ବିଷାକ୍ତ ବିଛା ଦଂଶନରୁ ମୁକ୍ତି ପାଇବା ପାଇଁ ଦେବୀଙ୍କୁ ରୁପାର ବିଛା ଅର୍ପଣ କରିଥା'ନ୍ତି। ଏହି ମନ୍ଦିରର ସୁରକ୍ଷା ବିଛାମାନେ କରନ୍ତି ବୋଲି ଲୋକକଥାରୁ ଶୁଣାଯାଏ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚନ୍ଦକାରେ ଏସ୍‌ଓଜିର ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧୨(ସମିସ): ରାଜଧାନୀ ଉପକଣ୍ଠ ଚନ୍ଦକାଠାରେ ଥିବା ସ୍ପେଶାଲ୍ ଅପରେସନ୍ ଗ୍ରୁପ୍(ଏସ୍‌ଓଜି)ର ଏକ ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଏକ ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ।

### ଚଳିତ ଡିସେମ୍ବରରୁ ଯବାନଙ୍କୁ ମିଳିବ ୨୫ ଟଙ୍କାର ରିସ୍କ ଆଲାଉନ୍ସ: ମୁଖ୍ୟମନ୍ତ୍ରୀ



ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୬ଟି ଜିଲ୍ଲାର ୧୬ଟି ଥାନା ଗୃହ, ୭୦ କ୍ୱାଟର୍ସ, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ପ୍ରକଳ୍ପ ଉଦ୍‌ଘାଟନ କରି କହିଛନ୍ତି, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସାରେ ଲିପ୍ତ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବରେ ଦମନ କରିବା ପାଇଁ ବଦ୍ଧପରିକର। ଚଳିତ ଡିସେମ୍ବର ମାସଠାରୁ ନକ୍ସଲ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ଏସ୍‌ଓଜି ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ରିକ୍ସ ଆଲାଉନ୍ସ ପାଇବେ। ଏସ୍‌ଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦ ହଜାର ଟଙ୍କା ଏବଂ କନଷ୍ଟେବଲ ଓ ସିପାହୀମାନେ ମାସକୁ ୧୬ ହଜାର ଟଙ୍କା ଭତ୍ତା ପାଇବେ। ସେହିପରି ଏସ୍‌ଓଜି, ଏଇଟି ଓ ଆରସି ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବରେ ଅଭିଯାନରେ ସାମିଲ ହୋଇନଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ। ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ, ଏଡିଜିପି(ଏଏନ୍‌ଓ) ସଞ୍ଜୀବ ପଣ୍ଡା, ଆଇଜି ଅପେରସନସ୍, ଡ. ଦୀପକ କୁମାର, ଡିଆଇଜିପି ଏସ୍‌ଆଇଡବ୍ଲ୍ୟୁ ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ଓମସା ସହ କଥା ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ଆନ୍ଦୋଳନରୁ ନିବୃତ୍ତ ରହିବାକୁ ଅନୁରୋଧ

ଭୁବନେଶ୍ୱର,୨୫।୧୨(ସମିସ): ୧୮ ଦଫା ନେଇ ଆସନ୍ତାକାଲି ଅର୍ଥାତ୍ ୨୬ ତାରିଖଠାରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ଓମସା ଘୋଷଣା କରିଥିଲା। ଏହାପୂର୍ବରୁ ଗୁରବାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକର ଆଲୋଚନା ସକରାତ୍ମକ ରହିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟମନ୍ତ୍ରୀ ଆଜି ଓମସା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସଂଘ ରଖି ଥିବା ଦାବି ଗୁଡିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଦାବି ଗୁଡିକର ଅନୁଧ୍ୟାନ କରାଯାଇ ସକାରାଇକ ପଦକ୍ଷେପ ନିଆଯିବ। ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଂଘ ପକ୍ଷରୁ ନିଆଯାଇଥିବା ଆନ୍ଦୋଳନରୁ ନିବୃତ ରହିବାକୁ ସେ ଅନୁରୋଧ କରିଛନ୍ତି। ବୈଠକ ଶେଷରେ ଡାକ୍ତର ସଂଘ ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟ ସେବା ଅବାଧ ଭାବେ ଜାରୀ ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅସ୍ୱଥି ଏସ, ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି।

## ମହୁମାଛିଙ୍କଠାରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ

କୁଚିଣ୍ଡା, ୨୫ ।୧୨ (ସମିସ): ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧୀନ ବ୍ରାହ୍ମଣୀଦେଇ ଗ୍ରାମରେ ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଲୁଧା ମୁଣ୍ଡାଙ୍କ ପୁଅ ନୀଳାଦ୍ରି ମୁଣ୍ଡା(୨୮)। ଗୁରୁବାର ପୂର୍ବାହ୍ନରେ ନୀଳାଦ୍ରିଙ୍କ ସମେତ କିଛି ଗ୍ରାମବାସୀ ଗାଁ ପୋଖରୀରୁ ମାଛ ଧରୁଥିଲେ। ଏହି ସମୟରେ ହଠାତ୍ ଦଳେ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ସମସ୍ତେ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ। କିଛି ସମୟ ପରେ ସମସ୍ତେ ପାଣି ଭିତରୁ ବାହାରି ଆସିଥିବା ବେଳେ ନୀଳାଦ୍ରି କିନ୍ତୁ ବାହାରିନଥିଲେ। ସନ୍ଦେହ ହେବାରୁ ସମସ୍ତେ ପୋଖରୀରେ ଖୋଜାଖୋଜି କରି ନୀଳାଦ୍ରିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।ଅବସ୍ଥାରେସୁଧାରନହେବାରୁଅପରାହ୍ଣରେ କୁଚିଣ୍ଡା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଡାକ୍ତର ସେଠାରେ ନୀଳାଦ୍ରିକୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା ପକ୍ଷରୁ ମହୁଲପାଲି ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଜାତୀୟ ଟ୍ରାନ୍ସଜେଣ୍ଡର କ୍ରିକେଟରେ ଓଡ଼ିଶା ରନର୍ସଅପ୍**

## ସହାୟତା ଦେଉନାହାନ୍ତି ସରକାର, ଭଣ୍ଡାଉଛନ୍ତି ନେତା

ପୁରୀ,୨୫।୧୨(ସମିସ): ଟ୍ରାନ୍ସଜେଣ୍ଡରମାନେ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କ ଭିତରେ ଅନେକ ପ୍ରତିଭା ରହିଛି। ରାଜ୍ୟ ସରକାରଙ୍କ ସହଯୋଗ ଓ ପ୍ରୋତ୍ସାହନ ମିଳିଲେ ସେମାନେ ମଧ୍ୟ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିପାରିବେ। ପଞ୍ଜାବର ଲଭ୍‌ଲୀ ପ୍ରଫେସନାଲ ୟୁନିଭରସିଟିଠାରେ ଆୟୋଜିତ ନ୍ୟାଶନାଲ ଟ୍ରାନ୍ସଜେଣ୍ଡର ପର୍ସନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରରେ ଭାଗ ନେଇ ଓଡ଼ିଶାର ଟ୍ରାନ୍ସ ମେନ୍ କ୍ରିକେଟ ଦଳ ରନର୍ସଅପ୍ ପାଇ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ଏଥିପାଇଁ ଏକ ୧୪ ଜଣିଆ ଟ୍ରାନ୍ସ ଦଳ ୧୨ ତାରିଖ ପଞ୍ଜାବ ଗସ୍ତ କରି ଥିଲେ। ଏହି ଦଳ ୨୫ ତାରିଖ ପୁରୀ ଫେରିବା ପରେ ସେମାନଙ୍କୁ ଦ ବେଲ୍ ଅନୁଷ୍ଠାନ ତରଫରୁ ସ୍ଥାନୀୟ ୟୁଥ୍ ହଷ୍ଟେଲଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସେମିଫାଇନାଲରେ କର୍ଣ୍ଣାଟକକୁ ୪୭ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ଓଡ଼ିଶା। ଫାଇନାଲରେ କେରଳ ସହିତ ସଂଘର୍ଷପୂର୍ଣ୍ଣ ଲଢେଇ କରି ମାତ୍ର ୨ ରନ୍‌ରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଥିଲା ଓଡ଼ିଶାକୁ। ଦୁଃଖର ବିଷୟ ଦୀର୍ଘ ଦୁଇବର୍ଷ ଧରି ଓଡ଼ିଶା ଟ୍ରାନସ୍ ମେନ୍ ଏହି ପ୍ରତିଯୋଗିତାରେ ଭାଗ ନେଉଥିଲେ ମଧ୍ୟ ଏଥିପାଇଁ ଯେଉଁ ଅର୍ଥର ଆବଶ୍ୟକତା ରହୁଛି ତାହା ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ବା ନେତାମନ୍ତ୍ରୀ ପାଖକୁ ଗଲେ ମିଳୁନାହିଁ ବୋଲି କ୍ଷୋଭ ପ୍ରକାଶ କରି କହିଛନ୍ତି ଟିମ୍ କ୍ୟାପଟେନ୍ ସନ୍ତୋଷ କୁମାର ଜେନା। ସେହିପରି ଏହି ଦଳର ଉପ ଅଧିନାୟକ ପୁରୀର ସୁମନ ମହାକୁଡ କହିଛନ୍ତି ଟଙ୍କା ପଇସା ତ ଦୂରର କଥା ସାମାନ୍ୟ ଖେଳ କିଟ୍ ପାଇ ପ୍ରତିଶ୍ରୁତି ଦେଇ ମଧ୍ୟ ଆମ ଜିଲ୍ଲା ନେତା ଶେଷ ମୁହୂର୍ତ୍ତରେ ଆମକୁ ଭଣ୍ଡେଇଛନ୍ତି। ଏହାସତ୍ତ୍ୱେ ଜଗନ୍ନାଥଙ୍କ କୃପାରୁ ଆମେ ସଫଳ ହୋଇଛୁ। ଏଥିସହିତ ଦଳଗତ ଶୃଙ୍ଖଳା ପାଇଁ ବେଷ୍ଟ ଟିମ୍ ଆୱାର୍ଡ଼ ମଧ୍ୟ ହାସିଲ କରିଛୁ ବୋଲି କହିଛନ୍ତି।

ସମାଜ ସବୁବେଳେ ଟ୍ରାନ୍ସ କମ୍ୟୁନିଟକୁ ଅଲଗା ନଜରରେ ଦେଖୁଥିବା ବେଳେ ସେମାନଙ୍କ ଖେଳ ପ୍ରତି ଆଗ୍ରହକୁ ପ୍ରୋତ୍ସାହନ ଦେଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଇପାରିବ ବୋଲି କହିଛନ୍ତି ଏହି କମ୍ୟୁନିଟି ପାଇଁ କାର୍ଯ୍ୟ କରୁଥିବା ଦ ବେଲ୍ ସାମାଜିକ ଅନୁଷ୍ଠାନ ଅଧକ୍ଷ ସିଦ୍ଧାର୍ଥ ରାୟ।

**ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ**

## ଶିଶୁ ସାହିତ୍ୟରେ ଉଚ୍ଚତର ଗବେଷଣା ଉପରେ ଗୁରୁତ୍ୱାରୋପ

ପୁରୀ,୨୫।୧୨(ସମିସ): ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୩ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବୀରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ ମୁଖ୍ୟଅତିଥି, ବିଶିଷ୍ଟ କଥାକାର ତଥା ଶିଶୁ କିଶୋର ସାହିତ୍ୟ ଏକାଡେମୀ, ଓଡ଼ିଶାର ସଭାପତି ପ୍ରଫେସର ଦାଶ ବେନହୁର ମୁଖ୍ୟବକ୍ତା, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଉପସଭାପତି ରାଇକିଶୋର ମହାନ୍ତି ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିବା ବେଳେ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ ଡ. ହେମନ୍ତ ଛୋଟରାୟ। ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରି ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଭ୍ୟର୍ଥନା ଅଭିଭାଷଣ ପ୍ରଦାନ କରିଥିଲେ ଉପସଭାପତି ରମେଶ ଚନ୍ଦ୍ର ଦାଶ। କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ ଭଗବତୀ ବିଦ୍ୟା ନିକେତନର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା କବିତା ଆବୃତ୍ତି କରାଯାଇଥିଲା।

ସମାରୋହରେ ଉଦ୍‌ବୋଧନ ଦେଇ ଅତିଥିମାନେ ଶିଶୁ ସାହିତ୍ୟକୁ ସବୁ ସାହିତ୍ୟର ମୂଳ ଉତ୍ସ ବୋଲି ବର୍ଣ୍ଣନା କରି ଶିଶୁ ସାହିତ୍ୟ ଉପରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ସମୟରେ କୃତ୍ରିମ ବୁଦ୍ଧିମତ୍ତା ଶିଶୁ ମନସ୍ତତ୍ତ୍ୱକୁ ପ୍ରଭାବିତ କରୁଥିବାରୁ ଭବିଷ୍ୟତରେ ଏହାର କୁ ପ୍ରଭାବ ଅଧିକରୁ ଅଧିକ ଦେଖିବାକୁ ମିଳିବ ବୋଲି ବକ୍ତାମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ସମାରୋହରେ ପ୍ରଫେସର ଦାଶ ବେନହୁର, ଡ. ରଜନୀ ରଞ୍ଜନ ଦାଶ, ଇଂ. ମାୟାଧର ସ୍ୱାଇଁ, ତୁଳସୀ ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ଡ. ରଘୁନାଥ ସାହୁ, ଡ. ପ୍ରବୀଣା ପରିଡ଼ା, ଅଜୟ କୁମାର ସେଠୀ ଏବଂ ସୌରେନ୍ଦ୍ର ସେନାପତିଙ୍କୁ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ରିଷ୍ଣା ମହାପାତ୍ର, ଶ୍ୟାମପ୍ରକାଶ ସେନାପତି, ଲକ୍ଷ୍ମୀକାନ୍ତ ଦଳାଇ, ସତ୍ୟ ନାରାୟଣ ମିଶ୍ର, ପ୍ରଭାତ ଚନ୍ଦ୍ର ରଥ, ଦୁର୍ଗାବତୀ ପ୍ରଧାନ, ଅନ୍ନପୂର୍ଣ୍ଣା ଦେବୀ, ମିନତୀ ପଟ୍ଟନାୟକ, ମଙ୍ଗଳା ଚରଣ ସାହୁ, କବିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୋଷାଧକ୍ଷ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୁଦ୍ରରେ ଭାସିଆସିଲା ମହାପ୍ରଭୁଙ୍କ ବିଗ୍ରହ

ପୁରୀ,୨୫।୧୨(ସମିସ): ସେ ଭାବର ଠାକୁର। ଭକ୍ତର ଭକ୍ତିରେ ସେ ବନ୍ଧା। ସେ କେତେବେଳେ କେଉଁଠି ପ୍ରକଟିତ ହୁଅନ୍ତି ତାହା ମଣିଷ ଜାଣିବା ଅସମ୍ଭବ। ଏମିତି ବି ବିଶ୍ୱନିୟନ୍ତାଙ୍କୁ ନେଇ ଅନେକ ଚମତ୍କାରିତା ରହିଥିବା ବେଳେ ଗୁରୁବାର ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି। ସମୁଦ୍ରରେ ଦେଖିବାକୁ ମିଳିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ। ତେବେ ସମୁଦ୍ରରେ ଦାରୁବିଗ୍ରହ ଭାସିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। କେହି ଏହାକୁ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବା ନଜରରେ ଦେଖିଛନ୍ତି ତ ପୁଣି କିଏ ଏହାକୁ ମହାପ୍ରଭୁଙ୍କ ଚମତ୍କାରିତା ବୋଲି କହୁଛନ୍ତି। ତେବେ ଏହା କେଉଁ ସ୍ଥାନର ଘଟଣା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଭିଡିଓକୁ ଦେଖିଲେ ଏହା ପୁରୀ ବେଳାଭୂମିର ଦୃଶ୍ୟ ବୋଲି ଅନୁମାନ କରାଯାଉଛି। ତେବେ କିଏ ଓ କାହିଁକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ସମୁଦ୍ରରେ ଭସେଇଛି ସେ ନେଇ କିଛି ସ୍ପଷ୍ଟ ସୂଚନା ନ ଥିବା ବେଳେ ଏ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ସମୁଦରରେ ମହାପ୍ରଭୁଙ୍କ ମୂର୍ତ୍ତି ଭାସୁଥିବାର ଦେଖି କିଛି ପର୍ଯ୍ୟଟକ ମୂର୍ତ୍ତିକୁ ପାଣି ଭିତରୁ ଆଣୁଥିବା ବେଳେ ଆଉ କିଛି ପର୍ଯ୍ୟଟକମାନେ ସେଲ୍‌ଫି ନେଉଛନ୍ତି। ବେଳାଭୂମିରୁ ମହାପ୍ରଭୁଙ୍କ ମୂର୍ତ୍ତିକୁ ଉଦ୍ଧାର ସମୟରେ ସେଲ୍‌ଫି ନବା ଦୃଶ୍ୟକୁ ସମସ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 28, dated 16.12.2025 , **PUSPANJALI SATAPATHY**, W/o Kishor Chandra Satapathy, resident of MIG-291, Kananvihar, Ps.- Infocity, Patia, Bhubaneswar, Dist- Khurda, declare that I have changed any name, from **PUSPANJALI SATAPATHY** to **PUSPANJALI TRIPATHY.** Henceforth I shall be known as **PUSPANJALI TRIPATHY** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Simulia, Balasore, Odisha vide affidavit No. 5866 on dated 19/12/2025 I, Radhakanta Jena, S/o. Dushasan Jena , At. Chandighar, Po. Kanheibinda, Ps. Simulia, Dist. Balasore, Odisha, declare that I have changed my name from Kamalakanta Jena to Radhakanta Jena. Henceforth, I will be known as **Radhakanta Jena** for all purposes.

**AFFIDAVIT**

By virtue of an affidavit no. 3569, dtd.24.12.2025 the Executive Magistrate, Pallahara, Dist.- Angul, I, Kuna Kisan, Vill.- Dimiria, P.O.- Saleikana, P.S.- Telkoi, Dist.- Keonjhar, Odisha -758019 have changed my minor daughter's name from Kajal Kisan to Lucy Kisan. Henceforth she shall be known as **Lucy Kisan** for all purposes.

**Sd/- Kuna Kisan**

**AFFIDAVIT**

By Virtue Of an Affidavit no. 2954 dtd. 12.12.2025 the Executive Magistrate Dasapalla, I Nilabati Malik, W/o- Jugal Mallik, D/O- Rameswar Pradhan At- Minagadu, Po- Nuagaon, Ps - Banigochha, Dist- Nayagarh have changed my name Nila Pradhan to Nilabati Malik. Henceforth I will be known as **Nilabati Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 1755, dated. 23.12.2025, I TILAI MINYAKA, W/o - Lala Minyaka, D/o -Lambudhar Mandiga , currently residing at Near HP Gas Godown, Hatipathar Road, Rayagada, Dist - Rayagada, Odisha, Pin - 765001, declare that SANJI MANDIGA, and TILAI MINYAKA is one and same person. Henceforth I shall be known as **TILAI MINYAKA** for all purposes.

**AFFIDAVIT**

By Virtue Of an Affidavit no. 2955 dtd. 12.12.2025 the Executive Magistrate Dasapalla, I Tulasa Jani, W/o- Sukadeba Jani, D/O- Rameswar Pradhan At- Ckakapaju, Po- Nuagaon, Ps - Banigochha, Dist- Nayagarh have changed my name Tulasi Pradhan to Tulasa Jani. Henceforth I will be known as **Tulasa Jani** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାକୁ କମିଲା...

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନାରେ ପ୍ରାୟ ୧୦୦ କୋଟି ଟଙ୍କା କାଟି ଦିଆଯାଇଛି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୨୦୨୩-୨୪ରେ ୬୮୫ କୋଟି ଟଙ୍କା ମିଳିଥିବା ବେଳେ ୨୦୨୪-୨୫ରେ ଏଥିରେ ମାତ୍ର ୫୪୯ କୋଟି ଟଙ୍କା ମିଳିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ଗତ ଆର୍ଥିକ ବର୍ଷରେ ରାଜ୍ୟକୁ ମାତ୍ର ୪୯.୭୩ କୋଟି ଟଙ୍କା ଦେଇଛନ୍ତି କେନ୍ଦ୍ର ସରକାର। ୨୦୨୩-୨୪ରେ ଏହି ଯୋଜନା ବାବଦରେ ଓଡ଼ିଶାକୁ ୧୪୬ କୋଟି ଟଙ୍କା ମିଳିଥିଲା।

ଉପରୋକ୍ତ ୭ ଯୋଜନା ଗ୍ରାମୀଣ ବିକାଶ ଯଥା କର୍ମନିଯୁକ୍ତି ପ୍ରଦାନ, ପକ୍କାଘର ନିର୍ମାଣ, ଗ୍ରାମ୍ୟ ସଡ଼କ ନିର୍ମାଣକୁ ବଳ ଦେଇଥାଏ। ସେହିପରି ଗ୍ରାମାଞ୍ଚଳରେ ଦକ୍ଷତା ବିକାଶ, ଯୁବକ ଯୁବତୀଙ୍କୁ ତାଲିମ, କ୍ଷୁଦ୍ର ଜଳସେଚନରେ ମଧ୍ୟ ଉପରୋକ୍ତ ଯୋଜନାଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହଠାତ୍ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏହି ସବୁ ଯୋଜନାରେ ଅର୍ଥ ହ୍ରାସ କରିଦେବା, ଓଡ଼ିଶା ପରି ରାଜ୍ୟପାଇଁ ଆଦୌ ମଙ୍ଗଳ ନୁହେଁ ବୋଲି କୁହାଯାଉଛି। ରାଜ୍ୟରୁ ଗତ ସାଧାରଣ ନିର୍ବାଚନରେ ଓଡ଼ିଶା ୨୦ ଜଣ ସାଂସଦଙ୍କୁ ଲୋକସଭାକୁ ପଠାଇଛି। ରାଜ୍ୟରେ ମଧ୍ୟ ବିଜେପି ପ୍ରଥମଥର ସରକାର ଗଠନ କରିଛି। ଓଡ଼ିଶାକୁ କେନ୍ଦ୍ରୀୟ ସହାୟତା ଅଜାଡ଼ି ହୋଇପଡ଼ିବା ପରିବର୍ତ୍ତେ ଏଥିରେ ହ୍ରାସ ଘଟିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଏନ୍‌କାଉଣ୍ଟର୍‌ରେ ୬...

ମୁହାଁମୁହିଁ ହୋଇଥିଲେ ନକ୍ସଲ ଓ ସୁରକ୍ଷା ବାହିନୀ। ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଚାରି ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ଗୁଇନ୍ଦା ସୂଚନା ଆଧାରରେ ଏହି ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ କମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା। ଅପରେସନ ବେଳେ ମାଓବାଦୀ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଏହାର ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଏହି ଗୁଳି ବିନିମୟରେ ଚାରି ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରେ ଦୁଇ ଜଣ ପୁରୁଷ ଓ ଦୁଇ ଜଣ ମହିଳା ମାଓବାଦୀ ଥିବା ସୂଚନା ମିଳିଛି। ଏଥିମଧ୍ୟରୁ ଜଣେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ଥିବା ଜଣାପଡ଼ିଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ମୃତ ନକ୍ସଲ କେକେବିଏନ୍ ମାଓସଂଗଠନର ହୋଇଥିବା ଜଣାପଡ଼ିଛି। ଚକାପାଦ ଥାନା ଗଞ୍ଜାମ ଜିଲ୍ଲା ରମ୍ଭା ଫରେଷ୍ଟ ରେଞ୍ଜ ଗସମା ଜଙ୍ଗଲରେ ଗୁଳିଚାଳନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳରେ ପୁଲିସର ସର୍ଚ୍ଚ ଅପରେସନ ଜାରି ରହିଛି। ସେହିପରି କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଞ୍ଚଳରେ ପୁଲିସ ଏବଂ ମାଓବାଦୀ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଛି।

ବୁଧବାର ବେଲଘର ଥାନା ଗୁମ୍ମା ଜଙ୍ଗଲରେ କମ୍ବିଂ ଚାଲିଥିବା ବେଳେ ମାଓବାଦୀମାନେ ପୁଲିସ ବାହିନୀ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ଏହାର ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଦୁଇ ମାଓବାଦୀ ହେଲେ ଛତିଶଗଡ଼ ସୁକମା ଅଞ୍ଚଳର ବାରି ଓରଫ ରାକେଶ ଏବଂ ବିଜାପୁର ଅଞ୍ଚଳର ଅମୃତ। ରାକେଶ ଏରିଆ କମିଟି ସଦସ୍ୟ ଥିବା ବେଳେ ଅମୃତ ମାଓ ସଂଗଠନର ସକ୍ରିୟ ସଦସ୍ୟ ଭାବେ କାମ କରୁଥିଲେ। ସେମାନଙ୍କ ମୁଣ୍ଡ ଉପରେ ୨୩.୭୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ପୁଲିସର ପାଲଟା ଆକ୍ରମଣରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିବା ବେଳେ ଘଟଣାସ୍ଥଳରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ପୁଲିସର ଏହି ଅପରେଶନ୍‌ରେ ମାଓବାଦୀଙ୍କ ମଧ୍ୟରେ ଛନକା ପଶିଥିବା ଅନୁମାନ କରାଯାଉଛି।

### ବ୍ରିଜ୍‌ରୁ ଖସିପଡ଼ିଲେ...

ଭାରସାମ୍ୟ ହରାଇ ବ୍ରିଜ୍‌ରୁ ତଳକୁ ଖସି ପଡ଼ିଥିଲା। ଅନ୍ଧାର ରାତି ଓ ପ୍ରବଳ ପାଣି ଯୋଗୁଁ ହରିଚନ୍ଦ୍ର ଓ ଶୁଭରାମ ପାଣିରୁ ବାହାରି ନପାରି ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକଙ୍କ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଖବର ପାଇ କୋମନା ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ, ୧୯ ବର୍ଷୀୟ ଦୁଇ ଯୁବକଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଓଡ଼ିଶା ଉପରେ...

କନ୍ଧମାଳ, ଖୋର୍ଦ୍ଧା, ଢେଙ୍କାନାଳ ଓ କୋରାପୁଟରେ ଘନ କୁହୁଡ଼ି ହେବାକୁ ଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କଟକ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ସୋନପୁର, ସମ୍ବଲପୁର, ବଲାଙ୍ଗିର ଓ ଗଞ୍ଜାମରେ ମଧ୍ୟମଧରଣର କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ଚାଳକମାନେ କୁହୁଡ଼ି ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

ସେହିପରି ତାପମାତ୍ରା ହ୍ରାସ ଯୋଗୁଁ ଶୀତର ପ୍ରଭାବ ମଧ୍ୟ ଲାଗି ରହିଛି। ଗତ ୨୪ ଘଣ୍ଟାରେ ସେମିଲିଗୁଡ଼ାରେ ତାପମାତ୍ରା ୬.୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ୬.୮, ଦାରିଙ୍ଗବାଡ଼ି ୭, ଜି ଉଦୟଗିରି ୮.୪, ରାଉରକେଲା ୮.୫, ଝାରସୁଗୁଡ଼ା ଓ ନବରଙ୍ଗପୁର ୮.୬ ଓ ଭବାନୀପାଟଣାରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

### ବାଂଲାଦେଶରେ ପୁଣି...

କରାଯାଇଛି। ପୁଲିସ ଏସଏସପି କହିଛନ୍ତି ଯେ ସମ୍ରାଟ ବିରୋଧରେ ପାଙ୍ଗସା ଥାନାରେ ୨ଟି ମାମଲା ରହିଥିଲା। ଏଥିରେ ହତ୍ୟା ମାମଲା ସାମିଲ ରହିଛି। ରିପୋର୍ଟ ଅନୁଯାୟୀ, ସମ୍ରାଟ ଏକ ଗ୍ୟାଙ୍ଗ ଚଳାଇ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେ ଦୀର୍ଘ ଦିନ ହେଲା ବଟି ଆଦାୟ ଏବଂ ଅନ୍ୟ ଅପରାଧିକ ମାମଲାରେ ସାମିଲ ଥିଲା। ସେ ଦୀର୍ଘ ଦିନ ହେଲା ଭାରତରେ ଲୁଚି ରହିଥିଲା। ନିକଟରେ ଅମୃତ ବାଂଲାଦେଶ ଫେରିଥିଲା। ସେ ବୁଧବାର ରାତିରେ ଗାଁର ସାହିଦୁଲ ଇସଲାମଙ୍କୁ ଟଙ୍କା ମାଗିବାକୁ ନିଜ ଗ୍ୟାଙ୍ଗ ସହ ଯାଇଥିଲେ। ମାତ୍ର ସାହିଦୁଲ ଚିଲାଇ ଚୋର ଚୋର କହିବାରୁ ଗାଁ ଲୋକେ ଧାଇଁ ଆସିଥିଲେ। ସମସ୍ତେ ଇସଲାମଙ୍କ କଥା ଶୁଣି ସମ୍ରାଟକୁ ଧରିଥିଲେ। ପରେ ପିଟି ପିଟି ମାରି ଦେଇଥିଲେ। ସମ୍ରାଟଙ୍କ ଅନ୍ୟ ସହଯୋଗୀ ଫେରାର ହେବାରେ ସଫଳ ହୋଇଥିବାବେଳେ ସଲିମ ଧରା ପଡ଼ିଥିଲା। ଦେଶରେ ହାଦିଙ୍କ ହତ୍ୟାକୁ ନେଇ ଉତ୍ତେଜନା ଜାରି ରହିଥିବାବେଳେ ପୁଣି ଏଭଳି ଏକ ଜଘନ୍ୟ କାଣ୍ଡ ହୋଇଛି।

### ବୁଡ଼ାଜାହାଜରୁ କେ-୪...

ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏସଂପର୍କରେ ପ୍ରତିରକ୍ଷା ବିଭାଗ ପକ୍ଷରୁ କିଛି କୁହାଯାଇନଥିଲେ ମଧ୍ୟ ଏହି ଉତ୍‌କ୍ଷେପଣ ଭାରତର ସମୁଦ୍ର ଭିତ୍ତିକ ପରମାଣୁ ପ୍ରତିରୋଧ କ୍ଷମତାକୁ ବୃଦ୍ଧି କରିଥିବା ସ୍ପଷ୍ଟ ହୋଇଛି। ଏହି କ୍ଷେପଣାସ୍ତ୍ର ୨ ଟନ ଓଜନର ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ ବୋଲି କୁହାଯାଇଛି। ବୁଡା ଜାହାଜରୁ ଏହି କେ-୪ କ୍ଷେପଣାସ୍ତ୍ରକୁ ଦୂରଗାମୀ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ପାଇଁ ଡିଜାଇନ କରାଯାଇଛି। ଗତବର୍ଷ ଯେଉଁ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିଲା , ତାହାର ଲକ୍ଷ୍ୟଭେଦ ଦୂରତା ଥିଲା ୭୫୦ କିଲୋମିଟର।

ପୂର୍ବତନ ରାଷ୍ଟ୍ରପତି ତଥା କ୍ଷେପଣାସ୍ତ୍ର ବୈଜ୍ଞାନିକ ଡାକ୍ତର ଏପିଜେ ଅବଦୁଲ କଲାମଙ୍କ ନାମରେ ଏହି କ୍ଷେପଣାସ୍ତ୍ର ନାମିତ କରାଯାଇଛି। ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କଲାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କେ-୪ ମିସାଇଲ ଭୂମିରୁ ଲଞ୍ଚ ହେଉଥିବା ଅଗ୍ନି-ସିରିଜ ଉପରେ ଆଧାରିତ ଏକ ଉନ୍ନତ ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରଣାଳୀ। ଏହାକୁ ବୁଡା ଜାହାଜରୁ ଲଞ୍ଚ୍ କରିବା ପାଇଁ ତିଆରି କରାଯାଇଛି। ଉତ୍‌କ୍ଷେପଣ ହେବା ପୂର୍ବରୁ ଏହା ପ୍ରଥମେ ସମୁଦ୍ର ପୃଷ୍ଠରୁ ଉଠିଥାଏ। ଏହାପରେ ଲକ୍ଷ୍ୟସ୍ଥଳ ଆଡକୁ ଗତି କରିଥାଏ। ଏହାକୁ ଅରିହନ୍ତ-ଶ୍ରେଣୀ ବୁଡ଼ା ଜାହଜରୁ ନିକ୍ଷେପ କରାଯାଇପାରିବ। କେ-୪କୁ ଭାରତର ପରମାଣୁ ତ୍ରିକୋଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ବିବେଚନା କରାଯାଇଥାଏ। ଏହା ଭାରତର ପ୍ରତିରୋଧ କ୍ଷମତାକୁ ସୁଦୃଢ କରିବ ଓ ଯେକୌଣସି ଆକ୍ରମଣର ପ୍ରତିଶୋଧ ନେଇପାରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ଡିସେମ୍ବର ୨୩ରେ ଭାରତୀୟ ସେନା ଆକାଶ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ଏକ ଉନ୍ନତ ସଂସ୍କରଣ, ଆକାଶ ନେକ୍ସଟ ଜେନେରେସନ ଅର୍ଥାତ ପରବର୍ତ୍ତୀ ପିଢ଼ିର (ଆକାଶ-ଏନ୍‌ଜି)ର ସଫଳ ପରୀକ୍ଷଣ କରିଥିଲା।

### କାର୍ ଉପରେ...

ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା କାରଣରୁ ଚେନ୍ନଇ- ତିରୁଚି ଜାତୀୟ ରାଜପଥରେ ଅନେକ କିମି ଲମ୍ବା ଟ୍ରାଫିକ ଜାମ ହୋଇଥିଲା। ପ୍ରାୟ ଦୁଇଘଣ୍ଟା ପରେ କ୍ରେନ୍ ଦ୍ୱାରା ଗାଡ଼ିକୁ ହଟାଇବାପରେ ଯାତାୟତ ପୁନର୍ବାର ଆରମ୍ଭ ହୋଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାର ପ୍ରତି ସମ।।ବେଦନା ଜଣାଇଛନ୍ତି। ସେ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

### ଜଳିଗଲା ବସ୍...

ଡ୍ରାଇଭର ଓ କ୍ଲିନର ଦୁର୍ଘଟଣା ସମୟରେ ଡେଇଁ ପଡ଼ି ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଟ୍ରକ୍‌ର ଡ୍ରାଇଭର ଓ କ୍ଲିନର ଦୁର୍ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଆହତ ହୋଇଥିବା ଯାତ୍ରୀଙ୍କୁ ହିରିୟୁର ଓ ଚିତ୍ରଦୁର୍ଗା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୯ ଜଣ ଯାତ୍ରୀ ଅକ୍ଷତ ଅବସ୍ଥାରେ ବଞ୍ଚିଯାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ଟ୍ରକ୍‌ଟି ବସ୍‌ର ଡିଜେଲ ଟାଙ୍କିକୁ ଧକ୍କା ମାରିବା ଫଳରେ ବିସ୍ଫୋରଣ ହୋଇଥିଲା ବୋଲି କୁହାଯାଇଛି।

### ଚାନ୍ଦବାଲି ବନ୍ଦ...

ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଚାନ୍ଦବାଲି ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଚାନ୍ଦବାଲି କୋର୍ଟ, ବ୍ଲକ ନିବନ୍ଧନ କାର୍ଯ୍ୟାଳୟ, ଚାନ୍ଦବାଲି ଲଞ୍ଚ ଘାଟ ଆଦି ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦ ରହିଥିଲା।

ଅପରପକ୍ଷେ, ସିପିଆଇ(ଏମ) ଓ ସିପିଆଇ ପକ୍ଷରୁ ମଧ୍ୟ ୧୨ଘଣ୍ଟିଆ ଚାନ୍ଦବାଲି ବନ୍ଦ କରାଯାଇଥିଲା। ହତ୍ୟାକାଣ୍ଡରେ ଲିପ୍ତ ସମସ୍ତ ଅଭିଯୁକ୍ତ ଓ ଷଡ୍‌ଯନ୍ତ୍ରକାରୀଙ୍କୁ ଗିରଫ, ଘଟଣାର ନ୍ୟାୟିକ ତଦନ୍ତ, ପୀଡ଼ିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଥାନା ଓ ଫାଣ୍ଡିରେ ଫାଙ୍କା ପଡ଼ିଥିବା ସମସ୍ତ ପଦ ପୂରଣ ପାଇଁ ଦାବି କରାଯାଇଥିଲା। ସିପିଆଇ(ଏମ) ଓ ସିପିଆଇ କର୍ମୀମାନେ ମିଳିତ ଭାବେ ଚାନ୍ଦବାଲି ମଧୁବାବୁ ଛକଠାରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଅବରୋଧ କରିବାରୁ ଶହଶହ ଗାଡ଼ି ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା। ଏହି ବନ୍ଦରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଆଞ୍ଚଳିକ କମିଟି ସଭ୍ୟ ମଳୟ ଭୋଇ, ସିପିଆଇ(ଏମ) ତିହିଡି ଆଂଚଳିକ କମିଟି ସଂପାଦକ ବିଷ୍ଣୁ ଦାଶ, ବରିଷ୍ଠ କମ୍ୟୁନିଷ୍ଟ ନେତା ଚନ୍ଦ୍ରଶେଖର ନାୟକ, ଚାଷୀ ମୂଲିଆ ନେତା ସୁଶାନ୍ତ ଜେନା, ଓଡ଼ିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଚାନ୍ଦବାଲି ବ୍ଲକ ସଭାପତି ଘନଶ୍ୟାମ ଦାସ, ସିପିଆଇ ର ବରିଷ୍ଠ ନେତା ଅନନ୍ତ ମହାନ୍ତି, ଯୁବନେତା ଗୌରହରି ମିଶ୍ର, ଜୋନ୍ ସଂପାଦକ ଭାଗିରଥି ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

ପ୍ରକାଶଥାଉକି, ଉକ୍ତ ଅଞ୍ଚଳର ଜଣେ ନାବାଳିକା ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଅଭିଯୁକ୍ତ ବବୁଲୁ ଦାସ କୋଳି ଦେବାର ପ୍ରଲୋଭନ ଦେଖାଇ ଦୁଷ୍କର୍ମ ପରେ ହତ୍ୟା କରିଥିଲା। ଗତ ମଙ୍ଗଳବାର ରାତିରେ ଅଭିଯୁକ୍ତ ବବୁଲୁଙ୍କୁ ପୁଲିସ ତା' ଜଗତସିଂହପୁର ଶ୍ୱଶୂରଘରୁ ଗିରଫ କରିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ଚାନ୍ଦବାଲି ବଜାରରେ ୧୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ମନୋଜ କୁମାର ରାଉତ ସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଘୁମାଲ ଗ୍ରାମବାସୀ

■ ଗ୍ରାମକୁ ନାହିଁ କଂକ୍ରିଟ ରାସ୍ତା; କଚ୍ଚା ରାସ୍ତାକୁ ନିଜେ ମରାମତି କଲେ

■ ଗାଁକୁ ଗଡୁନି ଲକ୍ଷ୍ମୀ ବସ୍; ମିଳୁନି ବିଶୁଦ୍ଧ ପାନୀୟଜଳ

ରାଇରଙ୍ଗପୁର, ୨୫।୧୨(ସମିସ): ବିଜେପି ସରକାର ବିକଶିତ ଗ୍ରାମ ବିକଶିତ ଓଡ଼ିଶା ନାରା ଦେଉଥିଲାବେଳେ ଆଜି ବି ଅନେକ ଗ୍ରାମ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛି। ରାସ୍ତା, ପାନୀୟଜଳ, ଯାତାୟାତ ସୁବିଧା ଗ୍ରାମବାସୀଙ୍କ ପାଇଁ ସାତସପନ ପାଲଟିଛି। ସେହିପରି ଏକ ଗ୍ରାମ ହେଉଛି ବାମନଘାଟି ଉପଖଣ୍ଡର ଜାମଦା ବ୍ଲକ ଅନ୍ତର୍ଗତ 'ଘୁମାଲ'। ଗ୍ରାମକୁ କଂକ୍ରିଟ ରାସ୍ତା ନ ଥିବାବେଳେ ସଂଯୋଗ କରୁଥିବା କଚ୍ଚା ରାସ୍ତାଟି ଶୋଚନୀୟ ଅବସ୍ଥାରେ ରହିଛି। ଯାହାକୁ ମରାମତି କରିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ନ ହେବାରୁ ଗ୍ରାମ ରାସ୍ତାକୁ ନିଜେ ଗ୍ରାମବାସୀ ମରାମତି କରିଛନ୍ତି। ରାଜ୍ୟ ସରକାର ବିକାଶ ନେଇ ମିଛ ଘୋଷଣା ଡିଣ୍ଡିମ ପିଟୁଥିବାବେଳେ କୌଣସି ମୌଳିକ ସୁବିଧା ମିଳିଲା ନାହିଁ। ତେଣୁ ଗ୍ରାମବାସୀମାନେ ନିଜେ ଶ୍ରମଦାନ କରି ରାସ୍ତା ସଜେଇଛନ୍ତି।

ଉକ୍ତ ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ଅନେକ ବର୍ଷ ହେବ ବସବାସ କରୁଛନ୍ତି। ଗ୍ରାମବାସୀମାନେ କୃଷି କାର୍ଯ୍ୟ ଓ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସମସ୍ତେ ଆର୍ଥିକ ଅନଗ୍ରସର ଥିବାବେଳେ ସରକାରୀ ସହାୟତା ନିହାତି ଆବଶ୍ୟକ ଅଟେ। ତେବେ ଗ୍ରାମବାସୀମାନେ କାମଧନ୍ଦା ପାଇଁ ରାଇରଙ୍ଗପୁର ଓ ଅନ୍ୟ ସହର ଉପରେ ନିର୍ଭରଶୀଳ ଅଟନ୍ତି। କିନ୍ତୁ ରାସ୍ତା ଖରାପ ପାଇଁ ଗ୍ରାମକୁ



ଲକ୍ଷ୍ମୀ ବସ୍‌ଟିଏ ଗଡୁନାହିଁ। ଗ୍ରାମରୁ ସହରକୁ ଦୂରତ୍ୱ କମାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରେଷ୍ଠ ଯୋଜନା ମଧ୍ୟରେ ଅନ୍ୟତମ ଲକ୍ଷ୍ମୀ ବସ୍ ଯୋଜନା ଉକ୍ତ ଗ୍ରାମରେ ଅପହଞ୍ଚ ରହିଛି। ସୁଗମ ଯୋଗାଯୋଗ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି। ସେହିପରି ରାସ୍ତା ଖରାପ ପାଇଁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟକୁ ଯିବାଆସିବା କରିବା କଷ୍ଟକର ହେଉଛି। ଏହାସହିତ ଗ୍ରାମରେ କାହାରି ଦେହ ଖରାପ ହେଲେ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ମଧ୍ୟ ଆସିପାରୁନାହିଁ। ରୋଗୀକୁ ବୋହିକି ଗାଁ ମୁଣ୍ଡକୁ ନେଲେ ଆମ୍ବୁଲାନ୍ସରେ ହସ୍ପିଟାଲକୁ ଯାଉଛନ୍ତି। ଖରାପ ରାସ୍ତା ପାଇଁ ସତେ ଗାଁଟି ଦୁର୍ଗମ ଅଞ୍ଚଳର ପରିଚୟ ପାଉଛି। ଯାହା ଫଳରେ ଲକ୍ଷ୍ମୀ ବସ୍ ସେବା ଉପଲବ୍ଧ ନ ଥିବାରୁ ତାହା ଗ୍ରାମବାସୀଙ୍କ ପାଇଁ ସାତସପନ ପାଲଟିଛି। କୌଣସି ବସ୍ ଯୋଗାଯୋଗ ନ ଥିବାବେଳେ ମାଇଲ୍ ମାଇଲ୍ ବାଟ ଚାଲିକି କିମ୍ବା ସାଇକଲରେ ଆସିବାକୁ ପଡୁଛି। ନିର୍ବାଚନ ସମୟରେ ଭୋଟ୍ ନେବାକୁ ନେତାମାନେ ଉକ୍ତ ଦୁର୍ଗମ ଅଞ୍ଚଳକୁ ଆସୁଥିବାବେଳେ ନିର୍ବାଚନ ଜିତିବା ପରେ ଦୁର୍ଗମ ଅଞ୍ଚଳର ସମସ୍ୟା ବାବଦରେ ଭୁଲିଯାଉଛନ୍ତି। ତେଣୁ ନିଜ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀମାନେ ନିଜେ ଶ୍ରମଦାନ କରି ମାଟି, ବାଲି ପକାଇ ରାସ୍ତା ମରାମତି କରିଛନ୍ତି। ସେହିପରି ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ମଧ୍ୟ ନାହିଁ। ପାନୀୟଜଳ ଯୋଗାଣ ପାଇଁ ପ୍ରାୟ ବର୍ଷକ ପୂର୍ବେ ପାଣି ପାଇପ୍ ପଡ଼ିଥିଲା। କିନ୍ତୁ ସେଥିରେ ଏଯାଏଁ ପାନୀୟଜଳ ଯୋଗାଣ ଆରମ୍ଭ ହୋଇନାହିଁ। ପାନୀୟଜଳ ପାଇଁ ଲୋକେ ପୋଖରୀ କିମ୍ବା ଅନ୍ୟ ଜଳ ଉତ୍ସ ଉପରେ ନିର୍ଭରଶୀଳ ଅଟନ୍ତି। ଗ୍ରୀଷ୍ମ ଦିନରେ ଗାଁରୁ ଦୂରକୁ ଯାଇ ଚୁଆ ଖୋଳି ପାଣି ଆଣିବାକୁ ମଧ୍ୟ ପଡୁଛି। ଗ୍ରାମବାସୀମାନେ ବିଶୁଦ୍ଧ ପାନୀୟଜଳ ନ ପାଇ ଅନେକ ସମୟରେ ସଂକ୍ରମଣର ଶିକାର ହୋଇ ରୋଗାଗ୍ରସ୍ତ ହେଉଛନ୍ତି। ଯାହାକୁ ରୋକିବାରେ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନର କୌଣସି ପଦକ୍ଷେପ ନାହିଁ।

ଗ୍ରାମର ସର୍ବାଙ୍ଗୀଣ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ବିନିଯୋଗ କରୁଥିବାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ତାହା କେବଳ କାଗଜକଲମରେ ସୀମିତ ବୋଲି ପ୍ରମାଣିତ ହେଉଛି। ଏହିପରି ଗ୍ରାମମାନଙ୍କରେ ମୌଳିକ ସୁବିଧା ଯୋଗାଇବାରେ ରାଜ୍ୟର ବିଜେପି ସରକାର ବିଫଳ ହୋଇଛନ୍ତି। ଏନେଇ ଗ୍ରାମବାସୀମାନେ ଜାମଦା ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମ ରୁଟ୍‌ରେ ଲକ୍ଷ୍ମୀ ବସ୍ ଚଳାଚଳ ସହ ପାନୀୟଜଳ ବ୍ୟବସ୍ଥା ପାଇଁ ନିବେଦନ କରିଛନ୍ତି। ଆଗକୁ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବେତନଟୀ କଳାବିକାଶ କେନ୍ଦ୍ରର ବାର୍ଷିକୋତ୍ସବ



ବେତନଟୀ, ୨୫।୧୨(ସମିସ): ବେତନଟୀର ସର୍ବପୁରାତନ ସରକାରୀ ପଞ୍ଜିକୃତ କଳା ବିକାଶ କେନ୍ଦ୍ରର ୪୨ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିବା ସହିତ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଶିଷ୍ଟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବାରିପଦାର ବିଶିଷ୍ଟ ସିନେ କଳାକାର ଓ କଣ୍ଠଶିଳ୍ପୀ ଶାନ୍ତନୁ କୁମାର ସିଂହ, ଅନ୍ୟତମ ସମ୍ମାନିତ ଅତିଥିଭାବେ ମଞ୍ଚ ଶିଳ୍ପୀ ତଥା ନାଟ୍ୟ ନିର୍ଦ୍ଦେଶକ ସୋମନାଥ ସିଂହ ଏବଂ ବେତନଟୀର ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। କଳାବିକାଶ କେନ୍ଦ୍ରର ସାଧାରଣ ସମ୍ପାଦକ ତଥା ପ୍ରତିଷ୍ଠାତା ଡ. ସୁଶୀଲ କୁମାର ଘୋଷ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପରିଚାଳନା କମିଟିର ସଭାପତି ବିଜୟ କୁମାର ଦ୍ୱିବେଦୀ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଛୋଟ ପିଲାମାନଙ୍କଠାରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭାକୁ ଜାଗ୍ରତ କରିବା ପାଇଁ ଅନୁଷ୍ଠାନର ଆବଶ୍ୟକତା ରହିଛି ଏବଂ ସେମାନଙ୍କ ପ୍ରତିଭାର ପରିସ୍ଫୁଟନ ପାଇଁ ତାଲିମଦାତା (ପ୍ରଶିକ୍ଷକ)ଙ୍କ ମାର୍ଗଦର୍ଶନ ଜରୁରୀ ବୋଲି ମୁଖ୍ୟବକ୍ତା ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ କହିଥିଲେ।

ମୟୂରଭଞ୍ଜ ଜିଲ୍ଲା ବହୁ କଳାକାରଙ୍କୁ ଜନ୍ମ ଦେଇଛି। ସେମାନଙ୍କ କଳା ନୈପୁଣ୍ୟତା ପାଇଁ ମୟୂରଭଞ୍ଜ ଜିଲ୍ଲା ରାଜ୍ୟସ୍ତରରେ ପରିଚିତ। ଏଣୁ ଏହି ଶିଶୁ କଳାକାରମାନଙ୍କ ପ୍ରତିଭାକୁ ଉପଯୋଗ କରିବା ପାଇଁ ବେତନଟୀ କଳା ବିକାଶ କେନ୍ଦ୍ର ଉତ୍ସର୍ଗୀକୃତ ଭାବେ ଶିକ୍ଷାଦାନ ଦେଇ ବହୁ କଳାକାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବୋଲି ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ କଳାବିକାଶ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟ ଈଶ୍ୱର ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ଗଡ଼ିବ ମାଗେ ପରବର ସଚେତନତା ରଥ

କରଞ୍ଜିଆ, ୨୫।୧୨(ସମିସ): ଆଦିବାସୀ ହୋ' ସମାଜର ମୁଖ୍ୟ ପର୍ବ ହେଉଛି ମାଗେ ପୁନେଇ। ଏହି ପର୍ବ ମାଧ୍ୟମରେ ହୋ' ସମାଜର ଭାଷା, ସଂସ୍କୃତି, ପରମ୍ପରାକୁ ବଜାଇ ରଖିଥାନ୍ତି ଓ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାନ୍ତି। ତେଣୁ ଏହି ମାଗେ ପୁନେଇକୁ ଜିଲ୍ଲାର ସମସ୍ତ ହୋ' ଭାଷାଭାଷୀ ଅଞ୍ଚଳର ଲୋକେ ଏକା ଦିନରେ ପାଳନ କରିବାକୁ ମୟୂରଭଞ୍ଜ ଆଦିବାସୀ ହୋ' ସମାଜ କମିଟି ପକ୍ଷରୁ ଏକ ପ୍ରୟାସ ଆରମ୍ଭ କରି ଏକ ସଚେତନତା ରଥ ପରିକ୍ରମା କରିବ। ରଥ ବୁଲିବାର ଉଦ୍ଦେଶ୍ୟ ହେଉଛି ମାଗେ ପୁନେଇକୁ ଜିଲ୍ଲାର ସମସ୍ତ ହୋ' ସମାଜ ଏକା ଦିନରେ ପାଳନ କରିବା। ଏହି ରଥ ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ରରୁଆଁ, ଶୁକ୍ଳି, କରଞ୍ଜିଆ, ସାହାରପଦା, ଠାକୁରମୁଣ୍ଡା, କପ୍ତିପଦା, ଉଦଳା, ବଡ଼ସାହି, ବାରିପଦା, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା, ତିରିଂ, ଜାମଦା, କୁସୁମି ପରି ୩୩ଟି ଜାଗା ପରିଭ୍ରମଣ କରିବ। ଏହି ରଥ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ବୁଲି ସଚେତନ କରିବ। ଏହି ସଚେତନତା ରଥକୁ ୨୬ ତାରିଖ ଦିନ ଯଶିପୁରଠାରେ ଜଙ୍ଗଲ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ ଉଦ୍‌ଘାଟନ କରିବେ ବୋଲି ମୟୂରଭଞ୍ଜ ଆଦିବାସୀ ହୋ' ସମାଜର ସମ୍ପାଦକ ବାଗୁନ ସୁମ୍ବ୍ରି ପ୍ରକାଶ କରିଛନ୍ତି।

## ଅର୍ଥନୀତି ବିଭାଗର ଶିକ୍ଷାତ୍ମକ ପ୍ରାୟୋଗିକ ଭ୍ରମଣ



ବାରିପଦା, ୨୫।୧୨(ସମିସ): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗରେ ଏକ ଶିକ୍ଷାତ୍ମକ ପ୍ରାୟୋଗିକ ଭ୍ରମଣ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପେନ୍ଦ୍ରନାଥ ସ୍ୱୟଂଶାସିତ ବିଜ୍ଞାନ ଓ ପ୍ରଯୁକ୍ତି ମହାବିଦ୍ୟାଳୟ, ଅଡ଼ଶପୁର, କଟକର ଅର୍ଥନୀତି ବିଭାଗର ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ସହ ୪୫ ଜଣ ଛାତ୍ରଛାତ୍ରୀ ଆଗମନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରୋଗ୍ରାମ ସଂଯୋଜିକା ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଅଭିଭାଷଣ ସହିତ ବିଶ୍ୱବିଦ୍ୟାଳୟ ଏବଂ ନିଜ ବିଭାଗ ସମ୍ବନ୍ଧିତ ପରିଚୟ ଉଦ୍‌ବୋଧନ ଦେଇଥିଲେ। ତତ୍‌ପରେ ଆୟୋଜକ ବିଭାଗର ଅଧ୍ୟାପକ ବିଶ୍ୱଜିତ୍ ଷଡ଼ଙ୍ଗୀ ଓ ଅଧ୍ୟାପିକା ସୁଜାତା ମହାକୁଡ଼ ବିଭାଗର ପାଠ୍ୟସୂଚୀ, ପରୀକ୍ଷା ପଦ୍ଧତି ଏବଂ ବିଭାଗ ଦ୍ୱାରା ଆୟୋଜିତ ଗବେଷଣା ତଥା ଶିକ୍ଷାମୂଳକ କାର୍ଯ୍ୟକଳାପ ଯଥା- ଅନ୍ତର୍ଜାତୀୟ ସମ୍ମିଳନୀ, ଜାତୀୟସ୍ତରୀୟ କ୍ଷମତା ବିକାଶ କାର୍ଯ୍ୟକ୍ରମ, ସାମାଜିକ ସମ୍ପ୍ରସାରଣ ସମ୍ବନ୍ଧରେ ସଂକ୍ଷେପରେ ନିଜ ବକ୍ତବ୍ୟ ରଖିଥିଲେ। ୟୁଏଫ୍‌ଆଇଆର୍‌ପି ପ୍ରକଳ୍ପ ସହଯୋଗୀ ସୀତା ପାଗଲ ବିଶ୍ୱବିଦ୍ୟାଳୟର ଲାଲ୍ ପିମ୍ପୁଡ଼ି ସମ୍ବନ୍ଧିତ ବିଭାଗୀୟ ପ୍ରକଳ୍ପ ବିଷୟରେ ନିଜ ବକ୍ତବ୍ୟ ରଖିଥିଲେ। ପରେ ଉପେନ୍ଦ୍ରନାଥ ମହାବିଦ୍ୟାଳୟସ୍ଥ ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. କୃପାସିନ୍ଧୁ ପ୍ରଧାନ ସ୍ୱୀୟ ବିଭାଗ ସମ୍ବନ୍ଧରେ ବକ୍ତବ୍ୟ ରଖି ଆୟୋଜକ ବିଭାଗ ସହ ଅତିଶୀଘ୍ର ବୁଝାମଣା ପତ୍ର ସ୍ୱାକ୍ଷର କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଶେଷରେ ପ୍ରୋଗ୍ରାମ ସହସଂଯୋଜକ ବିଶ୍ୱଜିତ୍ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ ବିଭାଗର ମୁଖ୍ୟ ପରିଦର୍ଶନକାରୀ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କୁ ଚାରାବୃକ୍ଷ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ସଚେତନତା କର୍ମଶାଳା



ବାରିପଦା, ୨୫।୧୨(ସମିସ): ସ୍ଥାନୀୟ ଷ୍ଟାଡିୟମ୍ କନ୍‌ଫରେନ୍ସ ହଲ୍‌ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ବେଟି ପଢ଼ାଓ' ଅନ୍ତର୍ଗତ ସାଇବର ସତର୍କତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ପୁଲିସ ଅଧୀକ୍ଷକ ସବିତା ମାଝୀ ଯୋଗଦେଇ ଛୋଟ ପିଲାଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ଏପରିକି ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଇତ୍ୟାଦି ସୋସିଆଲ ମିଡିଆରେ ସକ୍ରିୟ ରହୁଛନ୍ତି। ଅପରାଧୀମାନେ ମଧ୍ୟ ସକ୍ରିୟ ହୋଇ ପ୍ରତି କ୍ଷେତ୍ରରେ ଠକେଇ ପାଇଁ ଉଦ୍ୟମ କରୁଛନ୍ତି। ଆମେ ଯଦି ସତର୍କ ହେବା ତେବେ ସାଇବର ଠକାମୀରୁ ବର୍ତ୍ତି ପାରିବା ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୁଲିସ ସାଇବର ସେଲର ଆଇଆଇସି ପ୍ରଦୀପ ମାଝୀ ଓ କନେଷ୍ଟବଳ ଭକ୍ତବନ୍ଧୁ ବେହେରା ପିପିଟି ମାଧ୍ୟମରେ ସାଇବର ଠକେଇ ଓ ତାହାର ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ଆଇଟି ଅଜୟ କୁମାର ମହାପାତ୍ର ମଧ୍ୟ ସାଇବର ଅପରାଧର ସଜ୍ଞା, ଠକାମୀ, ତାହାର ନିରାକରଣ, ସଚେତନତା ଓ ସତର୍କତା ସମ୍ପର୍କରେ ବିଷଦ୍ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି ଅଧ୍ୟକ୍ଷତା କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କିଶୋର କିଶୋରୀ ଚାମ୍ପିଅନମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆଶାକର୍ମୀ, ଶିଶୁ ବିକାଶ ପରିଦର୍ଶିକା, କିଶୋରକିଶୋରୀ, ଶିକ୍ଷକ, ପିଆର୍‌ଆଇ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି ପରିଚାଳନା କରିଥିବାବେଳେ ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ରର ସଂଯୋଜକ ସୀମାନ୍ତ ଦିଗାର ସମେତ ଅନ୍ୟ ହବ୍ କର୍ମକର୍ତ୍ତାମାନେ ସହାୟତା କରିଥିଲେ।

## ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ଶିବିର

ରାଇରଙ୍ଗପୁର, ୨୫।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ଫାଇଲେରିଆ ରୋଗର ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ହାଇଡ୍ରୋସିଲ୍ ରୋଗୀମାନଙ୍କ ଅସ୍ତ୍ରୋପଚାର ଶିବିର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଲେପ୍ରା ସୋସାଇଟି ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ବିଜୟ କୁମାର ଦାସ ଏବଂ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ଅଧୀକ୍ଷକ ଡା. ରବୀନ୍ଦ୍ରନାଥ ମାର୍ଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଡା. ସତ୍ୟପ୍ରକାଶ ଧଳ, ଆନାସ୍ଥେସିଆ ବିଶେଷଜ୍ଞ ଡା. ସିଦ୍ଧାର୍ଥ ପାଣିଗ୍ରାହୀ, ମେଡିକାଲ ଅଫିସର ଡା. ଦେବେନ୍ଦ୍ର ନାଥ ଟୁଡୁଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୧ ଜଣ ହାଇଡ୍ରୋସିଲ୍ ରୋଗୀଙ୍କୁ ମାଗଣା ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ ସାହୁ, ଲେପ୍ରା ସୋସାଇଟି ପ୍ରକଳ୍ପ ଅଧିକାରୀ ପ୍ରହଲ୍ଲାଦ ମଙ୍ଗରାଜ, ହସ୍ପିଟାଲ ପରିଚାଳକ ଆଲୋକ ଗୋଚ୍ଛାୟତ, ନର୍ସିଂ ଅଫିସର ସବିତା ଷଡ଼ଙ୍ଗୀ, ଭେକ୍ଟରବାହିତ ରୋଗ ବୈଷୟିକ ପରିଦର୍ଶକ ଦୀପକ ମହାନ୍ତ, ନନ୍ଦୀଶ୍ୱର ମହାନ୍ତ, ପିସିଆଇ ରାଜୀବ ଲୋଚନ ଜେନା, ପ୍ରିୟମ୍ ସିଂ, ପବିତ୍ର ବେହେରା, ସରସ୍ୱତୀ ବାରିକ, ଅଜୟ କାରୁଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ମାଗଣା ତାଲିମଭିତ୍ତିକ ପାଠ୍ୟକ୍ରମ ପାଇଁ ନାମଲେଖା ଆରମ୍ଭ

## ଫୁଲଚାଷ ଓ କୃଷି ଯନ୍ତ୍ରପାତି ରକ୍ଷଣାବେକ୍ଷଣ ପାଠ୍ୟ ସାମିଲ୍

ବାରିପଦା, ୨୫।୧୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ୬ ମାସିକ ସାର୍ଟିଫିକେଟ୍ କୋର୍ସ 'ସମର୍ଥ' ପାଇଁ ନାମଲେଖା ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ପାଠ୍ୟକ୍ରମରେ ଦୁଇଟି ବିଷୟ ଯଥା- ଫୁଲ ଚାଷ ସମ୍ପର୍କିତ କୋର୍ସ କୃଷି ବିଜ୍ଞାନ କେନ୍ଦ୍ର, ଶାମାଖୁଣ୍ଟା ଓ କୃଷି ଯନ୍ତ୍ରପାତି ତଥା ମେସିନ୍ ରକ୍ଷଣାବେକ୍ଷଣ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ର, ଯଶିପୁରଠାରେ ତାଲିମ ପ୍ରଦାନ କରାଯିବ। ଉଭୟ କୋର୍ସ ପାଇଁ ୨୦ ଜଣ ଲେଖାଏଁ ପ୍ରାର୍ଥୀଙ୍କୁ ତାଲିମ ଗ୍ରହଣ ପାଇଁ ମନୋନୀତ କରାଯିବ। ନାମ ଲେଖାଇବା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍ ରହିଛି। ଏହାସହ ବୟସ ୧୫ରୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଆବେଦନ କରିପାରିବେ। ଇଚ୍ଛୁକ ପ୍ରାର୍ଥୀମାନେ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ। ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ମେଧା ଆଧାରିତ ଅଟେ। ତାଲିମ୍ ପାଠ୍ୟକ୍ରମ ୬ ମାସ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩ ମାସ ଅନୁଷ୍ଠାନରେ କେବଳ ଶିକ୍ଷାଭିତ୍ତିକ ତାଲିମ ଅନୁଷ୍ଠାନ ମଧ୍ୟରେ ଦିଆଯାଇ ୨ୟ ପର୍ଯ୍ୟାୟରେ ୩ ମାସ ପାଇଁ ନିଜ ନିଜ ପାଠ୍ୟକ୍ରମ ସମ୍ପର୍କିତ ଇଣ୍ଡଷ୍ଟ୍ରି, ଉଦ୍ୟୋଗ କିମ୍ବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ମାର୍କ ଆଧାରରେ ଅଧିକ ଶିକ୍ଷା ଓ ଗବେଷଣା ପାଇଁ ପ୍ରେରଣ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅଫିସିଆଲ୍ ସାଇଟ୍‌କୁ ଯାଇ ଦରଖାସ୍ତ ଫର୍ମ ଡାଉନ୍‌ଲୋଡ୍ କରିବେ। ଆବଶ୍ୟକୀୟ ଅନ୍ୟ ପ୍ରମାଣପତ୍ରକୁ ଦରଖାସ୍ତ ଫର୍ମ ସହ ସଂଲଗ୍ନ କରି ନିଜ ପସନ୍ଦର କୃଷି ବିଜ୍ଞାନ କେନ୍ଦ୍ରକୁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆସନ୍ତା ୨୬ ତାରିଖ ସୁଦ୍ଧା ପହଞ୍ଚିବାର ବ୍ୟବସ୍ଥା କରିବେ। ଏହା ସହ ନିଜେ ମଧ୍ୟ ନିଜ ପସନ୍ଦର କୃଷି ବିଜ୍ଞାନ କେନ୍ଦ୍ରକୁ ଯାଇ ଏହାକୁ ଦାଖଲ କରିପାରିବେ।

## ଅନନ୍ୟ ପ୍ରତିଭାର ଅଧିକାରିଣୀ ହୋ' ସଙ୍ଗୀତକାର ସ୍ୱର୍ଣ୍ଣଲତା ପୂର୍ତ୍ତି

ଶରତ, ୨୫।୧୨(ସମିସ): ଓଡ଼ିଶାରେ ୬୨ ପ୍ରକାର ଜନଜାତି ବସବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ହୋ' ସ୍ୱତନ୍ତ୍ର ଜନଜାତି। ଏହାର ରହିଛି ନିଆରା ସଂସ୍କୃତି, ପରମ୍ପରା, ଲୋକକଳା, ଲୋକନୃତ୍ୟ। ଏମାନଙ୍କର ରହିଛି ସ୍ୱତନ୍ତ୍ର ଲିପି। ଯାହାର ନାମ ୱାରାଙ୍ଗଚିତି। ଓଡ଼ିଶାରେ ୧୫ ଲକ୍ଷରୁ ଅଧିକ ହୋ' ଭାଷାଭାଷୀ ଲୋକ ବସବାସ କରୁଥିବାବେଳେ ସମଗ୍ର ଭାରତବର୍ଷରେ ପ୍ରାୟ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ବସବାସ କରୁଥିବା ସେମାନେ ଦାବି କରନ୍ତି। ସାମ୍ପ୍ରତିକ ସ୍ଥିତିରେ ଭାରତୀୟ ହୋ' ସମ୍ପ୍ରଦାୟର ଆଦିବାସୀ (ଜନଜାତି) ସେମାନଙ୍କ ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଇବା ଓ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ସ୍ୱୀକୃତି ଦେବା ଦାବିରେ ଆନ୍ଦୋଳନ କରୁଛନ୍ତି।



ଚଳିତ ମାସ ୧୨ ତାରିଖ ଦିନ ଓଡ଼ିଶା ବିଧାନସଭା ଗାନ୍ଧୀ ମାର୍ଗରେ ହୋ' ଭାଷା ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ହୋ' ସମୁଦାୟର ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ। ଏହି ଆନ୍ଦୋଳନରେ ବିଶିଷ୍ଟ ହୋ' ସଙ୍ଗୀତକାର ସ୍ୱର୍ଣ୍ଣଲତା ସିଂ ପୂର୍ତ୍ତି(୩୦) ଯୋଗଦେଇ ନେତୃତ୍ୱ ନେବା ସହିତ ହୋ' ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ କରାଯିବା ନିମନ୍ତେ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନା କରିଥିଲେ। ସ୍ୱର୍ଣ୍ଣଲତା ସିଂ ଅନେକ ହୋ' ସଙ୍ଗୀତ ଗାନ କରି ନିଜକୁ ଜଣେ ସୁଦକ୍ଷ ସଙ୍ଗୀତକାର ହିସାବରେ ସମାଜରେ ନିଜର ପରିଚୟ ପ୍ରତିଷ୍ଠା କରିସାରିଛନ୍ତି। ସ୍ୱର୍ଣ୍ଣଲତା ସିଂ ଗାଇଥିବା ଗୀତ ମଧ୍ୟରେ ହେ ସିଂ ବଙ୍ଗା, ଓ ଜୁଲିରେ, ଏସେଲ ମାଇଁ, ଦିଲ୍ଲୀ ଦରବାର, ପାଗାଲା ମନ, ବିଲାତି ମାତା, ମାଗେ ଚାଣ୍ଡୁଃ, ଏବାବୁ ଏ-ସୁନା, ଆପେ ହାତୁ ରାଜା, ସାଙ୍ଗଆ ମେୟାଞ୍ଜ ମେନ୍ତେ ପ୍ରମୁଖ ରହିଛି। ହୋ' ସଙ୍ଗୀତ ଦୁନିଆରେ ପାଖାପାଖି ୩୦ରୁ ଅଧିକ ହୋ ଆଲ୍‌ବମରେ ସଙ୍ଗୀତ ଗାନ କରିଥିବାରୁ ତାଙ୍କୁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ରାଇରଙ୍ଗପୁର କଚେରୀ ପଡ଼ିଆରେ ଅନୁଷ୍ଠିତ ହୋ' ଗାଲାଙ୍ଗ ଟାଲେଣ୍ଟ କାର୍ଯ୍ୟକ୍ରମରେ ବଲିଉଡ୍ ଷ୍ଟାର୍ ରାମ ସିର୍କା, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ସମ୍ମାନିତ କରିଥିଲେ। ଏହା ପୂର୍ବରୁ ଝାଡ଼ଖଣ୍ଡ ରାଜ୍ୟର ରାଜନଗର (ସାରାଇକେଲା)ଠାରେ ଅନୁଷ୍ଠିତ ପଣ୍ଡିତ ଲାକ ବଦରାଙ୍କ ଜୟନ୍ତୀ ପାଳନ ସମାରୋହରେ ତାଙ୍କୁ ତତ୍କାଳୀନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚାମ୍ପାଏ ସୋରେନ ସମ୍ମାନିତ କରିଥିଲେ। ଏହି ହୋ' ପ୍ରତିଭା ଇଲେକ୍ଟ୍ରୋନିକ ମେକାନିକ୍ସରେ ଡିପ୍ଲୋମା ପାଠ ପଢ଼ିଛନ୍ତି। ତାଙ୍କ ଘର କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ବ୍ଲକ ପାଣିମାଣ୍ଡୁଅ ଗ୍ରାମରେ। ସେ ବୁଦ୍ଧିଆ ପୂର୍ତ୍ତି ଓ ଗୋଲାପୀ ପୂର୍ତ୍ତିଙ୍କ ଚତୁର୍ଥ କନ୍ୟା କନ୍ୟା ଅଟନ୍ତି। ଜାତୀୟ ତଥା ଆନ୍ତର୍ଜାତିକସ୍ତରରେ ହୋ' ଭାଷା ସଙ୍ଗୀତର ପ୍ରଚାର ପ୍ରସାର ଓ ହୋ ଭାଷା ଆନ୍ଦୋଳନକୁ ତୀବ୍ରତର କରାଇବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି।

## ବୀର ବିର୍ସା ମୁଣ୍ଡା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସୁନ୍ଦରଗଡ଼ ଚାମ୍ପିଅନ

ଶୁକ୍ଳି, ୨୫।୧୨(ସମିସ): ବୀର ବିର୍ସା ମୁଣ୍ଡା ଯୁବକ ସଂଘ ପାନପତ୍ରିଆ ଏବଂ ବୁଢ଼ାମରା ଗ୍ରାମପଞ୍ଚାୟତ ମିଳିତ ଅନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ ଫଗୁ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବୀର ବିର୍ସାମୁଣ୍ଡା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସ୍ପୋର୍ଟିଂ କ୍ଲବ୍ ଗଣ୍ଡଆଁ ସୁନ୍ଦରଗଡ଼ ଦଳ ଟୁଲୁ ଏଣ୍ଡ ବୁଲୁ ଏସ୍‌ପି ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଦଳକୁ ୧ ଲକ୍ଷ ୧ ହଜାର ୧୧୧ ଟଙ୍କା, ଦ୍ୱିତୀୟ ଦଳ ଟୁଲୁ ଏଣ୍ଡ ବୁଲୁ ଏସ୍‌ପିକୁ ୭୧ ହଜାର ୧୧୧ ଟଙ୍କା, ତୃତୀୟ ଦଳ ମୁକୁନା ପାଟକୁ ୩୧ ହଜାର ୧୧୧ ଟଙ୍କା ଏବଂ ଚତୁର୍ଥ ଦଳ ପରବେଡ଼ା ଏସ୍‌ପିକୁ ୩୧ ହଜାର ୧୧୧ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଅଜିତ୍ କୁମାର ତିରିଆ, ରରୁଆଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମୋତିଲାଲ ସିଂ ଲାଗୁରୀ, ଚମ୍ପୁଆ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଜ୍ୟୋତିରାଣୀ ପୂର୍ତ୍ତୀ, ପାନପତ୍ରିଆ ଗ୍ରାମପଞ୍ଚାୟତ ସରପଞ୍ଚ ମତଜଗ ମୁଣ୍ଡା, ବୁଢ଼ାମରା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଡକ ହେସା, ସିନିୟର ମାଇନିଂ ଅଫିସର ଯୋଡ଼ା ତପନ ପାତ୍ର, ସମାଜସେବୀ ରୋହିତ କୁମାର ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବୀର ବିର୍ସା ମୁଣ୍ଡା କ୍ଲବ୍‌ର ସଭାପତି ସନାତନ ସୋଏ, ସମ୍ପାଦକ ବିଜୟାନ ହେସା, ଉପଦେଷ୍ଟା ମଣ୍ଡଳୀ ଲକ୍ଷ୍ମୀକାନ୍ତ ବେହେରା, ଭକ୍ତବନ୍ଧୁ ମହାନ୍ତ, ବାପୁନି ମହାନ୍ତ ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ଶୃଙ୍ଖଳାର ସହିତ ସମାପନ କରିଥିଲେ। ମୁକୁନା ପାଟ ପକ୍ଷରୁ ପ୍ରତିଯୋଗିତାରେ ଖେଳିବାକୁ ଆସିଥିବା ଝାଡ଼ଖଣ୍ଡ ରାଜ୍ୟର ଭାରତ ପାଇଁ ଖେଳିଥିବା ଆନ୍ତର୍ଜାତିକ ବିଚ୍ ଫୁଟ୍‌ବଲ ଖେଳାଳି ଜୟପାଲ ସିର୍କାଙ୍କୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ନଗଦ ୨୦ ହଜାର ଟଙ୍କାର ସ୍ୱତନ୍ତ୍ର ଅର୍ଥରାଶି ପୁରସ୍କାର ନିଜ ତରଫରୁ ପ୍ରଦାନ କରିଛନ୍ତି।



## ବିଶୋଇ ବ୍ଲକ୍ ଠିକାଦାର ସଂଘର ବୈଠକ

ବିଶୋଇ, ୨୫।୧୨(ସମିସ): ବିଶୋଇ ବ୍ଲକ ଠିକାଦାର ସଂଘର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ନେତାଜୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ଶ୍ରେଣୀର ଠିକାଦାର ବୈଠକରେ ଉପସ୍ଥିତ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ବାମନଘାଟି ଉପଖଣ୍ଡ ବ୍ୟତୀତ ବାହାର ଅଞ୍ଚଳର ଠିକାଦାର ନିଜ ବ୍ଲକରେ କାମ କରିଲେ ତାହାକୁ ତୀବ୍ର ବିରୋଧ କରାଯିବ। ଏଥିସହିତ ବାହାର ଅଞ୍ଚଳର ଠିକାଦାରଙ୍କ କାମର ମାନକୁ ଉଚିତ୍ ତଦାରଖ କରାଯିବ ବୋଲି ବୈଠକରେ ଆଲୋଚନା କରାଗଲା। ଆସନ୍ତା ରବିବାର ପୁଣିଥରେ ଠିକାଦାର ସଂଘ ପକ୍ଷରୁ ହେବାକୁ ଥିବା ବୈଠକରେ ସାରସକଣା ବିଧାୟକଙ୍କୁ ନିମନ୍ତ୍ରିତ କରାଯାଇ ଠିକାଦାର ସଂଘର ଆଗାମୀ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦିଆଯିବା ସହିତ ସଂଘର ଗାଇଡ୍‌ଲାଇନ୍ ସମ୍ବନ୍ଧରେ ଅବଗତ କରାଯିବ। ସରକାରୀ ଧାର୍ଯ୍ୟ ମୂଲ୍ୟରେ ସମସ୍ତ ଠିକଦାର ଟେଣ୍ଡର ପକାଇବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା।

### ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

## ଛାତ୍ରଛାତ୍ରୀ ଦେଶପ୍ରୀତି ମନୋଭାବ ରଖିବା ପାଇଁ ପରାମର୍ଶ

ବୈଶିଙ୍ଗା, ୨୫।୧୨(ସମିସ): ବୈଶିଙ୍ଗା ଉପକଣ୍ଠ ବରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ଇଂ. ଅଭୟ ସୂତାର, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ପୁରୁଷୋତ୍ତମ ପଣ୍ଡା, ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ, ପ୍ରଧାନଆଚାର୍ଯ୍ୟା କଳ୍ପଲତା ହାଜରା ଅତିଥି ପ୍ରମୁଖ ଭଗବାନଙ୍କ ଫଟୋଚିତ୍ରରେ ଦୀପ, ଧୂପ, ନୈବେଦ୍ୟ ଓ ପୁଷ୍ପ ପ୍ରଦାନ ପୂର୍ବକ ବୌଦ୍ଧିକ ପୂଜାର୍ଚ୍ଚନା କରି ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ଶ୍ରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟା କଳ୍ପଲତା ହାଜରା ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବ ମାଧ୍ୟମରେ ଅଲୌକିକ ପ୍ରତିଭାର ସନ୍ଧାନ ହୋଇଥାଏ। ସମସ୍ତ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷାଗ୍ରହଣ କରିବା ସହିତ ଦେଶପ୍ରୀତି ମନୋଭାବ ରଖିବା ପାଇଁ ସମସ୍ତ ଅତିଥି ସମୂହ ପରାମର୍ଶ ଦେଇଥିଲେ। ପିଲାମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି, ସାର୍ଟିଫିକେଟ୍ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ପରିଚାଳନା କମିଟିର କୋଷାଧ୍ୟକ୍ଷ ସରୋଜ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଉପସଭାପତି ଜ୍ଞାନରଞ୍ଜନ ପଣ୍ଡା, ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଅଜିତ୍ କୁମାର ସେନାପତି, ରଞ୍ଜିତା ସେନାପତି, ପୁଷ୍ପଜିତ୍ ପରିଡ଼ା, ଗୁରୁଜୀ/ଗୁରୁମା', ସେବକ/ସେବିକା, ମାତୃମଣ୍ଡଳୀ ପ୍ରମୁଖ ସହଯୋଗ କରିଥିଲେ।





ତୁରୁମୁଙ୍ଗା: ପାଟଣା ବ୍ଲକ ଡୁମୁରିଆ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଘାଟବାଲିଯୋଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୀତକାଳୀନ ଜାତୀୟ ସେବା ଶିବିର

# ରଗଡ଼ା ଟାପୁରେ ଫସିଛନ୍ତି ୨୫ ଟିକିଆ ହାତୀପଲ

ତେଲକୋଇ, ୨୫।୧୨(ସମିସ): ତେଲକୋଇ ରେଞ୍ଜ କାଳିଆହତା ଫରେଷ୍ଟ ବିଟ ବିରିପାଳ ଗାଁ ନିକଟ ଦଣ୍ଡାଧର ଡ୍ୟାମ ହାଡ଼ିସାହି ରଗଡ଼ା ଟାପୁରେ ଫସି ରହିଛନ୍ତି ୨୫ ଟିକିଆ ହାତୀପଲ। ଟାପୁ ଚାରି ପାଖରେ ପାଣି ଘେରି ରହିଥିବାରୁ ହାତୀ ପଲ ବାହାରି ପାରୁ ନଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗତ ରବିବାର ସଂଧ୍ୟା ପ୍ରାୟ ଆଠଟା ବେଳକୁ ହାତୀ ପଲ ଡ୍ୟାମ ନିକଟ ବିରିପାଳ ଗାଁକୁ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବେଳେ ଲୋକେ ହାତୀ ପଲଙ୍କୁ ଘଉଡ଼ାଇବା ପାଇଁ ଟିଣ ଓ ନିଆଁହୁଳା ଦେଖାଇ ସବୁପଟୁ ଘେରି ଯାଇଥିଲେ। ଫଳରେ ଭୟଭୀତ ହୋଇ ହାତୀପଲ ଡ୍ୟାମ ପାଣି ଭିତରେ ପଶି ଯାଇ ଟାପୁକୁ ପଳାଇଗଲେ; ହେଲେ ଆଉ ବାହାରିପାରୁ ନାହାନ୍ତି। ଭୋକ ଉପାସରେ ପାଞ୍ଚ ଦିନ ହେବ ଟାପୁରେ ଫସିରହିଛନ୍ତି। କେବଳ ଦୁଇଜଣ ହାତୀ ସ୍କ୍ୱାଡ କର୍ମଚାରୀଙ୍କୁ ବନବିଭାଗ ଜଗାଇ ଦାୟିତ୍ୱ ସାରି ଦେଇଥିବା ଅଭିଯୋଗ ହୋଇଛି। ହାତୀ ପଲ କିଭଳି ସେଠାରୁ ବାହାରିବେ ସେନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସଂପର୍କରେ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀ କହିଲେ ଯେ ସେଠାରେ ମୟୀ ଗଛ, ଘାସ ଖାଇ ରହିଛନ୍ତି। ଆଜି ରାତିରେ ପାରି ହୋଇଯିବେ।



# ଟିପ ଚିହ୍ନ ପାଇଁ ମିଳୁନି ରାସନ୍ ଚାଉଳ

ଚମ୍ପୁଆ,୨୫।୧୨(ସମିସ): ପ୍ରାୟ ୧ ବର୍ଷ ଧରି ଗୋଟିଏ ପରିବାରର ୫ ସଦସ୍ୟ ଚାଉଳ ପାଇବାରୁ ବଞ୍ଚିତ ହୋଇଥିବା ପରିବାର ମୁଖ୍ୟ ସୁମନ୍ତ ମହାନ୍ତ ସୂଚନା ଦେଇଛନ୍ତି। ଚମ୍ପୁଆ ଏନଏସି ଅନ୍ତର୍ଗତ ପାଞ୍ଚପୋଖରୀଆ ଗ୍ରାମର ବନ୍ଧସାହି ଅଞ୍ଚଳର ସୁମନ୍ତ ମହାନ୍ତ ତାଙ୍କ ପତ୍ନୀ ଗୁରୁବାରି ମହାନ୍ତ, ଝିଅ ଚୁମୁକି ମହାନ୍ତ, ମାନି ମହାନ୍ତ, ହିମାଦ୍ରି ମହାନ୍ତ, ଗୀତାଞ୍ଜଳି ମହାନ୍ତ ବର୍ଷେ ପୂର୍ବରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ଚାଉଳ ପାଇଆସୁଥିଲେ। ମାତ୍ର ୧୮.୦୨.୨୦୨୫ ପରେ କେବଳ ଗୁରୁବାରୀ



ମହାନ୍ତଙ୍କୁ ଛାଡ଼ି ଦେଲେ ଅନ୍ୟ ୫ ଜଣ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଟିପ ଚିହ୍ନ ଦେଇ ମେସିନ ମାଧ୍ୟମରେ ଚାଉଳ ପ୍ରଦାନ କରାଯାଉଥିବା ବେଳେ ଏମାନଙ୍କର ଟିପ ଚିହ୍ନ ମେସିନ ନେଉ ନଥିବାରୁ କେୱାଇସି କରିପାରୁ ନଥିବା ବେଳେ ଆଜିପର୍ଯ୍ୟନ୍ତ ୫ ଜଣ ସଦସ୍ୟ ଜାକ ଚାଉଳ ପାଇପାରୁ ନାହାନ୍ତି। ବର୍ଷେ ପୂର୍ବରୁ ସବୁ ଠିକ ଠାକ ଚାଲିଥିଲା ମାତ୍ର ବର୍ତ୍ତମାନ ମୋର ଓ ମୋ ଛୁଆଙ୍କର ଟିପ ଚିହ୍ନ ପାଇଁ ଆମେ ଚାଉଳରୁ ବଞ୍ଚିତ ଅଛୁ ବୋଲି ସୁମନ୍ତ ସୂଚନା ଦେଉଥିବା ବେଳେ ଜେନେତେନେ ପ୍ରକାରଣ ପରିବାର ପ୍ରତିପୋଷଣ କରିବା ଭାରି କଷ୍ଟଦାୟକ ବୋଲି କହିଛନ୍ତି। ଏନେଇ ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ କହିଛନ୍ତି ଯେ ସେମିତି କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନେବା ସହ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯିବ।

# ଶୀତରେ ଯାଉନି ପରିବା ଦରର ତାତି

ହାଟଡ଼ିହୀ,୨୫।୧୨(ସମିସ): ଶୀତଦିନେ ସକାଳର କଅଁଳ ଖରାରେ ସତେଜ ପରିବା କିଣାକିଣିର ଅନୁଭୂତି ଖୁବ୍ ନିଆରା। ସାଧାରଣତଃ ପରିବା ଦର କମିଥାଏ। ଏହି ସମୟରେ ବିବାହ, ବ୍ରତଘର, ଅଷ୍ଟପ୍ରହରୀ ଆଦି ଅନୁଷ୍ଠାନ ସାଙ୍ଗକୁ ବଣଭୋଜି ସମସ୍ତଙ୍କୁ ଚଳଚଞ୍ଚଳ କରିଦିଏ। ଏଥର ପୂର୍ବଭଳି ପରିବା ଦର ବିଶେଷ ହ୍ରାସ ପାଇନାହିଁ। କମ୍ ଟଙ୍କା ନେଇ ବ୍ୟାଗ୍ ଭର୍ତ୍ତି ପରିବା ମିଳିବ ବୋଲି ହାଟ, ବଜାରକୁ ଗଲେ ଅସ୍ୱାଭାବିକ ଝଟ୍‌କା ଲାଗୁଛି। ଡ଼ିସେମ୍ବର ମାସ ସରିବାକୁ ବସିଲାଣି, ତଥାପି ପରିବା ଦର କମିନି। ସାଧାରଣତଃ ଏହି ସମୟରେ ଫୁଲକୋବି, ବନ୍ଧାକୋବି, ବାଇଗଣ, ବିଲାତି, ଶିମ୍ବ, ଝୁଡ଼ଙ୍ଗ ପ୍ରଭୃତି ପରିବା ଶସ୍ତାରେ ମିଳିଥାଏ, କିନ୍ତୁ ଏସବୁ ପରିବା ଏବେ ଆକାଶ ଛୁଆଁ ଦର। ସେହିପରି ଟମାଟୋ ଶୀତରେ ୨୦ରୁ ୩୦ ଟଙ୍କାରେ ମିଳିବା କଥା, ତାହା ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଛି। ଗାଜର, ସିମଳା ମରିଚ, ଗ୍ରିନ୍ ମଟର ଦର ମଧ୍ୟ



୮୦ରୁ ୧୦୦ଟଙ୍କା ରହିଛି। ଏପରିକି ଶାଗ ଓ ଧଣିଆଁପତ୍ର ବିଡ଼ା ମଧ୍ୟ ୨୦ଟଙ୍କାରୁ କମ୍ ନୁହେଁ। ବ୍ୟବସାୟୀଙ୍କ କହିବାନୁଯାୟୀ, ଏଥର ଲଗାଣ ବର୍ଷାର ପ୍ରଭାବ ଯୋଗୁଁ ଓଡ଼ିଶାର ଅନେକ ସ୍ଥାନରେ ଶୀତକାଳୀନ ପରିବା ଚାଷ ନଷ୍ଟ ହୋଇଛି। ସ୍ଥାନୀୟ ଅଞ୍ଚଳରୁ ପନିପରିବା ଅମଳ ହୋଇ ବଜାରକୁ ଆସିବା ବିଳମ୍ବ ହେଉଥିବାରୁ ବାହାର ଅଞ୍ଚଳ ଉପରେ ନିର୍ଭର କରିବାକୁ ପଡୁଛି। ପରିବହନ ଖର୍ଚ୍ଚ ବଢ଼ିବା ଯୋଗୁଁ ଏହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ୍ ଉପରେ ପଡୁଛି। ଏହିଭଳି ଅବସ୍ଥା ଏବେ ହାଟଡ଼ିହୀ ବ୍ଲକ ଅଧୀନସ୍ଥ ଦୈନନ୍ଦିନ ଛେନାପଦି ପରିବା ବଜାରରେ ମଧ୍ୟ ଦେଖିବାକୁ ମିଳିଛି। ଜଣେ ଗୃହିଣୀଙ୍କ କହିବା କଥା, ପୂର୍ବରୁ ୨୦୦ ଟଙ୍କାରେ ସପ୍ତାହକର ପରିବା ହୋଇଯାଉଥିଲା। ଏବେ ୫୦୦ ଟଙ୍କା ନେଲେ ବି ବ୍ୟାଗ୍ ଭର୍ତ୍ତି ହେଉନି। ଡାଲମା କରିବାକୁ ଚାହିଲେ ବି ଦୁଇଥର ଭାବିବାକୁ ପଡୁଛି। ତେବେ ସ୍ଥାନୀୟ ବ୍ୟବସାୟୀଙ୍କ ମତରେ, ଆସନ୍ତା ୧୫-୨୦ ଦିନ ମଧ୍ୟରେ ସ୍ଥାନୀୟ ବଜାରକୁ ପୂର୍ଣ୍ଣମାତ୍ରାରେ ପନିପରିବା ଆସିବା ଆରମ୍ଭ ହେବ। ଥରେ ସ୍ଥାନୀୟ ପରିବା ଆସିଗଲେ ଦରଦାମ୍ ନିୟନ୍ତ୍ରଣକୁ ଆସିବ। ଶୀତଦିନେ ବଜାରରେ ଫୁଲକୋବିର ମୂଲ୍ୟ କମିବା କଥା କିନ୍ତୁ କିଲୋ ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଛି।

# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ



ହାଟଡ଼ିହୀ,୨୫।୧୨(ସମିସ):ସଡ଼କ ଦୁର୍ଘଟଣାରେ ଗୁରୁତର ଜଣେ ଯୁବକଙ୍କ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ଜମ୍ବିରା ହାଇସ୍କୁଲର ଶିକ୍ଷକ ଅଜୟ ପଣ୍ଡାଙ୍କ ଏକମାତ୍ର ପୁତ୍ର ସ୍ନିଗ୍ଧରଞ୍ଜନ ପଣ୍ଡା। ସଡକ ଦୁର୍ଘଟଣାର ଶିକାର ହୋଇଥିବା ବରାଙ୍ଗ ଗାଁର ନବଘନଙ୍କ ଅବସ୍ଥା ମଧ୍ୟ ସଂକଟାପନ୍ନ ରହିଛି। ସୂଚନା ଅନୁସାରେ, ଗତ ୧୫ ତାରିଖ ରାତିରେ ହାଟଡ଼ିହୀ ବ୍ଲକ୍ ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ସ୍ନିଗ୍ଧ ଓ ନବଘନ ଏକ ବାଇକ୍ ଯୋଗେ ଛେନାପଦିରୁ ମରେଇଗାଁ ଅଭିମୁଖେ ଯାଉଥିବା ବେଳେ ସମ୍ମୁଖରୁ ଏକ କୁକୁଡ଼ା ବୋଝେଇ ପିକ୍‌ଅପ୍ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସ୍ନିଗ୍ଧଙ୍କ ମରଶରୀର ଜମ୍ବିରାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବିଭିନ୍ନ ସ୍ଥାନରେ ତୁଳସୀ ପୂଜନ ଦିବସ

କେନ୍ଦୁଝର/ଯୋଡ଼ା,୨୫।୧୨(ସମିସ): ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଜନ୍ମମାଟି କୁସୁମିତା ଗାଁରେ ତୁଳସୀ ପୂଜନ ଦିବସ ପାଳିତ ହୋଇଛି। ଗାଁର ସୁଲୋଚନା ପଧାନ, ସୁରୁଚୀ ନାଏକ, ଶାନ୍ତିଲତା ପଧାନ, ଐଶ୍ୱର୍ଯ୍ୟ ସେଠୀ, ଜାହାଜ ନାଏକ, ଲକ୍ଷ୍ମୀ ନାଏକ, ନନ୍ଦିନୀ ସେଠୀ, ଗାୟତ୍ରୀ ପଧାନ, ସୁନାମଣି ପଧାନ ଓ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଯୋଡା ଖଣି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶ୍ରୀଯୋଗ ବେଦାନ୍ତ ସେବା ସମିତି ଯୋଡ଼ା ଶାଖା ପକ୍ଷରୁ ତୁଳସୀ ପୂଜନ ଦିବସ ପାଳନ କରାଯାଉଛି। ଡିସେମ୍ବର ୨୫ ତାରିଖକୁ ତୁଳସୀ ପୂଜନ ଦିବସ ଭାବେ ୨୦୧୪ରୁ ଏହା ପାଳିତ ହୋଇଆସୁଥିଲା ବେଳେ ବିଦ୍ୟାଳୟଗୁଡ଼ିକରେ ଏନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଉଥିବା ସମିତି ସଭାପତି କହିଛନ୍ତି। ଏକ ସପ୍ତାହ ପୂର୍ବରୁ ବିଦ୍ୟାଳୟଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି। ଯୋଡା ବସ୍ତି ୟୁପି ସ୍କୁଲ, ତଲକ୍ ହାଟିଂ ୟୁପି ସ୍କୁଲ, ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ, ଯୋଡା ଇଷ୍ଟ୍ ପ୍ରାଇମେରୀ ଓ ଏମଇ ସ୍କୁଲ୍, ଜରୁଡ଼ିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଦି ବିଦ୍ୟାଳୟରେ ତୁଳସୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୁଳସୀର ସେବନ କରି ନିଜ ଜୀବନକୁ ସୁସ୍ଥ, ରୋଗମୁକ୍ତ ତଥା ସମୃଦ୍ଧିଶାଳୀ କରିବା ଉଚିତ୍ ବୋଲି ସମିତି ସମ୍ପାଦକ ରଶ୍ମିରଂଜନ



ସାହୁ ପ୍ରକାଶ କରିଥିଲେ। ସଭାପତି ପ୍ରକାଶ ମହାପାତ୍ର କହିଥିଲେ ଯେ ତୁଳସୀ ବୃକ୍ଷର ଶକ୍ତି ଦ୍ୱାରା ଏହାର ଚତୁର୍ଦ୍ଦିଗ ପ୍ରାୟ ୨୦୦ ମିଟର ପରିଧିରେ ବାୟୁ ସ୍ୱଚ୍ଛ ଓ ଶୁଦ୍ଧ ରହିଥାଏ। ଗ୍ରହଣ ସମୟରେ ଖାଦ୍ୟ ପଦାର୍ଥରେ ତୁଳସୀପତ୍ର ପକାଇଲେ ସୌରମଣ୍ଡଳର ବିନାଶକାରୀ ଓ ହାନିକାରକ କିରଣର ପ୍ରଭାବ ଖାଦ୍ୟ ଉପରେ ପଡ଼ିବାକୁ ଦିଏ ନାହିଁ।

● ଅସହାୟ ଅବସ୍ଥାରେ ବଲ୍ଲଭ ଗୁମାନ

# ନା ଅଛି ବାର୍ଦ୍ଧକ୍ୟ ଭତ୍ତା ନା ଘର ଓ ରାସନ୍

ଆନନ୍ଦପୁର, ୨୫।୧୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ବଡପଦନା ଗ୍ରାମର ବଲ୍ଲଭ ଗୁମାନ (୬୯)। ବୟସର ଅପରାହ୍ନରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ନା ମିଳୁଛି ରାସନ୍ ନା ମିଳୁଛି ବାର୍ଦ୍ଧକ୍ୟ ଭତ୍ତା ନା ଘର। ପର ଘର ବାରଣ୍ଡା ଓ ବଡପଦନା ଛକର କୌଣସି ଦୋକାନ ବାରଣ୍ଡାରେ ଶୀତକାକରରେ ଅସହାୟ ଅବସ୍ଥାରେ ପଡିରହିଛନ୍ତି। ପୂର୍ବରୁ ବଲ୍ଲଭ ଗୁମାନଙ୍କର ହସଖୁସିର ସଂସାରରେ ସ୍ତ୍ରୀ ଓ ଦୁଇ ପୁଅ ଥିବା ବେଳେ କାଳକ୍ରମେ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୁଇ ପୁଅ ନିଜ ସଂସାର ଚଳାଇବାକୁ ବାହାରେ ରହୁଛନ୍ତି। ଫଳରେ ଏକାକୀ ଏବେ ଅସହାୟ ଅବସ୍ଥାରେ ପଡିରହିଛନ୍ତି ବଲ୍ଲଭ ଗୁମାନ। ବଡପଦନା ଛକର କେହି ଦୋକାନୀ ଭାଇ ଯଦି ଖାଇବାକୁ ଦେଲେ ପେଟ ଭୋକ ମରୁଛି ନହେଲେ ଉପାସ ଭୋକରେ ନିଜ ଭାଗ୍ୟକୁ ଆଦରି ପଡ଼ି ରହୁଛନ୍ତି। ରାମଚନ୍ଦ୍ରପୁର ପଞ୍ଚାୟତର ଲୋକପ୍ରତିନିଧିଙ୍କ ଦୃଷ୍ଟିରେ ଆଜି ପର୍ଯ୍ୟନ୍ତ ବଲ୍ଲଭ ଗୁମାନ ହଜିଯାଇଛନ୍ତି ନା ଜାଣିଶୁଣି ହତାଦର କରାଯାଇଛି ସେନେଇ ପ୍ରଶ୍ନ ଉଠିଛି। ଅନେକ ଥର ଭତ୍ତା ପାଇଁ ପଞ୍ଚାୟତ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ କହିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ବଡପଦନା ଗ୍ରାମବାସୀ କେନ୍ଦୁଝର ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ଅସହାୟ ବଲ୍ଲଭ ଗୁମାନଙ୍କୁ ଭତ୍ତା, ରାସନ୍ କାର୍ଡ, ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ




ତୁରୁମୁଙ୍ଗା, ୨୫।୧୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱନକ୍ଷତ୍ର ଗଦଗଦିରେ ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ପ୍ରାନ୍ତ ଘୋଷ ସଂଯୋଜକ ଜିତୁରାମ ମହାନ୍ତ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ମଠ ମନ୍ଦିର ପ୍ରମୁଖ ଭରତଚନ୍ଦ୍ର ମହାନ୍ତ, ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୟୂରଭଞ୍ଜ ବିଭାଗ ସେବା ପ୍ରମୁଖ ଖଗେଶ୍ୱର ମହାନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ଡମ୍ବରୁଧର ମହାନ୍ତ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ମନବୋଧ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ୧୯୯୭ରୁ ଏପର୍ଯ୍ୟନ୍ତ ବିଦ୍ୟାଳୟର ଉନ୍ନତି ପାଇଁ ତନ ମନ ଧନ ଅର୍ପଣ କରିଥିବା ପୂର୍ବ ପରିଚାଳନା ସମିତିର ସଦସ୍ୟ ଓ ବର୍ତ୍ତମାନ ପରିଚାଳନା ସମିତିର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ବୃତ୍ତିପ୍ରାପ୍ତ ଛାତ୍ରଛାତ୍ରୀ ତଥା କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ଏବଂ ବାର୍ଷିକ ପରୀକ୍ଷାରେ ପ୍ରତି ଶ୍ରେଣୀର ସର୍ବୋଚ୍ଚ ଅଙ୍କ ପ୍ରାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅରୁଣ ଶ୍ରେଣୀଠାରୁ ଦଶମ ଶ୍ରେଣୀ ଯାଏ ୬୨୫ ଜଣ ଶିଶୁ ନୃତ୍ୟ, ଗୀତ, ଅଭିନୟ, ଶାରୀରିକ, ଯୋଗାସନ ଆଦିରେ ଅଂଶଗ୍ରହଣ କରିଥିଲେ।

# ଅମୂଲ୍ୟ ନାଏକଙ୍କ ପରଲୋକ



କେନ୍ଦୁଝର, ୨୫।୧୨(ସମିସ): ପାଟଣା ବ୍ଲକ ବାଉଁଶୁଳୀ ପଞ୍ଚାୟତ ଭଅଁରପୁର ଗ୍ରାମର ଧର୍ମପରାୟଣା ମହିଳା ଅମୂଲ୍ୟ ନାଏକଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ଧର୍ମପରାୟଣା ଓ ସ୍ନେହୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଗୋବର୍ଦ୍ଧନ ନାଏକ, ବଡ଼ଝିଅ ଚନ୍ଦ୍ରିକା ନାଏକ, ଏକମାତ୍ର ପୁତ୍ର ବାବୁଲା ନାଏକ, ବୋହୂ ସ୍ନେହଲତା ନାୟକ, ସାନଝିଅ ଦିବ୍ୟଭାରତୀ ନାଏକ, ଜାମାତା, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଖବର ପାଇ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତରତରା ଆନ୍ତରାଜ୍ୟ ଫୁଟ୍‌ବଲ: ଫାଇନାଲରେ ଢେଙ୍କାନାଳ

ଆନନ୍ଦପୁର, ୨୫।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ଚାଲିଥିବା ୨୬ତମ ମା'ତାରିଣୀ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଫ୍ରେଣ୍ଡ୍ସ ପାରଡ଼ାଇଜ ଜଟଣୀ ଭେଟିଥିଲା ପପୁଲାର କ୍ଲବ ଢେଙ୍କାନାଳକୁ। ଖେଳର ପ୍ରଥମାର୍ଦ୍ଧରେ ଜଟଣୀ ଢେଙ୍କାନାଳକୁ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ଗୋଲକୁ ଶୁଝାଇଦେଇଥିଲା। ପେନାଲ୍‌ଟି କିକ୍‌ରେ ପପୁଲାର ଢେଙ୍କାନାଳ ୩-୦ ଗୋଲରେ ପାରାଡ଼ାଇଜ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରେଫରୀ ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମନ୍ଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।



# ଜାତୀୟ ତୀରନ୍ଦାଜୀରେ କେନ୍ଦୁଝରର ସୁନିତା ଓ ସାବିତ୍ରୀଙ୍କ କମାଲ୍

କେନ୍ଦୁଝର, ୨୫।୧୨(ସମିସ):

ଛତିଶଗଡ଼ର ରାଏପୁରଠାରେ ସଦ୍ୟସମାପ୍ତ ଏନଟିପିସି ଜାତୀୟ ଜୁନିଅର ତୀରନ୍ଦାଜ ପ୍ରତିଯୋଗିତାର ୪୫ତମ ସଂସ୍କରଣରେ କେନ୍ଦୁଝର କ୍ରୀଡ଼ା ଛାତ୍ରାବାସର ଝିଅ ସୁନିତା ନାଏକ ଓ ସାବିତ୍ରୀ ପାତ୍ର ରିଜର୍ଭ ରାଉଣ୍ଡ ଟିମ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିବା ସହ ସମଗ୍ର ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ବୃଦ୍ଧି କରିଛନ୍ତି। ଓଡ଼ିଶା ଟାଟା ତୀରନ୍ଦାଜ ଏକାଡେମୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ଦୁଇ କାଡେଟ ସୁନିତା ଓ ସାବିତ୍ରୀ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରହି ନିଜର ଅଭ୍ୟାସ ଜାରି ରଖିଥିଲେ। ଡିସେମ୍ବର ୨୨ରୁ ୩୦ ଚାଲିଥିବା ଏହି ପ୍ରତିଯୋଗିତାରେ ସେମାନେ ଏହି ସଫଳତା ହାସଲ କରିଛନ୍ତି। ଏହି ଦଳରେ କିଟସ ଭୁବନେଶ୍ୱରରୁ ମାନସ୍ୱରୀ ହାଁସଦା ଓ ସୁନ୍ଦରଗଡ଼ରୁ ମମିତା ଓରାମ ମଧ୍ୟ ଓଡ଼ିଶା ଦଳକୁ ପ୍ରତିନିଧିତ୍ୱ କରିଥିଲେ। କାଂସ୍ୟ ପଦକ ହାସଲ କରିବା ପାଇଁ ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଦଳକୁ ପରାଜିତ କରିଥିଲା। ଏହି ଉପଲବ୍ଧି ଉପଲକ୍ଷେ ଟାଟା ଷ୍ଟିଲ୍‌ର ସ୍ପୋର୍ଟସ୍ ଚିଫ୍ ମୁକୁଳ ବିନାୟକ ଚୌଧୁରୀ, ଟାଟା ଷ୍ଟିଲ୍ ସ୍ପୋର୍ଟସ୍ ହେଡ୍ ହେମନ୍ତ ଗୁପ୍ତା, ଟାଟା ଷ୍ଟିଲ୍ ସ୍ପୋର୍ଟସ୍ ବିଭାଗର ଆକାଶ, ଓଡ଼ିଶା ଟାଟା ଆର୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ହେଡ୍ କୋଚ୍ ବିକାଶ ଉପାଧ୍ୟାୟ, ଓଡ଼ିଶା ଆର୍ଚେରୀ ସଂଘର ସଚିବ ସମ୍ପୂର୍ଣ୍ଣାନନ୍ଦ ଦାସ, ଓଡ଼ିଶା କ୍ରୀଡ଼ା ବିଭାଗର ସମସ୍ତ କର୍ମକର୍ତ୍ତା, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ତଥା ଆସୋସିଏସନ୍‌ର ସମସ୍ତ ସଦସ୍ୟ, ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସର ସମସ୍ତ କର୍ମଚାରୀ, ଓଡ଼ିଶା ଟାଟା ଆର୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ଏବଂ କର୍ମକର୍ତ୍ତାମାନେ ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସୁନିତା ଏବଂ ସାବିତ୍ରୀ କେନ୍ଦୁଝରରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ କୋଷାଧ୍ୟକ୍ଷ ସରୋଜ ରଣା ଓ କାଉନସିଲ ସଦସ୍ୟ ଗିରିଶଚନ୍ଦ୍ର ହୋତା ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଆଭାସୀ ମାଧ୍ୟମରେ ସେମାନଙ୍କୁ ପୁରୀରୁ ଶୁଭ କାମନା କରିଥିଲେ।



# ବିଶ୍ୱ ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ତୁରୁମୁଙ୍ଗା, ୨୫।୧୨(ସମିସ): ପାଟଣା ବ୍ଲକ ଖିରେଇଟାଙ୍ଗିରିସ୍ଥିତ ବିଶ୍ୱ ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'କଳିକା-୨୦୨୫' ଅନୁଷ୍ଠିତ ହୋଇଯାଇଛି। ୧୫୦ ବର୍ଷ ପୂର୍ତ୍ତି ଅବସରରେ ବନ୍ଦେ ମାତରମ ଗାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, କ୍ରୀଡ଼ା ଶିକ୍ଷକ ଗଙ୍ଗାଧର ମହାନ୍ତ, ସାମାଜିକ କର୍ମୀ କମଳ ଲୋଚନ ମହାନ୍ତ, ଗଣେଶ୍ୱର ନାୟକ, ସୁନୀଲ ମହାନ୍ତ, ପ୍ରହଲ୍ଲାଦ ମହାନ୍ତ, ପ୍ରଶାନ୍ତ ମହାନ୍ତ, ବିଜୟ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁନିତା ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ରବିନାରାୟଣ ମହାନ୍ତ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବିଶ୍ୱବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ବିଳମ୍ବତାକୁ ନେଇ ତେଜୁଛି ଅସନ୍ତୋଷ

ବାରିପଦା,୨୫।୧୨(ସମିସ)

ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୨ଜଣ ଅଧ୍ୟାପକଙ୍କ ଦ୍ୱାରା ପୃଥକ୍ ଘଟଣାରେ ୪ଜଣ ଛାତ୍ରୀ ନିର୍ଯାତନା ଘଟଣା ଅନୁଷ୍ଠାନର ମାନସମ୍ମାନ ପ୍ରତି କ୍ଷତି ପହଞ୍ଚାଇଛି। ଅଭିଯୋଗର ସତ୍ୟାସତ୍ୟ ଥିବା ନେଇ ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି (ଆଇସିସି) ରିପୋର୍ଟ ଦେବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରିଚାଲିଛନ୍ତି। ଏପରିକି ମାମଲାକୁ ରଫାଦଫା କରିବା ପାଇଁ ଅପଚେଷ୍ଟା କରାଯାଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଦୋଷୀ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଅଣରାଜନୈତିକ ଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କଡ଼ା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ୩ ମାସ ପୂର୍ବରୁ ଜଣେ ଅତିଥି ଅଧ୍ୟାପିକା ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟଙ୍କ ଅଧୀନରେ ପିଏଚ୍‌ଡି କରୁଛନ୍ତି। ଅଧ୍ୟାପକଙ୍କ ଅଶାଳୀନ

## ଆଇସିସିର ରିପୋର୍ଟ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍

ଆଚରଣ ଓ ଉଚ୍ଚାରଣକୁ ନେଇ ଅତିଥି ଅଧ୍ୟାପିକା ଜଣକ ଅକ୍ଟୋବର ୨୫ ତାରିଖରେ ଆଇସିସି ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କମିଟି ପକ୍ଷରୁ ସମସ୍ତ ତଥ୍ୟ ପ୍ରମାଣକୁ ନେଇ ଏକ ମାସ ପୂର୍ବରୁ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟରେ ସତ୍ୟାସତ୍ୟ ଥିବା ସତ୍ତ୍ୱେ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଛାତ୍ରୀ ନିର୍ଯାତନା ଭଳି ସମ୍ବେଦନଶୀଳ ଘଟଣାକୁ ଏଡ଼ାଇବା ପାଇଁ ପ୍ରୟାସ କରାଯାଉଛି ବୋଲି ଭଞ୍ଜସେନା ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ଓଡ଼ିଆ ବିଭାଗରେ ପିଜି କରୁଥିବା ୩ଜଣ ଛାତ୍ରୀଙ୍କୁ ବିଭାଗୀୟ ସହକାରୀ ପ୍ରାଧ୍ୟାପକ ନିର୍ଯାତନା ଦେଇଥିବା ନେଇ ଡିସେମ୍ବର ୧ତାରିଖରେ ଆଇସିସି ନିକଟରେ ଅଭିଯୋଗ ହୋଇଛି। ଅଧ୍ୟାପକ ଜଣକ ଛାତ୍ରୀମାନଙ୍କୁ ନିର୍ଯାତନା ଦେଉଥିବା ନେଇ ମୁହଁ ଖୋଲିଛନ୍ତି। ଯାହାକୁ ନେଇ କମିଟିରେ ମାମଲା ବିଚାରାଧୀନ ରହିଥିବା ଜଣାପଡ଼ିଛି। ଏ ନେଇ କମିଟିର ଅଧ୍ୟକ୍ଷା ପ୍ରଫେସର ସଙ୍ଘମିତ୍ରା ସାହୁ କୁହନ୍ତି, ସଂସ୍କୃତ ବିଭାଗର ଅଭିଯୋଗ ହେବା ପରେ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତିକରି ସମୟ ଅବଧି ପୂର୍ବରୁ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଅନ୍ୟ ମାମଲା ବିଚାରାଧୀନ ରହିଛି। କୁଳସଚିବ ସୁମିତା ସିଂ କୁହନ୍ତି, ରିପୋର୍ଟକୁ ନେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଘଟଣାକୁ ନେଇ ଖବର ପ୍ରକାଶିତ ହେବା ପୂର୍ବରୁ କୁଳସଚିବ ୨/୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ମାତ୍ର ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଭିଯୋଗକାରିଣୀ ଛାତ୍ରୀଙ୍କ ପରିବାର ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯାତନା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ କର୍ତ୍ତୃପକ୍ଷଙ୍କ ଏଭଳି ଟାଳଟୁଳ ନୀତି ଯୋଗୁଁ ଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାଦାନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ; ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ରାଇରଙ୍ଗପୁର,୨୫।୧୨(ସମିସ): ରାଇରଙ୍ଗପୁର ଟାଉନ୍ ଥାନା ଅଞ୍ଚଳରେ ୩ଟି ଗ୍ରାମର ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ନେଇ ଗ୍ରାମବାସୀମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଆଦିବାସୀ ମହିଳାଙ୍କୁ ସ୍ଥାନୀୟ ଗ୍ରାମର କିଛି ଅଜଣା ବ୍ୟକ୍ତି ଅଶ୍ଳୀଳ ଇଙ୍ଗିତ କରୁଥିବାର ଅଭିଯୋଗ କରିଛନ୍ତି। ଭାଲୁବସା ନେଉତି ଓ ବଡ଼ାମୋରା ଗ୍ରାମରେ ଏହିପରି ଘଟଣା ଘଟୁଛି। ନଦୀରେ ଗାଧୋଇବା ସମୟରେ ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଏହାସହିତ ବାଇପାସ୍ ରାସ୍ତାରେ ଗ୍ରାମର ଜନୈକା ମହିଳା ଘରକୁ ଫେରୁଥିବାବେଳେ ଅସଦାଚରଣର ଶିକାର ହୋଇଛନ୍ତି। ଏହାସହିତ ଗ୍ରାମାଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ଜାରି ରହୁଛି। ତେଣୁ ଗ୍ରାମାଞ୍ଚଳରେ ପୁଲିସ ସୁରକ୍ଷା ପାଇଁ ଦାବିକରିଛନ୍ତି। ବିଜେପି ରାଜ୍ୟ ସମ୍ପାଦକଙ୍କ ରାମଚନ୍ଦ୍ର ହାଁସଦାଙ୍କ ସମେତ ଅନ୍ୟମାନେ ଥାନାରେ ପହଞ୍ଚି ଘଟଣା ବାବଦରେ ଗ୍ରାମବାସୀ ଓ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗକ୍ରମେ ତଦନ୍ତ କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ପୁଲିସ ପୋଷାକ ପିନ୍ଧି ବୁଲୁଥିଲେ ମାନସିକ ବିକାରଗ୍ରସ୍ତ

- ମିଛ ପୁଲିସ ଭାବି ସତ ପୁଲିସର ଜିମା ଦେଲେ ଲୋକେ
- ଘଟଣା ବାବଦରେ ଜାଣି ଘରକୁ ପଠାଇଲା ପୁଲିସ

ରାଇରଙ୍ଗପୁର,୨୫।୧୨(ସମିସ): ରାଇରଙ୍ଗପୁର ସହରରେ ପୁଲିସ ପୋଷାକ ପିନ୍ଧି ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ବୁଲୁଥିବାବେଳେ ଲୋକେ ତାଙ୍କୁ ମିଛ ପୁଲିସ ଭାବି ସତ ପୁଲିସ ଜିମା ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ରାଇରଙ୍ଗପୁର ଦୈନିକ ବଜାର ଅଞ୍ଚଳରେ ଜଣେ ବ୍ୟକ୍ତି ପୁଲିସ ପୋଷାକ ପିନ୍ଧି ବୁଲୁଥିଲେ। ତେବେ ତାଙ୍କ ଠାଣିରୁ ସେ ଜଣେ ମିଛ ପୁଲିସ ବୋଲି ଜଣାପଡୁଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ତୁରନ୍ତ ରାଇରଙ୍ଗପୁର ଟାଉନ ଥାନା ପୁଲିସକୁ ଖବର ଦେବା ସହ ପୁଲିସ ପାଖରେ ଜିମା ଦେଇଥିଲେ। ପୁଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ତେବେ ସେ ଜଣେ ମାନସିକ ବିକାରଗ୍ରସ୍ତ ଏବଂ ତାଙ୍କ ନାମ ପୂର୍ଣ୍ଣଚନ୍ଦ୍ର ମହାନ୍ତ ହୋଇଥିବାବେଳେ ଘର କୁଳିଅଣା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଥିଲା। ସେ ପୂର୍ବରୁ ଏକ ପୁଲିସ ପୋଷାକ ପାଇଥିବାବେଳେ ତାହାକୁ ନିଜ ପାଖରେ ରଖିଥିଲେ। ତେବେ ତାଙ୍କ ବନ୍ଧୁଙ୍କ ସହ ପୁରୀ ବୁଲିବାକୁ ଯାଇଥିଲେ। ସେଠାରୁ ଟ୍ରେନ୍‌ରେ ଫେରି ବାଙ୍ଗିରିପୋଷିରେ ଓହ୍ଲାଇବା ପରେ ରାଇରଙ୍ଗପୁର ପଳେଇ ଆସିଥିଲେ। ସାଙ୍ଗଙ୍କୁ ରାଇରଙ୍ଗପୁରସ୍ଥିତ ଘରେ ଛାଡ଼ି ଫେରିବାବେଳେ ବ୍ୟାଗ୍‌ରେ ଥିବା ଉକ୍ତ ପୁଲିସ ପୋଷାକ ପିନ୍ଧିଦେଇଥିଲେ। ଉକ୍ତ ପୋଷାକ ପିନ୍ଧି ସେ ବୁଲୁଥିବାରୁ ସ୍ଥାନୀୟ ଲୋକମାନେ ଦେଖି ସନ୍ଦେହ ଜାତ ହୋଇଥିଲା। ଯାହାକୁ ନେଇ ପୁଲିସକୁ



ଖବର ଦିଆଯାଇଥିଲା। ପୁଲିସ ତଦନ୍ତ କରି ତାଙ୍କ ଘର ଠିକଣା ବାହାର କରିଥିଲେ। ସେ ମାନସିକ ବିକାରଗ୍ରସ୍ତ ବୋଲି ପୁଲିସ ଜାଣିବା ପରେ ବସ୍ ଯୋଗେ ତାଙ୍କ ଠିକଣାସ୍ଥଳକୁ ପଠାଇବାର ବ୍ୟବସ୍ଥା କରିଥିଲେ। ତେବେ ରାଇରଙ୍ଗପୁର ସହରରେ ମିଛ ପୁଲିସ ବୁଲୁଥିବା ନେଇ ଦିନତମାମ ଚର୍ଚ୍ଚା ଜୋର୍ ଧରିଥିଲା। ଯାହାର କି ରାଇରଙ୍ଗପୁର ଟାଉନ ଥାନା ପୁଲିସ ଯବନିକା ପକାଇଥିଲା।

## ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍
## କାର୍ ସହ ୪୧ ବାଇକ୍ ଜବତ; ୫ କୋର୍ଟ ଚାଲାଣ

ବାରିପଦା,୨୫।୧୨(ସମିସ): ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଚୋରା ଗାଡ଼ିର ପାର୍ଟ୍ସ ସମ୍ବନ୍ଧରେ ଖୋଳତାଡ଼ କରୁ କରୁ ଏକ ବାଇକ୍ ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ କରିଛି ମୟୂରଭଞ୍ଜ ପୁଲିସ। ବାରିପଦା ରଙ୍ଗାମାଟିଆରେ ଭଡ଼ା ଘର ନେଇ ଏକ ବାଇକ୍ ଚୋରି ଗ୍ୟାଙ୍ଗ୍ ଚଳାଉଥିବା ମୁଖ୍ୟ କାର୍ପଟ୍‌ଦାରକୁ ଧରିଛି ପୁଲିସ। ବାରିପଦା ସଦର ଥାନା ପୁଲିସ ପଞ୍ଝାରେ ପଡ଼ିଛନ୍ତି



ବଡ଼ସାହିର ରୋହିଦାସ ସିଂ ଓରଫ ହାବଲା(୨୩) ଓ ଗୋବିନ୍ଦ ଚନ୍ଦ୍ର ସିଂ ଓରଫ ବାପି(୨୫)ଙ୍କ ସହ ୫ ଜଣିଆ ବାଇକ୍ ଚୋରି ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସେମାନଙ୍କ ନିକଟରୁ ୪୧ଟି ବାଇକ୍, ଗୋଟିଏ କାର୍ ଜବତ ହୋଇଥିବାବେଳେ ଆନ୍ତଃରାଜ୍ୟ ମାଫିଆଙ୍କ ସହ ଲିଙ୍କ୍ ରହିଥିବା ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ସଦର ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ରଙ୍ଗାମାଟିଆ ଗାଁ ନିକଟରେ ଥିବା ଏକ ଭଡ଼ା ଘରୁ ବାଇକ୍‌ର ପାର୍ଟ୍ସ ମିଳୁଥିବା ନେଇ ଖବର ପାଇଥିଲେ। ସେଠାରୁ ଖୋଳତାଡ଼ କରିବା ପରେ ଚୋରା ବାଇକ୍‌ର ମୁଖ୍ୟ କାର୍ପଟ୍‌ଦାର ହାବଲାକୁ ଉଠାଇ ଆଣି ଅଂଶ ମିଳିଥିଲା। ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ବାଉଁଶକଣ୍ଟିଆ ଗାଁର ଶିବାଜୀ ବାଗଲ ଓରଫ ଶିବା (୨୩), ଶୁଳିଆପାଦା ଥାନାର ବଡଡା ଗାଁର ବାସୁଦେବ ହାତୀ ଓରଫ ବବଲୁ (୩୩) ଓ ବଡ଼ସାହି ଥାନା ମାଧପୁର ଗାଁର ଭୀମେଶ୍ୱର ସିଂ ଓରଫ ପେଣ୍ଟା(୩୩)। ସେମାନେ ବାରିପଦା ସଦର, ଖୁଣ୍ଟା ଓ ଶୁଳିଆପଦା ଅଞ୍ଚଳରେ ମଧ୍ୟ ଚୋରି କରୁଥିବାର ଅଭିଯୋଗ ମିଳିଛି। ଏହାସହ ଆନ୍ତଃରାଜ୍ୟ ବାଇକ୍ ଚୋରିକୁ ନେଇ ମଧ୍ୟ ତଦନ୍ତ କରୁଛୁ। ତେବେ ଏହି ଘଟଣାରେ ଗୋବିନ୍ଦ ଚନ୍ଦ୍ର ସିଂହ ଓରଫ ବାପି ଓ ରୋହିଦାସ ସିଂହ ଓରଫ ହବଲାଙ୍କୁ ପ୍ରଥମେ ଧରାଯାଇଥିଲା। ପଚରାଉଚରା ବେଳେ ସେମାନେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରି ଆଣି ରଙ୍ଗାମାଟିଆ ଅଞ୍ଚଳରେ ଏକ ଭଡ଼ାଘରେ ରଖୁଥିଲେ। ସେଠାରୁ ଜିଲ୍ଲାର ଅନ୍ୟ ସ୍ଥାନକୁ ନେଇ ବିକ୍ରି କରୁଥିବାବେଳେ ଆର୍‌ଟିଓ କାର୍ଯ୍ୟାଳୟରେ ନାମ ପରିବର୍ତ୍ତନ କରିବାକୁ ଏକ ରାକେଟ୍ ରହିଥିବା ପୁଲିସ ଜାଣିବାକୁ ପାଇଛି। ପୁଲିସ ଗୋଟିଏ କାର୍, ୪୧ଟି ବାଇକ୍, ବାଇକ୍‌ର କିଛି ଅଂଶ, ଟାୟାର, ଏକାଧିକ ନକଲି ନମ୍ବର ପ୍ଲେଟ୍, ଚୋରିରେ ବ୍ୟବହୃତ କଟର, ସ୍କ୍ରୁ ଡାଇଭର, ଏଲ୍‌ଏନ୍ କି ଓ ୬ଟି ମୋବାଇଲ୍ ଫୋନ୍ ଜବତ କରିଥିବାବେଳେ କିଏ ଆର୍‌ଟିଓ ଅଫିସରେ ତାଙ୍କୁ ସହଯୋଗ କରୁଥିଲା ତାହାର ଯାଞ୍ଚ ଚାଲିଛି ବୋଲି ଏସ୍‌ପି କହିଛନ୍ତି। ଏହି ମାମଲା ବାରିପଦା ସଦର ଥାନାରେ ରୁଜୁ ହୋଇଥିବାବେଳେ ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ତଦନ୍ତ କରୁଛନ୍ତି।

## ବାରିପଦାରେ ତୁଳସୀ ପୂଜନ ଦିବସ

ବାରିପଦା,୨୫।୧୨(ସମିସ): ମୟୂରଭଞ୍ଜ 'ଶ୍ରୀରାମ ନବମୀ ମହୋତ୍ସବ ସମିତି' ପକ୍ଷରୁ ପବିତ୍ର 'ତୁଳସୀ ପୂଜନ ଦିବସ' ପାଳିତ ହୋଇଯାଇଛି। ଏ ଦୃଷ୍ଟିରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ତୁଳସୀ ଚଉରା ନିକଟରେ ଏକ ସ୍ୱତନ୍ତ୍ର ଭବ୍ୟ 'ତୁଳସୀ ପୂଜନ ଉତ୍ସବ' ଆୟୋଜିତ ହୋଇଯାଇଛି। ମନ୍ଦିର ପରିସରରେ ସକାଳୁ ମହୋତ୍ସବ ସମିତିର ମହିଳା କର୍ମକର୍ତ୍ତାମାନେ ପହଞ୍ଚି ତୁଳସୀ ମାତାଙ୍କୁ ସ୍ନାନ, ନବବସ୍ତ୍ର ପରିଧାନ ପୂର୍ବକ ତାଙ୍କ ଚାରି ପାଖକୁ ଚନ୍ଦନ, ରଙ୍ଗୋଲି, ବିବିଧ ପୁଷ୍ପ ଇତ୍ୟାଦିରେ ସଜାଇଥିଲେ। ତତ୍ପରେ ତୁଳସୀଙ୍କ ପାଇଁ ସଂକୀର୍ତ୍ତନ, ପୂଜାର୍ଚ୍ଚନା, ଆରତୀ ଓ ପରିକ୍ରମା ପ୍ରଭୃତି ଧାର୍ମିକ ବିଧିବିଧାନ କରାଯାଇଥିଲା। ଏହାପରେ ମହୋତ୍ସବ ସମିତି ସଂଯୋଜକ କବି ବିଷ୍ଣୁ ଶତପଥୀଙ୍କ ପୌରୋହିତ୍ୟରେ ସେଠାରେ 'ତୁଳସୀ ମାତାଙ୍କ ମହତ୍ତ୍ୱ ଓ ମହନୀୟତା' ଶୀର୍ଷକ ଏକ ଗୁରୁଗମ୍ଭୀର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ଦମୟନ୍ତୀ



ବେଶ୍ରା ମୁଖ୍ୟଅତିଥି ଭାବେ ଉଦ୍‌ବୋଧନ ଦେଇଥିବାବେଳେ ଶିକ୍ଷାବିତ୍ ସରୋଜ ଖୁଣ୍ଟିଆ, ଅଶ୍ୱିନୀ ପାତ୍ର, ଅରବିନ୍ଦ ଜ୍ୟୋତିଶୀ, ସୁମନ ସିଂ, ଶୋଭାବତୀ ଓଡା, ହିରଣ୍ମୟୀ ଶତପଥୀ, ଦିବାକର ତ୍ରିପାଠୀ, ତୁଷାର ମହାନ୍ତ, ପ୍ରଶାନ୍ତ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରେମଚାନ୍ଦ ମୁଦି, ବିଶ୍ୱଜିତ୍ ରଣା, ଜ୍ଞାନରଞ୍ଜନ ଜେନା, ସଞ୍ଜୟ ରାମ, ଅମିତ୍ ନାୟକ, ନଳିନୀ ମହାପାତ୍ର, ରଞ୍ଜନ ନାଏକ, ନରୋତ୍ତମ ପାଣିଗ୍ରାହୀ, ବିଜୟ ଦାସ, ରସିକାନନ୍ଦ ମିଶ୍ର, ଅବିନାଶ ମୁଖୀ, ତରୁଣ ପାଲବାବୁ, ଶମ୍ଭୁନାଥ ସାହୁ, କୃଷ୍ଣା ରାମ, ଶୁଭମ୍ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ମଞ୍ଜୁ ଖଣ୍ଡେଲୱାଲ, ଶିଖା ରାମ, ତପସ୍ୱିନୀ କବି, ଦୀପାଳି ନାଏକ, ସ୍ୱୀକୃତି ଶତପଥୀ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା, କଲେଜ ଛାତ୍ରୀ ଉତ୍ସବ ସ୍ଥଳରେ ଆସି ସାଜସଜ୍ଜା କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍, ବିଶ୍ୱ ହିନ୍ଦୁ ପରିଷଦ ସମେତ ବିବିଧ ଧାର୍ମିକ ସଂଗଠନର ସଦସ୍ୟ ଭାଗ ନେଇଥିବା ମଧ୍ୟ ଦେଖାଯାଇଥିଲା।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ

କେନ୍ଦୁଝର, ୨୫।୧୨(ସମିସ): ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦରବାର ହଲଠାରେ କେନ୍ଦୁଝର ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, କାବ୍ୟାଞ୍ଜଳି କାର୍ଯ୍ୟକାରୀ ସମିତିର ଉପଦେଷ୍ଟା ରାଧାକାନ୍ତ ମହାନ୍ତ, ଅଶ୍ୱିନୀ ପଟ୍ଟନାୟକ, ଅବାହକ ଭାବଗ୍ରାହୀ ମହାନ୍ତ ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ। ଜଣେ ଉଦାରବାଦୀ ରାଜନୀତିଜ୍ଞ ବ୍ୟତୀତ ସମାଜସେବୀ, ଲେଖକ, ପତ୍ରକାର ଭାବରେ ତାଙ୍କ ନୀତି ଆଦର୍ଶକୁ ସ୍ମରଣ କରାଯାଇଥିଲା। ସକାଳେ ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିଲା। ବିଧାୟକ ଅଖିଳଚନ୍ଦ୍ର ନାଏକ, ଛାତ୍ରଛାତ୍ରୀ, ଜନସାଧାରଣ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କାବ୍ୟାଞ୍ଜଳି ସମିତିର ମିଳିତ ସହଯୋଗରେ ସହସ୍ରାଧିକ କବିଙ୍କୁ ନେଇ ସ୍ୱର୍ଗତ ଅଟଳଜୀ, ସୁଶାସନ ଏବଂ ଜାତୀୟତାବୋଧ ପ୍ରସଙ୍ଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାବ୍ୟାଞ୍ଜଳି କାର୍ଯ୍ୟକାରୀ ସମିତି ପକ୍ଷରୁ ରାଧାକାନ୍ତ ମହାନ୍ତ, ଭାବଗ୍ରାହୀ ମହାନ୍ତ ପରିଚାଳନା କରିଥିଲେ। କବି ଓ କବୟିତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ବଡ଼ଦାଣ୍ଡସ୍ଥିତ ଆନନ୍ଦ ଭବନଠାରେ ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ





ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାରେ ଜନସଂଘ ଓ ବିଜେପିର ପ୍ରତିଷ୍ଠାତା ସଭାପତି କ୍ଷୀରୋଦ ପ୍ରସାଦ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ବଜ୍ରବନ୍ଧୁ ସାହୁ, ବରିଷ୍ଠ ବିଜେପି ନେତା ଭଗବାନ ସାହୁ, ଅନନ୍ତ ଦାସ ଓ ମଥୁରା ସାହୁଙ୍କୁ ଅଟଳଜୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ଓକିଲ ସଂଘ ସଭାପତି ଦୟାନିଧି ଦାଶ, ଦେବରଞ୍ଜନ ସାହୁ, ବିନୋଦ ମିଶ୍ର, ବିନୋଦ ଦାସ, ଗୋଲକ ବିହାରୀ ଜେନା, ରାଧେଶ୍ୟାମ ରଣା, ନାରାୟଣ ବାରିକ, ଝାନସୀରାଣୀ ଦାସ, ସୁମତୀ ଯେନା, ସୁକାନ୍ତି ସାହୁ, ରଶ୍ମିତା ଧଡା, ବନମାଳି ସେଠୀ, ସରୋଜ ସାହୁ, ଶ୍ରୀଧର ସାହୁ, ଶ୍ରୀଧର ମହାରଣା, କୋଦାର ସାମଲ, ଟୁକୁନୁ ହେତା, କମଳାକାନ୍ତ ଦାସ, ଭାଗୀରଥି ଦାସ, ରାମ ଜେନା, ରଘୁନାଥ ପଣ୍ଡିତ, ପ୍ରାଣବନ୍ଧୁ ସାହୁ, ଜିତେନ୍ଦ୍ର ଦାସ, ବିରଞ୍ଚି ନାରାୟଣ ପାତ୍ର, ରବିନ୍ଦ୍ର ସାହୁଙ୍କ ପ୍ରମୁଖ ଯୋଗଦାନ କରିଥିଲେ।

ଦେଓଗାଁ ମଣ୍ଡଳ ବିଜେପି ପକ୍ଷରୁ ଆୟୋଜିତ ଭବ୍ୟ ସାରସ୍ୱତ ସମାରୋହରେ ମଣ୍ଡଳ ସଭାପତି ବାଇଧର ଚିହ୍ନା ମୁଖ୍ୟଅତିଥି ଭାବେ ଅଟଳଜୀଙ୍କୁ ଭାରତୀୟ ରାଜନୀତିର ଧ୍ରୁବତାରା ବୋଲି ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମଣ୍ଡଳ ସଭାପତି ରଞ୍ଜନ ପାତ୍ର ଏବଂ ମଣ୍ଡଳ ପ୍ରତିନିଧି ଆକାଶ ସାହୁଙ୍କ ସହ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରମୋଦ ପରିଡା ଓ ବୀରଗୋବିନ୍ଦପୁର ପଞ୍ଚାୟତ ପ୍ରମୁଖ ବେଣୁଧର ମାଝୀ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ବିଜେପି ନେତା କରୁଣା ଜେନା, ମାନସ ଆଚାର୍ଯ୍ୟା ସୁଦର୍ଶନ ମାଝୀ, ଲିଟୁ ସାହୁ ଏବଂ ଅଶୋକ ସାହୁ ସହଯୋଗ କରିଥିଲେ। ଏହି ଉତ୍ସବରେ ଦେଓଗାଁ ମଣ୍ଡଳର ବିଭିନ୍ନ ପଞ୍ଚାୟତରୁ ୨୦୦ରୁ ଅଧିକ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ଦେଶ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଶପଥପାଠ କରାଯାଇଥିଲା।

ସେହିପରି ରାମଚନ୍ଦ୍ରପୁର ମଣ୍ଡଳ ପକ୍ଷରୁ ନୂଆଗାଁଠାରେ ମଣ୍ଡଳ ସଭାପତି ଅଜୟ ବାରିକଙ୍କ ସଭାପତିତ୍ୱରେ ସୁଶାସନ ଦିବସ ପାଳନ ଅବସରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର ସ୍ୱର୍ଗତ ବାଜପେୟୀଙ୍କ ନିରନ୍ତର ଦେଶସେବାରେ ଓ ସମର୍ପିତ ବ୍ୟକ୍ତିତ୍ୱକୁ ଅନୁସରଣ କରିବା ପାଇଁ ସଙ୍କଳ୍ପ ନେବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ମଣ୍ଡଳ ସାଧାରଣ ସଂପାଦକ ଅନନ୍ତ ଜେନା, ଯୁବମୋର୍ଚ୍ଚା ସଭାପତି ଚିନ୍ମୟ ସା, ମହେଶ୍ୱର ନାୟକ, ମଳୟ ପଣ୍ଡା, ଯୁବନେତା ଗଦାଧର ଜେନା, ସୁମନ୍ତ ତ୍ରିପାଠୀ, ସାଧାରଣ ସଂପାଦକ ମାନସ ସାହୁ, ରମାକାନ୍ତ ମାଝୀ, ହିମାଂଶୁ ପୁହାଣ ଚତୁର୍ଭୁଜ ମୁର୍ମୁ, ବିଶିକେଶନ ଜେନା, ପୂର୍ବତନ ସରପଞ୍ଚ ରଘୁନାଥ ଜେନା, ସୁରଥ ନାଥ ସା, ନବଘନ ସାହୁ, ଅଭୀନ ରାଉତ, ଦଇତାରୀ ସାହୁ, ଶ୍ରୀଧର ମହାନ୍ତ, ଦିଲ୍ଲୀପ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କଳାବାଡ଼ିଆ,୨୫।୧୨(ସମିସ): ବାଙ୍ଗିରିପୋଷି ଥାନା କଳାବାଡ଼ିଆ ପଞ୍ଚାୟତ ଜଗନ୍ନାଥ ଖୁଣ୍ଟା ହାଇସ୍କୁଲ ସମ୍ମୁଖ ୧୮ ନମ୍ବର ଜାତୀୟ ରାଜପଥ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ଯୁବକଙ୍କ ବୟସ ୩୫ ବର୍ଷ ହେବ। ତାଙ୍କ ପରିଚୟ ମିଳିପାରିନାହିଁ। ଅଣ୍ଟା ତଳକୁ ଗାଡ଼ି ମାଡ଼ି ଯାଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏନେଇ କିଛି ସମୟ ଜାତୀୟ ରାଜପଥ ଜାମ୍ ରହିଥିଲା। ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇବା ସହିତ ରାସ୍ତାରୁ ଜାମ୍ ହଟାଇଥିଲା।

## ପାରୋଲରେ ଘରକୁ ଯାଇ ଫେରିଲେନି

ରାଇରଙ୍ଗପୁର,୨୫।୧୨(ସମିସ): ବାରିପଦା ମଣ୍ଡଳ କାରାଗାରର ଜଣେ ଅନ୍ତେବାସୀ ପାରୋଲରେ ଘରକୁ ଯାଇ ଆଉ ହାଜତକୁ ଫେରିନାହାନ୍ତି। ଯାହାକୁ ନେଇ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଅନ୍ତେବାସୀ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅରବନ୍ଧ ଗ୍ରାମର ନଗେନ୍ଦ୍ର ବେହେରା। ସେ ଅପରାଧିକ କାର୍ଯ୍ୟକଳାପ କରି କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ବାରିପଦା ମଣ୍ଡଳ କାରାଗାରରେ ୨୦୦୬ରୁ କାରାଦଣ୍ଡ ଭୋଗୁଛନ୍ତି। ସେ ୧୪ଦିନ ପାଇଁ ଘରକୁ ପାରୋଲରେ ଯାଇଥିଲେ। ପାରୋଲ ସରିବା ପରେ ମଧ୍ୟ ଜେଲ୍‌କୁ ଫେରି ନ ଥିଲେ। ତାଙ୍କର ଖୋଜ୍‌ଖବର ନପାଇ ଜେଲ୍ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଅନ୍ତେବାସୀଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛି।

## ଷ୍ଟାଡିୟମ୍‌ରୁ ବାଇକ୍ ଚୋରି

ରାଇରଙ୍ଗପୁର,୨୫।୧୨(ସମିସ): ଦିଘିଆବେଡ଼ା ମିନି ଷ୍ଟାଡିୟମ୍‌ରୁ ଏକ ବାଇକ୍ ଚୋରି ହୋଇଛି। ଏନେଇ ଉପରବେଡ଼ା ଗ୍ରାମର ମୋନା ମାର୍ଣ୍ଡି ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ଷ୍ଟାଡିୟମ୍‌କୁ ଫୁଟ୍‌ବଲ ଖେଳ ଦେଖିବାକୁ ଯାଇଥିବାବେଳେ ପଡ଼ିଆ ସମ୍ମୁଖରେ ବାଇକ୍ ପାର୍କିଂ କରିଥିଲେ। ଫେରିକି ଆସିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ବାଇକ୍ ପାଇ ନ ଥିଲେ। ଦୁର୍ବୃତ୍ତମାନେ ବାଇକ୍ ଚୋରି କରିଥିବାର ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଅଜାଣତରେ ୨ଟି ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

ରାଇରଙ୍ଗପୁର,୨୫।୧୨(ସମିସ): ରରୁଆଁ ସିଏଚ୍‌ସି କର୍ମଚାରୀ ମିହିର ପାଣିଗ୍ରାହୀଙ୍କ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ତାଙ୍କ ଅଜାଣତରେ ୯୬ ହଜାର ୯୦୦ ଟଙ୍କା ଗାଏବ ହୋଇଯାଇଛି। ଏନେଇ ସେ ରରୁଆଁ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ଯଥାକ୍ରମେ ୭୫ ହଜାର ୯୦୦ ଓ ୨୧ ହଜାର ଟଙ୍କା ଗାଏବ ହୋଇଛି। ତାଙ୍କ ଅଜାଣତରେ କେହି ଦୁର୍ବୃତ୍ତ ପର୍ଯ୍ୟାୟକ୍ରମେ ଟଙ୍କା ଠକେଇ ନେଇଥିବା ସନ୍ଦେହ କରାଯାଉଛି। ତେବେ ସେ ଠକେଇର ଶିକାର ନେଇ ଜାଣିବା ପରେ ନ୍ୟାୟ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗର୍ଭବତୀ ମହିଳାଙ୍କ ମୃତ୍ୟୁ

କୁଆମରା,୨୫।୧୨(ସମିସ): ଚିକିତ୍ସାଧୀନ ଅବସ୍ଥାରେ ଜଣେ ଗର୍ଭବତୀ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମର ଦେବକାନ୍ତ ବିନ୍ଧାଣୀଙ୍କ ସ୍ତ୍ରୀ ଝୁନା (୩୧)। ଗତ ଶନିବାର ଝୁନା ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବଡ଼ସାହି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ରବିବାର ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁର ସଠିକ୍ କାରଣ ଜଣାପଡ଼ି ନଥିଲେ ମଧ୍ୟ ଚିକିତ୍ସା ଅଭାବରୁ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି ବୋଲି ଦେବକାନ୍ତ କହିଛନ୍ତି। ଏ ନେଇ ୮୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୁଲିସ।

## ଧରାପୃଷ୍ଠକୁ ଅବତରଣ କଲେ ପ୍ରଭୁ ଯୀଶୁ

ରାଇରଙ୍ଗପୁର,୨୫।୧୨(ସମିସ): ପ୍ରଭୁ ଯୀଶୁ ଧରାପୃଷ୍ଠକୁ ଅବତରଣ କରିଛନ୍ତି। ବଡ଼ଦିନ ଅବସରରେ ବାମନଘାଟି ଉପଖଣ୍ଡର ବିଭିନ୍ନ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଘରେ ଆନନ୍ଦ ଉଲ୍ଲାସରେ ପ୍ରଭୁ ଯୀଶୁଙ୍କ ପୂଜାର୍ଚ୍ଚନା କରିଛନ୍ତି। ଘରମାନଙ୍କରେ ସାମୂହିକ ଭାବେ ପ୍ରାର୍ଥନା କରିଥିଲେ। ଘରେ କିଭଳି ସୁରୁଖୁରୁରେ ପ୍ରଭୁଙ୍କ ପ୍ରାର୍ଥନା ହେବ ସେ ନେଇ ପୂର୍ବ ପ୍ରସ୍ତୁତି ହୋଇଥିଲା। ଘରେ ପ୍ରଭୁଙ୍କ ଜନ୍ମସ୍ଥଳୀ ସଦୃଶ ସୁନ୍ଦର ଗୁହାଳ, କ୍ରିସ୍‌ମାସ୍ ଟ୍ରି ଆଦି ସଜାଯାଇଛି। ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟଙ୍କ ବଡ଼ପର୍ବ ବଡ଼ଦିନ ହୋଇଥିବାରୁ ସେମାନେ ଯେତିକି ପାଳନ ପାଇଁ ତତ୍ପର ସେହିପରି ଅନ୍ୟ ଧର୍ମାବଲମ୍ବୀମାନେ ମଧ୍ୟ ଏହାକୁ ବଡ଼ଦିନ ଭାବେ ପାଳନ କରିଥା'ନ୍ତି। ଭାରତ ଯେହେତୁ ଏକ ସର୍ବଧର୍ମ ସମନ୍ୱୟର ଦେଶ ସେଥିପାଇଁ ସମସ୍ତେ ସମସ୍ତଙ୍କୁ ସମ୍ମାନ ଦେଇଥାନ୍ତି। ଯୀଶୁଙ୍କ ଧରାବତରଣ ସମୟରେ ବିଭିନ୍ନ ଖ୍ରୀଷ୍ଟ ଧର୍ମାବଲମ୍ବୀ ଘରେ ସମ୍ମିଳିତ ପ୍ରାର୍ଥନା କରି ପରସ୍ପରକୁ ଖ୍ରୀଷ୍ଟ ମାସର ଶୁଭେଚ୍ଛା ଜଣାଇଛନ୍ତି।

## ଆଇଟିଆଇ ଓ ନର୍ସିଂ ତାଲିମ କେନ୍ଦ୍ର ପରିଦର୍ଶନ କଲେ ତହସିଲ୍‌ଦାର



ରାଇରଙ୍ଗପୁର,୨୫।୧୨(ସମିସ): ରାଇରଙ୍ଗପୁରସ୍ଥିତ ବିଭିନ୍ନ ଆଇଟିଆଇ ଓ ନର୍ସିଂ ତାଲିମ କେନ୍ଦ୍ରକୁ ତହସିଲ୍‌ଦାର ବିଶ୍ୱନାଥ ବିଶ୍ୱାଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶିକ୍ଷାଦାନ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ହଷ୍ଟେଲର ରହଣି ବ୍ୟବସ୍ଥା ଓ ହଷ୍ଟେଲର ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଏହାସହିତ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ ବ୍ୟବସ୍ଥାର ଅନୁଧ୍ୟାନ ମଧ୍ୟ କରାଯାଇଛି। କିପରି ଶିକ୍ଷାଦାନ ଜାରି ରହିଛି, ସେନେଇ ଛାତ୍ରଛାତ୍ରୀଙ୍କ ସହ ତହସିଲ୍‌ଦାର ଆଲୋଚନା କରିଥିଲେ। ସମ୍ପୂର୍ଣ୍ଣ ଶିକ୍ଷାଦାନ ବ୍ୟବସ୍ଥା ବାବଦରେ ବୁଝିବା ସହ ଆଗକୁ ସମସ୍ୟାର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## କବି ସୁରେନ୍ଦ୍ରନାଥ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି



ଆନନ୍ଦପୁର, ୨୫।୧୨ (ସମିସ): ସାଇଁକୁଳର ସାହିତ୍ୟ ଅନୁରାଗୀ ତଥା ବିଶିଷ୍ଟ ଅଭିନେତା ସ୍ୱର୍ଗତ ସୁରେନ୍ଦ୍ରନାଥ ସାହୁଙ୍କ ଏକାଦଶାହରେ ପତିତପାବନ ମହାବିଦ୍ୟାଳୟ ସଭାଗୃହରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅନନ୍ତ ଚରଣ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିବାପରେ ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ ସହ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ସାହୁ ଏକାଧାରରେ ଜଣେ କବି, ସୁନାମଧନ୍ୟ ମଞ୍ଚ ଅଭିନେତା ତଥା ସମାଜସେବୀ ଥିଲେ। ଶିକ୍ଷାବିତ୍ ପ୍ରଦୀପ ଚକ୍ର, ହଳଧର ପଣ୍ଡା, ସୁକାନ୍ତ ରାଉତ, ସାରଥୀ ପରିଡା, ଧରଣୀଧର ମହାପାତ୍ର, ଶରତ ରାଉତ, ହରିହର ବେହେରା, ଶଙ୍କର୍ଷଣ ଜେନା, ନିରଂଜନ ପତି, ଉମାକାନ୍ତ ଜେନା, ଧର୍ମାଧି ସାହୁ, କାଳନ୍ଦୀ ପଟ୍ଟନାୟକ ଯୋଗ ଦେଇଥିଲା ବେଳେ ରାଜୀବ ଲୋଚନ ପଟ୍ଟନାୟକ ଓ ସନତ ରଥଙ୍କ ଶୋକବାର୍ତ୍ତା ପଠନ କରାଯାଇଥିଲା। ଶ୍ରୀକାନ୍ତ ସେନାପତି ସଂଯୋଜନା କରିଥିଲାବେଳେ ଅନନ୍ତ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଚକ୍ର, ତ୍ରିଲୋଚନ ପରିଡା, ଦେବେନ୍ଦ୍ର ମିଶ୍ର, ରମେଶ ଚକ୍ର, ଦୈତାରୀ ବିଶ୍ୱାଳ, ପ୍ରଶାନ୍ତ ଚକ୍ର, ସରୋଜ ନାୟକ, ମନୋଜ ପରିଡା, ସନ୍ତୋଷ ସ୍ୱାଇଁ, ଭାଗୀରଥି ପରିଡା, ଟିଲୁ ଚକ୍ର, ବିଷ୍ଣୁଚରଣ ଜେନା, ସଂଯୁକ୍ତା ସାହୁ, ସବିତା ସାହୁ ଓ ସୁଜାତା ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।


**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

## ଆଜିର ଇତିହାସ

- ୧୯୦୪- ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ପ୍ରଥମ କ୍ରସ୍ କଣ୍ଟ୍ରି ମୋଟରକାର୍ ର୍ୟାଲିର ଉଦ୍‌ଘାଟନ ।
- ୧୯୨୫- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ।
- ୧୯୭୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜେଲ୍‌ରୁ ମୁକ୍ତ ହେଲେ ।
- ୨୦୦୪- ଭାରତ ମହାସାଗରରେ ସୁନାମି ଆସିବା ଯୋଗୁଁ ଶ୍ରୀଲଙ୍କା, ଭାରତ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପାଖାପାଖି ୨,୩୦,୦୦୦ ଲୋକଙ୍କ ପ୍ରାଣହାନି ।



# ଲିଭର୍ ପାଇଁ କ୍ଷତିକାରକ ସୁଗାର ଫ୍ରି!

ଆଜିକାଲି ଓଜନ ବୃଦ୍ଧି, ମଧୁମେହ ଏବଂ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକାଂଶ ଲୋକ ସୁଗାର ଫ୍ରି ଏବଂ କମ୍ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଉଛନ୍ତି । ସେହିପରି ଚା' ଏବଂ କଫିରେ ବି ଲୋକେ ଚିନି ବଦଳରେ ସୁଗାର ଫ୍ରି ବ୍ୟବହାର କରୁଛନ୍ତି । କେବଳ ସେତିକି ନୁହେଁ, ସୁଗାର ଫ୍ରି ଚକ୍‌ଲେଟ୍, ମିଠାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ଖାଉଛନ୍ତି । ଏଥିରେ ବ୍ୟବହାର ହେଉଥିବା ସର୍ବିଟୋଲ, ସୁକ୍ରାଲୋଜ, ଆସ୍ପଟେମ୍ ସାଧାରଣତଃ ଚିନିଠାରୁ ଉତ୍ତମ ବିକଳ୍ପ ବୋଲି କୁହାଯାଏ । ଏବେ ଏକ ନୂତନ ଗବେଷଣା ଅନୁସାରେ, ସର୍ବିଟୋଲ, ଯାହାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ବ୍ୟବହାର କରୁଛନ୍ତି, ଏହା ଶରୀର ମଧ୍ୟକୁ ଯାଇ ଫ୍ରୁକଟୋଜ ଭଳି କାମ କରିଥାଏ । ଫ୍ରୁକଟୋଜ ଲିଭର୍‌କୁ କ୍ଷତି ପହଞ୍ଚାଇବା, ଫ୍ୟାଟି ଲିଭର, ପେଟ ଚର୍ବି ବୃଦ୍ଧି ଭଳି ସମସ୍ୟା ସହିତ ଜଡ଼ିତ । କେବଳ ସେତିକି ନୁହେଁ, ଏହା ଶରୀର ଭିତରକୁ ଯାଇ ହାଇ-ସୁଗାର ଡାଏଟ୍ ଭଳି କ୍ଷତି କରିଥାଏ । ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଗ୍ୟାରି ପ୍ୟାଟିଙ୍କ ସାଇନ୍ସ ସିଗ୍‌ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ସର୍ବିଟୋଲ ଶରୀର ଭିତରେ ପ୍ରାୟ ଫ୍ରୁକଟୋଜ ଭଳି ପ୍ରଭାବ ପକାଏ । ଯେତେବେଳେ ଲିଭର୍‌ରେ ଅଧିକ ପରିମାଣରେ ଫ୍ରୁକଟୋଜ ତିଆରି ହୁଏ, ତାହା କର୍କଟ କୋଷ ତିଆରି କରିବାରେ ସାହାଯ୍ୟ କରେ । ତା'ସହ ଫ୍ରୁକଟୋଜକୁ ଫ୍ୟାଟି ଲିଭର ରୋଗର ମୁଖ୍ୟ କାରଣ ବୋଲି କୁହାଯାଏ । ଏହା ସାରା ବିଶ୍ୱର ୩୦ ପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ପ୍ରଭାବିତ କରିପାରେ । ସର୍ବିଟୋଲ ମଧ୍ୟ ଲିଭର୍‌ରେ ପହଞ୍ଚି ଫ୍ରୁକଟୋଜ ଭଳି ସମସ୍ୟା ସୃଷ୍ଟି କରିଥାଏ ବୋଲି ଏହି ଅଧ୍ୟୟନ ଚେତାଇ ଦେଇଛି । ସର୍ବିଟୋଲ ଫ୍ରୁକଟୋଜରେ ପରିବର୍ତ୍ତନ ହେଲେ ଏହା ସିଧା ଲିଭର୍‌ରେ ପହଞ୍ଚି ନକରାତ୍ମକ ପ୍ରଭାବ ପକାଇଥାଏ । ଏହା ଚର୍ବି ଜମା ହେବା, ମେଟାବଲିଜିମ୍ ଉପରେ ପ୍ରଭାବ ପକାଇବା ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ ନ କରିବା ଭଳି ସମସ୍ୟା ସୃଷ୍ଟି କରିଥାଏ । ଅନେକ ଭାବନ୍ତି, ସର୍ବିଟୋଲ ଚିନିର ଏକ ସୁରକ୍ଷିତ ବିକଳ୍ପ । ପ୍ରକୃତ କଥା ହେଲା ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ଦ୍ୱାରା ଫ୍ରୁକଟୋଜ ଭଳି ଶରୀରର କ୍ଷତି କରିପାରେ । ଏଣୁ ଏହାକୁ କିଛି ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଉଚିତ । ଅନ୍ୟପଟେ ସୁଗାର ଫ୍ରି ଚୁଇଙ୍ଗମ, କ୍ୟାଣ୍ଡି, ପ୍ରୋଟିନ ବାର୍ ଭଳି ବହୁତ ଅଧିକ ସୁଗାର ଫ୍ରି ଖାଦ୍ୟ ଖାଇବା ଭଲ ନୁହେଁ । କାରଣ ଏଥିରେ ସର୍ବିଟୋଲ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଅନ୍ତଃନଳୀ ମଧ୍ୟ ପ୍ରଭାବିତ ହୁଏ । ସେହିପରି ଅଧିକ କାର୍ବୋହାଇଡ୍ରେଟ୍ ଜିନିଷ ଖାଇଲେ ଗ୍ଲୁକୋଜ ଅନ୍ତଃନଳୀରେ ସର୍ବିଟୋଲରେ ପରିଣତ ହୋଇଥାଏ । ଏହାଦ୍ୱାରା ଶରୀରରେ ସର୍ବିଟୋଲ ପରିମାଣ ବଢ଼େ । ଏହା ଶରୀର ଲାଗି କ୍ଷତିକାରକ ହୋଇଥାଏ ।

# କିଆରାଙ୍କ 'ଟକ୍ସିକ୍' ଲୁକ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏକ ଫ୍ୟାରିଟେଲ୍ ଫର୍ ଗ୍ରୋନ୍‌ଅପ୍ସ'କୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ଫିଲ୍ମକୁ ନେଇ ମଧ୍ୟ ବେଶ୍ କ୍ରେଜ୍ ରହିଛି । କିଛି ଦିନ ପୂର୍ବରୁ ଏଥିରେ ଯଶ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଇତିମଧ୍ୟରେ ଏଥିରୁ କିଆରାଙ୍କ ଲୁକ୍ ସାମ୍ନାକୁ ଆସିଛି । ମା' ହେବା ପରେ କିଆରା 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ କିଆରା ଦମ୍‌ଦାର ଅବତାରରେ ନଜର ଆସିଛନ୍ତି । ଏଥିରେ କିଆରା କଳା ରଙ୍ଗର ଏକ ଅଫ୍-ସୋଲଡର୍ ଗାଉନ୍ ପିନ୍ଧି ଡ୍ୟାନ୍ସଫ୍ଲୋର୍‌ର ସ୍ପଟ୍‌ଲାଇଟ୍ ସମ୍ମୁଖରେ ଠିଆ ହୋଇଥିବାର ଦେଖାଯାଇଛନ୍ତି । ତାଙ୍କ ଆଖିରୁ ଲୁହ ବହୁଥିବାର ଦେଖାଯାଉଛି । ସେ କିଛି ଭାବନାରେ ବୁଡ଼ି ରହିଥିବାର ନଜର ଆସିଛନ୍ତି । ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଯଶ୍ ଓ କିଆରାଙ୍କ ବ୍ୟତୀତ ଏଥିରେ ତାରା ସୂତାରିଆ, ହୁମା କ୍ୟୁରେସି, ରୁକ୍ମଣୀ ବସନ୍ତ, ଅକ୍ଷୟ ଓବରୟ ପ୍ରମୁଖ ନଜର ଆସିବେ । ଏହାକୁ ଏକସଙ୍ଗେ କନ୍ନଡ଼ ଓ ଇଂରାଜୀ ଭାଷାରେ ସୁଟ୍ କରାଯାଇଛି । ଏହା ଇଦ୍ ଅବସରରେ ଆସନ୍ତା ମାର୍ଚ୍ଚ ୧୯ ରେ ଆସିବ । ଛଅଟି ଭାଷାରେ ଏହା ରିଲିଜ୍ ହେବ । ତେବେ ରଣବୀର ସିଂହଙ୍କ 'ଧୁରନ୍ଧର ୨' ଏହି ଦିନ ରିଲିଜ୍ ହେଉଥିବାରୁ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି ।

# ପର୍ବତାରୋହୀଙ୍କ ଦର୍ପରେ ଆବର୍ଜନା ଏଭରେଷ୍ଟ




ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟରେ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖାଯାଉଛି । ପ୍ରତ୍ୟେକ ପର୍ବତାରୋହୀ ଜୀବନରେ ଅନ୍ତତଃ ଥରେ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ସ୍ୱପ୍ନ ଦେଖିଥାନ୍ତି । ହେଲେ ପର୍ବତାରୋହୀମାନେ ଏଠାରେ ପହଞ୍ଚିବା ପରେ ଛାଡ଼ି ଆସୁଛନ୍ତି କୁଢ଼ କୁଢ଼ ଅଳିଆ । ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବେଶବିତ୍ । ପର୍ବତାରୋହଣବେଳେ ବ୍ୟବହାର ହେଉଥିବା ସାମଗ୍ରୀ, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ମାନବିକ ଆବର୍ଜନା ଏଭରେଷ୍ଟ ରାସ୍ତାରେ ପ୍ରଚୁର ମାତ୍ରାରେ ପଡ଼ିରହିଛି । ଏଭରେଷ୍ଟ ଟୁଡେ ନାମକ ପ୍ଲାଟଫର୍ମ ଦ୍ୱାରା ସେୟାର୍ କରାଯାଇଥିବା ଏସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା'ସହ ଏହି ଭିଡିଓକୁ ଦେଖି ସମସ୍ତେ କ୍ଷୋଭ ପ୍ରକାଶ କରିଛନ୍ତି । ଉକ୍ତ ଭିଡିଓରେ ଏଭରେଷ୍ଟର ଧଳା ବରଫ ଆସ୍ତରଣ ମଧ୍ୟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇଥିବାର ଦେଖାଯାଇଛି । ପଲିଥିନ୍, ପୁରୁଣା କପଡ଼ା, ଖାଦ୍ୟ ପ୍ୟାକେଟ୍, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ଫଟା ତମ୍ବୁ ବରଫ ଉପରେ ପଡ଼ିଥିବାର ଭିଡିଓରେ ଦେଖାଯାଇଛି । କୁହାଯାଉଛି ଏହି ଭିଡିଓଟି ୨୦୨୪ ମସିହାର । ହେଲେ ଏବେବି ଏହାର ସ୍ଥିତି ସେମିତି ରହିଛି ବୋଲି ଭିଡିଓରେ କୁହାଯାଇଛି । ଏହାର ଶିଖରରେ ତିଆରି ହୋଇଥିବା କ୍ୟାମ୍ପଗୁଡ଼ିକରେ ଅଧିକ ମାତ୍ରାରେ ଅଳିଆ ଆବର୍ଜନା ଜମା ହୋଇଛି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି, ପ୍ରକୃତି ପ୍ରତି ଅବହେଳା ଏବେ ବିଶ୍ୱର ସର୍ବୋଚ୍ଚ ଶିଖରକୁ ମଧ୍ୟ ଛାଡ଼ିନାହିଁ । ଏହି ଭିଡିଓରେ କୁହାଯାଇଛି, ଏହାକୁ ସଫାସୁତୁରା ରଖିବା ଏକ ବିକଳ୍ପ ନୁହେଁ, ବରଂ ଲୋକଙ୍କର ଦାୟିତ୍ୱ । ଏହା ପ୍ରକୃତି ଏବଂ ଭବିଷ୍ୟତ ପିଢ଼ି ପାଇଁ ଜରୁରି । ଏହାସହ ଏନେଇ କଡ଼ା ନିୟମ, ସ୍ୱଚ୍ଛତାର ସହ ପର୍ବତାରୋହଣ ଏବଂ ଅଳିଆ ନିୟନ୍ତ୍ରଣ ପାଇଁ ଭିଡିଓରେ ଦାବି କରାଯାଇଛି । ଅନ୍ୟପଟେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

## ସଞ୍ଜୀବନୀ

# ମଧୁମେହ ରୋଗୀଙ୍କ ପାଇଁ ଚାଲିବା ଭଲ

**ଜୀବନଶୈଳୀରେ ପରିବର୍ତ୍ତନ ଓ ଖରାପ ଖାଦ୍ୟାଭ୍ୟାସ କାରଣରୁ ସମ୍ପ୍ରତି ଘରେ ଘରେ ମଧୁମେହ ରୋଗୀ । ଶରୀରର ରକ୍ତ ଶର୍କରା ବୃଦ୍ଧି ଯୋଗୁଁ ବାରମ୍ବାର ପରିସ୍ରା ଲାଗିବା, ଶୋଷ ଲାଗିବା ଆଦି ଲକ୍ଷଣ ଦେଖାଯାଏ । ମଧୁମେହ ପୀଡ଼ିତ ରକ୍ତ ଶର୍କରା ନିୟନ୍ତ୍ରଣ ରଖିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତି । ଖୁସିର ବିଷୟ, ଚାଲିବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରିତ ରହି ପାରିବ । ତେଣୁ ମଧୁମେହ ପୀଡ଼ିତ ନିଜ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଚାଲିବା ଜରୁରି ।**





ମଧୁମେହ ପୀଡ଼ିତ ଔଷଧ ସେବନ ଓ ଡାଏଟକୁ ଅନୁକରଣ କରିବା ସହ ଶାରୀରିକ ଭାବେ ସକ୍ରିୟ ରହିବା ଆବଶ୍ୟକ । ଏହାଦ୍ୱାରା ରକ୍ତ ଶର୍କରା, ରକ୍ତଚାପ, ଏବଂ ହୃଦ୍‌ରୋଗ ଆଶଙ୍କା କମ୍ ହୁଏ । ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ପ୍ରତିଦିନ ୧୦ହଜାର ପାଦ ଚାଲିପାରିବେ । ଯଦି ସେତିକି ବାଟ ଚାଲିବା ଦ୍ୱାରା ଥକ୍କାପଣ ବା ଦୁର୍ବଳ ଅନୁଭବ କରୁଥାନ୍ତି ତେବେ ଯୋଗ ଓ ବ୍ୟାୟାମ କରିପାରିବେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦିନକୁ ଅତିକମରେ ୩୦ ମିନିଟ୍ ହିସାବରେ ସପ୍ତାହରେ ପାଞ୍ଚ ଦିନ ଚାଲିବେ । ୩ରୁ ୪ କିମି ଚାଲିବା ବି ସ୍ୱାସ୍ଥ୍ୟ ପକ୍ଷେ ହିତକର । ଖାଦ୍ୟ ଗ୍ରହଣ ପରେ ଚାଲିବା ଜରୁରି ।

ରାତ୍ରିଭୋଜନ ପରେ ୧୫ରୁ ୩୦ ମିନିଟ୍ ଚାଲିଲେ ରକ୍ତ ଶର୍କରା ହ୍ରାସ ପାଏ । ଯଦି ଇନ୍‌ସୁଲିନ୍ ନେଉଥାନ୍ତି କିମ୍ବା ପୂର୍ବାପେକ୍ଷା ରକ୍ତ ଶର୍କରା କମ୍ ଥିଲେ ସକାଳୁ ଚାଲିବା ପୂର୍ବରୁ ହାଲୁକା ଜଳଖିଆ ଗ୍ରହଣ କରନ୍ତୁ । ବ୍ରିସ୍କ ୱାକ୍ ତଥା ଜୋର ଜୋର ଚାଲିବା, ଯୋଗ, ପ୍ରାଣାୟମ ଆଦି କରିବା ହିତକର ।

## 'ସକାଳ'ର ସ୍ୱାସ୍ଥ୍ୟ

# କାଶର ଆୟୁର୍ବେଦ ଉପଚାର


**ଶୀତଋତୁରେ କମ୍ ତାପମାତ୍ରା ଯୋଗୁଁ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ । ନାକରୁ ପାଣି ବୋହିବା, କାଶ, ତଣ୍ଟି ଦରଜ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ । ଏହା ଶ୍ୱସନ ପ୍ରକ୍ରିୟାକୁ ସଂକ୍ରମିତ କରିଥାଏ । ତେଣୁ ଶୀତଦିନେ ଲଗାତାର କାଶ ହେଉଥିଲେ ଆୟୁର୍ବେଦ ଉପଚାର ଆପଣାଇ ପାରିବେ ।**



- ହଳଦୀରେ ଆଣ୍ଟିବାୟୋଟିକ୍ ଓ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି । ତେଣୁ ନଖଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇପାରିବେ । ଏହା କାଶରୁ ଆରାମ ଦିଏ ।
- ଏକ ଚାମଚ ଅଦାରସରେ ଅଧା ଚାମଚ ମହୁ ମିଶାଇ ଦିନକୁ ୪ରୁ ୫ଥର ସେବନ କଲେ କଫ ଜନିତ ସମସ୍ୟାରୁ ଆରାମ ଦିଏ । ମୁଲେଠି ବା ଯଷ୍ଟିମଧୁ କଳରେ ଜାକି ପାରିବେ । ୯୦% ମିଶିରି ଏବଂ ୧୦% ଗୋଲମରିଚକୁ ଗୁଣ୍ଡ କରି ଦିନରେ ଦୁଇରୁ ତିନିଥର ଚିମୁଟିଏ ଲେଖାଏଁ ସେବନ କରିବା ଆବଶ୍ୟକ । ତୁଳସୀପତ୍ର ରସ ମହୁ, ଅଦାମହୁ ଆଦି ବ୍ୟବହାର କରାଯାଇପାରେ ।
- ତ୍ରିକଟୁ ଚୂର୍ଣ୍ଣ ଏକ ଗ୍ରାମ ସହ ଚାମଚେ ମହୁ ସହ ମିଶାଇ ବୟସ୍କ ବ୍ୟକ୍ତି ସେବନ କରିପାରିବେ । ଚିକିତ୍ସକଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ ।

# ଡିମେନ୍‌ସିଆ ପାଇଁ ମ୍ୟାଗ୍ନେସିୟମ୍

**ଡିମେନ୍‌ସିଆ ବୟସ୍କଗତ ରୋଗ । ମୁଖ୍ୟତଃ ମସ୍ତିଷ୍କ କୋଷ ନଷ୍ଟ ହେଲେ ସ୍ମୃତିଶକ୍ତି ହ୍ରାସ ପାଏ । ନିଷ୍ପତ୍ତି ନେବାର କ୍ଷମତା କମିଯାଏ । ଛୋଟ ଛୋଟ କଥା ମନେ ନ ରଖି ପାରିବା ଡିମେନ୍‌ସିଆ (ମନୋଭ୍ରଂଶ)ର ଲକ୍ଷଣ ହୋଇଥାଏ । ଅନୁସନ୍ଧାନ ଦ୍ୱାରା ପ୍ରମାଣିତ ଯେ ନିୟମିତ ବ୍ୟାୟାମ, ଶୋଇବା , କମ୍ ଚିନ୍ତା, ଖାଦ୍ୟପେୟ ଆଦି ଅଭ୍ୟାସ ଦ୍ୱାରା ଏହି ସମସ୍ୟାକୁ ହ୍ରାସ କରାଯାଇପାରେ । ତେଣୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଦୈନିକ ପୁଷ୍ଟିକର ଖାଦ୍ୟ ସହିତ ମ୍ୟାଗ୍ନେସିୟମ୍ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।**



ଜ୍ଞାନଗତ କାର୍ଯ୍ୟର ଉନ୍ନତି ପାଇଁ ଦୈନିକ ଭିଟାମିନ୍ ଔଷଧ ଉପରେ ନିର୍ଭର ନ କରି ଖାଦ୍ୟପେୟକୁ ଗୁରୁତ୍ୱ ଦେବା ଜରୁରି । କାରଣ ସବୁଜ ପରିବା, ଫଳ, ସାମୁଦ୍ରିକ ମାଛ ଆଦି ସେବନ ଶରୀରକୁ ଶକ୍ତି ଦିଏ । ମସ୍ତିଷ୍କ କୋଷର ସନ୍ତୁଳନ ବଜାୟ ରଖେ । ଏହାର ଅଭାବରୁ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ । ଯାହାଦ୍ୱାରା ଡିମେନ୍‌ସିଆ ପରି ସମସ୍ୟା ହୋଇଥାଏ । ଏନେଇ ଅଷ୍ଟ୍ରେଲିଆନ ନ୍ୟାସ୍‌ନାଲ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟବିଶେଷଜ୍ଞମାନେ ୬୦୦୦ ପ୍ରାପ୍ତ ବୟସ୍କଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ଯେଉଁମାନେ ପ୍ରତିଦିନ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଠିକ୍ ମାତ୍ରାର ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ବା ଔଷଧ ସେବନ କରୁଥିଲେ ସେମାନଙ୍କର ମସ୍ତିଷ୍କ କାର୍ଯ୍ୟକ୍ଷମତା ମ୍ୟାଗ୍ନେସିୟମ କମ୍ ଗ୍ରହଣ କରୁଥିବା ଲୋକଙ୍କ ତୁଳନାରେ ବହୁତ ଭଲ ଥିଲା । ନିଜ ବୟସ ତୁଳନାରେ ସେମାନେ ଯୁବା ଥିଲେ । ମହିଳାମାନଙ୍କ କ୍ଷେତ୍ରରେ ସକାରାତ୍ମକ ଫଳ ଦେଖା ଯାଇଥିଲା । ଯଦିଓ ମ୍ୟାଗ୍ନେସିୟମ ଡିମେନସିଆର ନିର୍ଦ୍ଦିଷ୍ଟ ଔଷଧ ନୁହେଁ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜଣେ ପ୍ରତିଦିନ ସବୁଜ ପରିବା, ପାଳଙ୍ଗ, ବିନ୍ସ ଡାର୍କ ଚକୋଲେଟ, ସାମୁଦ୍ରିକ ମାଛ, ଅଳସୀ, ଡ୍ରାଏଫ୍ରୁଟ ତଥା ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ମସ୍ତିଷ୍କ ସ୍ୱାସ୍ଥ୍ୟ ଭଲ ରୁହେ । ଡିମେନସିଆ ବିପଦ ହ୍ରାସ ହୋଇ ପାରେ । ନିଦ ଭଲ ହୋଇଥାଏ । ମ୍ୟାଗ୍ନେସିୟମ ମସ୍ତିଷ୍କର ବୟସ ବୃଦ୍ଧି ପ୍ରକ୍ରିୟାକୁ ଧୀମା କରିପାରେ । ମସ୍ତିଷ୍କ ସଙ୍କୋଚନକୁ ବି ହ୍ରାସ କରିପାରେ । ସ୍ମୃତିଶକ୍ତି ବୃଦ୍ଧି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମସ୍ତିଷ୍କକୁ ଶାନ୍ତ ରଖେ । ମସ୍ତିଷ୍କର କ୍ଷମତାକୁ ବଢ଼ାଇ ପାରେ । ଚିନ୍ତା ହ୍ରାସ ଯୋଗୁଁ ଡିମେନସିଆ ବିପଦ ହ୍ରାସ ପାଇ ପାରେ ।

## ସୁସ୍ଥ ମନ ସୁସ୍ଥ ଶରୀର

# ଦେହକୁ ହିତ ଆପେଣ୍ଡିକ୍ସ

**ଆପେଣ୍ଡିକ୍ସ ଏକ କ୍ଷୁଦ୍ର ଅଙ୍ଗ । ଏହା ଅନ୍ତଃନଳୀ ସହିତ ଲାଗି କରି ଥାଏ । ଏହା ଅନେକ ତନ୍ତୁ ଦ୍ୱାରା ଗଠିତ । ବଡ଼ ଓ ଛୋଟ ଅନ୍ତଃମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ । ଅନ୍ତଃନଳୀର ଜୀବାଣୁ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କଲେ ଏହା ସଂକ୍ରମିତ ହୋଇଥାଏ । ଏହାକୁ ଆପେଣ୍ଡିସାଇଟ୍‌ସ କୁହଯାଏ । ସଂକ୍ରମିତ ଆପେଣ୍ଡିକ୍ସକୁ ଡାକ୍ତର ସର୍ଜରୀ କରି ଶରୀରରୁ ବାହାର କରିଦିଅନ୍ତି । ହେଲେ ଆପେଣ୍ଡିକ୍ସ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ ।**



ଆପେଣ୍ଡିକ୍ସ ହିତକର ଜୀବାଣୁଙ୍କୁ ସୁରକ୍ଷିତ ରଖିଥାଏ । ଝାଡ଼ା, ବାନ୍ତି ତଥା ବିଭିନ୍ନ ପେଟଜନିତ ସଂକ୍ରମଣ ସମସ୍ୟା ପରେ ଏହା ଅନ୍ତଃର ସ୍ୱାସ୍ଥ୍ୟ ଉନ୍ନତି କରେ । ଅନ୍ତଃନଳୀରେ ହିତକର ଜୀବାଣୁ ବଢ଼ାଇବାରେ ସାହାଯ୍ୟ କରେ । ଆପେଣ୍ଡିକ୍ସ ଭଲ ଜୀବାଣୁଙ୍କୁ ସୁରକ୍ଷିତ ରଖେ ।

**ପାଚନତନ୍ତ୍ର ସୁସ୍ଥ ରହେ:** ଖାଦ୍ୟ ହଜମ କରିବାରେ ଆପେଣ୍ଡିକ୍ସ ସିଧାସଳଖ ସାହାଯ୍ୟ ନ କଲେ ବି ଏହା ଅନ୍ତଃନଳୀରେ ଭଲ ଜୀବାଣୁଙ୍କୁ ସୁରକ୍ଷିତ କରୁଥିବାରୁ ପାଚନତନ୍ତ୍ର ସୁସ୍ଥ ରହିଥାଏ । ଖାଦ୍ୟ ହଜମ ହୋଇପାରେ ।

**ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି:** ଆପେଣ୍ଡିକ୍ସରେ ଲିମ୍ଫୋଏଡ ଟିସୁ ଥାଏ । ଏହା ରୋଗପ୍ରତିରୋଧକ କୋଷ ଏବଂ ଆଣ୍ଟିବଡ଼ି କ୍ଷରଣରେ ସାହାଯ୍ୟ କରିଥାଏ । ସଂକ୍ରମଣ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

## ସାନ୍ତାବେଶରେ ବଡ଼ଦିନ ପାଳିଲେ ଯୁବି-ହାଜେଲ୍

ଚଣ୍ଡିଗଡ଼, ୨୫।୧୨ (ଏଜେନ୍ସି): ପବିତ୍ର ବଡ଼ଦିନ ଅବସରରେ ପୂର୍ବତନ ତାରକା କ୍ରିକେଟର୍ ଯୁବରାଜ ସିଂହ ପତ୍ନୀ ତଥା ବ୍ରିଟିଶ ମଡେଲ ହାଜେଲ କିଚ୍‌ଙ୍କ ସହ ଧୁମ୍‌ଧାମରେ ଖ୍ରିଷ୍ଟମାସ ପାଳନ କରିଛନ୍ତି। ଏହାର କିଛି ଫଟୋକୁ ଯୁବି ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ଯେଉଁଥିରେ ଯୁବିଙ୍କ ସହ ହାଜେଲ ଏବଂ ତାଙ୍କ ପୁଅ ଓରିଓନ୍ ଓ ଝିଅ ଔରାଙ୍କ ସାନ୍ତା କ୍ୟାପ୍ ପିରଧାନ କରି ଖ୍ରିଷ୍ଟମାସ ଟ୍ରି ନିକଟରେ ବସିଥିବା ଦେଖିବାକୁ ମିଳିଛି। ସେହିଭଳି ସଞ୍ଜୁ ସାମସନ, ଭାରତୀୟ ମହିଳା କ୍ରିକେଟ୍ ଦଳର ଜେମିମା ରୋଡ୍ରିଗ୍ସେଜ, ସ୍ମୃତି ମନ୍ଧାନା ପ୍ରମୁଖ ମଧ୍ୟ ବଡ଼ଦିନକୁ ଉତ୍ସାହର ସହ ସେଲିବ୍ରେସନ କରିଛନ୍ତି। ମହାନ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ, ୱେନ ରୁନୀ ମଧ୍ୟ ପରିବାର ଗହଣରେ ବଡ଼ଦିନକୁ ପାଳନ କରିଥିବା ଦେଖିବାକୁ ମିଳିଥିଲା।



## ବ୍ୟାଟିଂ ଅଭ୍ୟାସ କଲେ ଆୟର

ମୁମ୍ବଇ, ୨୫।୧୨ (ଏଜେନ୍ସି): ଆଘାତ ପାଇବା ପରେ ସୁସ୍ଥ ହୋଇଥିବା ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଗତକାଲି ଏଠାରେ ବ୍ୟାଟିଂ ଅଭ୍ୟାସ କରିଛନ୍ତି। ସେ ଏକ ଘଣ୍ଟାଯାଏ ଏଠାରେ ବ୍ୟାଟିଂ ଅଭ୍ୟାସ କଲାବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିଲେ କିମ୍ବା ଯନ୍ତ୍ରଣା ଅନୁଭବ କରି ନ ଥିଲେ। ଏହା ପରେ ସେ ଆଜି ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପରବର୍ତ୍ତୀ ଫିଟ୍‌ନେସ୍ ପାଇବା ଲାଗି ଯାଇଛନ୍ତି। ଏଠାରେ ସେ କେତେ ସୁସ୍ଥ ହୋଇଛନ୍ତି ତାହାର ପ୍ରମାଣପତ୍ର ପାଇବା ପରେ ତାଙ୍କର ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ସମ୍ଭବ କି ନୁହେଁ ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆରେ ଖେଳୁଥିଲାବେଳେ ଏକ ଚମତ୍କାର କ୍ୟାଚ୍ ଧରିବାକୁ ଯାଇ ତଳେ ପଡ଼ିଗଲାପରେ ପେଟରେ ଯନ୍ତ୍ରଣା ପାଇଥିଲେ। ଏହାପରେ ଚିକିତ୍ସା ଲାଗି ସ୍ୱଦେଶ ଫେରିଥିଲେ। ଏବେ ବିଜୟ ହଜାରେ ଟ୍ରଫି ଚାଲିଛି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଆରମ୍ଭ ହେବ। ଉଭୟ ଟୁର୍ଣ୍ଣାମେଣ୍ଟରେ ଖେଳିବା ଲାଗି ତାଙ୍କ ନିକଟରେ ସୁଯୋଗ ରହିଛି। କିନ୍ତୁ ଏ ସମ୍ପର୍କରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଥିବା ଡାକ୍ତରମାନେ ଚୂଡାନ୍ତ ନିଷ୍ପତ୍ତି ନେବେ।

### ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି-୨୦ ମୁକାବିଲା ଆଜି

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତୀୟ ମହିଳା

ତିରୁଅନନ୍ତପୁରମ୍,୨୫।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିଶାଖାପାଟଣାରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଜିତିଥିଲା। ଦଳ ୨-୦ରେ ଆଗୁଆ ରହିଥିଲାବେଳେ ଏଠାରେ ତୃତୀୟ ମ୍ୟାଚ୍ ଜିତି ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟ ନେଇ ଆସନ୍ତାକାଲି ପଡ଼ିଆକୁ ଓହ୍ଲାଇବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ, ବୋଲିଂରେ ପ୍ରଭାବ ବିସ୍ତାର କରିଥିବା ଭାରତ ଏଠାରେ ମଧ୍ୟ ବିଜୟ ହେବ ବୋଲି ଆଶା କରିବା ସ୍ୱାଭାବିକ। ଏହି ମ୍ୟାଚ୍‌ଦ୍ୱୟରେ ଭାରତର ଶାଣିତ ବୋଲିଂକୁ ଶ୍ରୀଲଙ୍କା ବ୍ୟାଟର ମୁକାବିଲା କରିପାରି ନ ଥିଲେ। ଉଭୟ ମ୍ୟାଚ୍‌ରେ ରନ୍ ଚେଜ୍‌ରେ ଭାରତର ଟପ୍ ଅର୍ଡର ଅତି ସହଜରେ ଟାର୍ଗେଟକୁ ହାସଲ କରିନେଇଥିଲେ। ପ୍ରଥମ ମ୍ୟାଚରେ ଜେମିମା ରୋଡ୍ରିଗ୍ସେଜ୍ ଓ ଦ୍ୱିତୀୟ ମ୍ୟାଚରେ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲା। ଫିଲ୍ଡିଂରେ ଭାରତ ପ୍ରଥମ ମ୍ୟାଚରେ ୫ଟି କ୍ୟାଚ୍ ହାତଛଡ଼ା କରିଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚରେ ୩ଜଣ ଖେଳାଳିଙ୍କୁ ରନଆଉଟ କରି ଭରଣା କରିନେଇଛନ୍ତି। ଏଭଳି ସ୍ଥିତିରେ ଭାରତ ଯେ ଆସନ୍ତାକାଲିର ମୁକାବିଲାକୁ ସହଜରେ ଜିତିବ ଏଭଳି ଆଶା ପୋଷଣ କରାଯାଇପାରେ।

ଅନ୍ୟପକ୍ଷରେ ଶ୍ରୀଲଙ୍କା ଦଳ ଅନେକ ନୂଆ ଖେଳାଳିଙ୍କୁ ନେଇ ସିରିଜ୍ ଖେଳିବାକୁ ଆସିଛି। ନୂଆ ଓ ପୁରୁଣା ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ହୋଇନାହିଁ। ଯାହା ଫଳରେ ଏମାନେ ମିଳିତଭାବେ ଭଲ ଖେଳ ପ୍ରଦର୍ଶନ କରିପାରି ନାହାଁନ୍ତି। କୁହାଯାଏ ଭେନ୍ୟୁ ବଦଳିଲେ ଭାଗ୍ୟ ମଧ୍ୟ ପରିବର୍ତ୍ତନ ହୋଇଥାଏ। ସିରିଜ୍‌ର ପ୍ରଥମ ୨ଟି ମ୍ୟାଚ୍ ବିଶାଖାପାଟଣାରେ ଖେଳାଯାଇଥିଲାବେଳେ ଶ୍ରୀଲଙ୍କା ଉଭୟ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲା। ଏବେ ପରବର୍ତ୍ତୀ ୩ଟି ମ୍ୟାଚ୍ ତିରୁଅନନ୍ତପୁରମ୍‌ରେ ଖେଳାଯିବ। ଏଠାରେ ଶ୍ରୀଲଙ୍କା ଲଢ଼େଇ କରିବ ବୋଲି ଆଶା କରାଯାଉଛି। ଦଳର ପ୍ରଥମ ୪ଜଣ ବ୍ୟାଟରଙ୍କୁ ବାଦ୍ ଦେଲେ ଅନ୍ୟ କେହି ଭଲ ଆରମ୍ଭ କରିପାରି ନାହାନ୍ତି। ଭିଷ୍ମି ଗୁଣରତ୍ନେ, ଚାମରି ଆଟାପାଟୁ, ହସିନୀ ପରେରା, ହର୍ଷିତା ସମରବିକ୍ରମ ପ୍ରଥମ ଦୁଇଟି ମ୍ୟାଚରେ ଭଲ ଆରମ୍ଭ କରିଥିଲେ। କିନ୍ତୁ ତାହାକୁ ବଡ଼ ସ୍କୋରରେ ପରିଣତ କରିବାରେ ଅସମର୍ଥ ହୋଇଥିଲେ। ବୋଲରମାନେ ଆଦୌ ପ୍ରଭାବ ପକାଇ ପାରି ନାହାନ୍ତି। ଏଣୁ ଏହି ମ୍ୟାଚ୍‌କୁ କିପରି ଦଳ ଜିତିବ ତାହାକୁନେଇ ଯୋଜନା ଚାଲିଛି। ଗତ ୧୧ଟି ମ୍ୟାଚରେ ଭାରତ ଟି୨୦ରେ ବିଜୟୀ ହୋଇଛି। ଶେଷଥର ୨୦୨୪ ଜୁଲାଇରେ ଶ୍ରୀଲଙ୍କା ବିଜୟୀ ହୋଇଥିଲା। ଏଥର ଦଳ ପୁଣିଥରେ ବିଜୟୀ ହେବ ବୋଲି ଆଶା କରିଛି।





ସାନ୍ତାବେଶରେ ଜେମିମା ଓ ମନ୍ଧାନା

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଖେଳାଳି ଦଳ

**ଭାରତ :** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ସ୍ନେହ ରାଣା, ରିଚା ଘୋଷ ଓ ଜି କମଳିନୀ (ଉଭୟେ ୱିକେଟରକ୍ଷକ), ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼, ଶ୍ରୀ ଚରଣି, ବୈଷ୍ଣବୀ ଶର୍ମା, ହର୍ଲିନ ଦେଓଲ, ଅମନଜୋତ କୌର।

**ଶ୍ରୀଲଙ୍କା:** ଚାମରି ଆଟାପାଟୁ (ଅଧିନାୟିକା), ଭିଷ୍ମି ଗୁଣରତ୍ନେ, ହସିନୀ ପରେରା, ହର୍ଷିତା ସମରବିକ୍ରମ, ନୀଳାକ୍ଷିକା ଡି ସିଲ୍‌ଭା, କାଭିଶା ଦିଲହରୀ, ଇମେଶ ଦୁଲାନୀ, କୌଶିନୀ ନୁଥ୍ୟାଙ୍ଗନା, ମାଲସା ସେହାନୀ, ଇନୋକା ରଣବୀରା, ଶାସିନୀ ଗିମାନୀ, ନିମେଶା ମଦୁଶାନୀ, କାବ୍ୟା କାଭିଣ୍ଡି, ରଶ୍ମିକା ସେୱାଣ୍ଡି, ମାଲକି ମଦାରା।

## ବିଜୟ ହଜାରେ ଟ୍ରଫି / ଗୋଟିଏ ଦିନରେ ରେକର୍ଡ ୨୨ ଶତକ

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସ ସମ୍ପୂର୍ଣ୍ଣ ଭାବେ ବ୍ୟାଟରଙ୍କ ନାମରେ ରହିଥିଲା। ଯେଉଁଥି ପାଇଁ ପ୍ରଥମ ଦିନରେ ଏକାଧିକ ଶତକ ଓ ରେକର୍ଡ ସୃଷ୍ଟି ହୋଇଥିଲା। ସେଥିମଧ୍ୟରୁ ପ୍ରମୁଖ ହେଲା ପ୍ରଥମ ଦିନରେ ଖେଳାଯାଇଥିବା ୧୮ଟି ମ୍ୟାଚରେ ମୋଟ୍ ୨୨ଟି ଶତକ ଓ ଓଡ଼ିଶାର ସ୍ୱସ୍ତିକ ସାମଲ (୨୧୨)ଙ୍କ ବ୍ୟାଟରୁ ଗୋଟିଏ ଦ୍ୱିଶତକ ଦେଖିବାକୁ ମିଳିଥିଲା। ଯାହାକି ଟୁର୍ଣ୍ଣାମେଣ୍ଟ ଇତିହାସରେ ଗୋଟିଏ ଦିବସରେ ରେକର୍ଡ ଶତକ ଭାବେ ଲିପିବଦ୍ଧ ହୋଇଛି। ଏଥିପୂର୍ବରୁ ୨୨ ଡିସେମ୍ବର ୨୦୨୧ ଓ ୩ ଜାନୁଆରୀ ୨୦୨୫ରେ ୧୧ଟି ଲେଖାଏଁ ଶତକ ବିଜୟ ହଜାରେ ଟ୍ରଫିରେ ହୋଇଥିଲା।

### ବିଗ୍ନେଶଙ୍କ ବିଶ୍ୱରେକର୍ଡ କ୍ୟାଚ୍, ମୋସୁଙ୍କ ବ୍ୟୟବହୁଳ ସ୍ପେଲ

ଅପରପକ୍ଷରେ କେରଳର ବିଗ୍ନେଶ ପୁଥୁର ତ୍ରିପୁରା ବିପକ୍ଷରେ ଦମ୍‌ଦାର ଫିଲ୍ଡିଂ କରି ଏକାକୀ ୬ଟି କ୍ୟାଚ୍ ଧରିଥିଲେ। ଏଥିସହ ଲିଷ୍ଟ-ଏ କ୍ରିକେଟ୍‌ରେ ପ୍ରଥମ ଫିଲ୍ଡର (ଅଣୱିକେଟକିପର) ଭାବେ ଗୋଟିଏ ମ୍ୟାଚରେ ୬ଟି କ୍ୟାଚ୍ ଧରି ପୁଥୁର ବିଶ୍ୱରେକର୍ଡ କରିଛନ୍ତି। ପୂର୍ବରୁ ମହାନ ଫିଲ୍ଡର ଜଣ୍ଟି ରୋଡ୍‌ସଙ୍କ ସମେତ ଏକାଧିକ ଖେଳାଳି ୫ଟି କ୍ୟାଚ୍ ଧରି ରେକର୍ଡ କରିଥିଲେ। ସେହିଭଳି ଅରୁଣାଚଳ ପ୍ରଦେଶର ଦ୍ରୁତ ବୋଲର ମିବୋମ ମୋସୁ ଲିଷ୍ଟ-ଏ କ୍ରିକେଟରେ ଗୋଟିଏ ମ୍ୟାଚରେ ସବୁଠୁ ବ୍ୟୟବହୁଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଗତକାଲି ସେ ବିହାର ବିପକ୍ଷରେ ୯ ଓଭର ବୋଲିଂ କରି ୧୧୬ ରନ ବ୍ୟୟ କରିଥିଲେ। ପୂର୍ବରୁ ଲିଷ୍ଟ-ଏରେ ସବୁଠୁ ମହଙ୍ଗା ବୋଲର ହେବାର ଅଲୋଡ଼ା ରେକର୍ଡ ନେଦରଲାଣ୍ଡସର ବାସ୍ ଡି ଲିଡ୍‌ଙ୍କ ନାମରେ ରହିଥିଲା। ୨୦୨୩ରେ ସେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ୧୧୫ ରନ ବ୍ୟୟ କରିଥିଲେ।





### ଆଜିଠାରୁ ଚତୁର୍ଥ ଆସେସ୍ ଟେଷ୍ଟ

## ୪ ବର୍ଷ ପରେ ଫେରିଲେ ରିଚାର୍ଡସନ୍

ମେଲବୋର୍ଣ୍ଣ,୨୫।୧୨(ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଆସନ୍ତାକାଲିଠାରୁ ଆସେସ୍ ସିରିଜ୍‌ର ଚତୁର୍ଥ ମୁକାବିଲା ଏଠାରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ୩ଟି ମୁକାବିଲାରେ ଅଷ୍ଟ୍ରେଲିଆ ସହଜ ବିଜୟ ହାସଲ କରି ଆସେସ୍ କବ୍‌ଜା କରିନେଇଛି। ଏହି ବିଜୟ ଘରୋଇ ଦଳକୁ ସନ୍ତୁଷ୍ଟ ଦେଇନାହିଁ। ଚତୁର୍ଥ ଟେଷ୍ଟରେ ଦଳ କିପରି ବିଜୟୀ ହେବ ସେଥିଲାଗି ଆଗୁଆ ଯୋଜନା କରିଛି। ମ୍ୟାଚ୍ ଆରମ୍ଭର ଗୋଟିଏ ଦିନ ପୂର୍ବରୁ ୧୨ଜଣିଆ ଦଳ ଘୋଷଣା କରିଛି। ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ଷ୍ଟିଭ୍ ସ୍ମିଥ୍ ଦଳର ନେତୃତ୍ୱ ନେଉଛନ୍ତି। ସ୍ମିଥ୍‌ଙ୍କ ନେତୃତ୍ୱରେ ପ୍ରଥମ ଦୁଇଟି ଟେଷ୍ଟରେ ଅଷ୍ଟ୍ରେଲିଆ ଯେପରି ପ୍ରଦର୍ଶନ କରିଛି, ଶେଷ ଦୁଇଟି ଟେଷ୍ଟରେ ତାହାର ପୁନରାବୃତ୍ତି ହେବ ବୋଲି ଦଳ ଆଶା ରଖିଛି। ଘୋଷଣା କରାଯାଇଥିବା ୧୨ଜଣ ଖେଳାଳିଙ୍କ ମଧ୍ୟରେ ଅଲରାଉଣ୍ଡର ଗ୍ରୀନ୍‌ଙ୍କ ମିଶାଇ ୬ଜଣ ଫାଷ୍ଟ ବୋଲର ରହିଛନ୍ତି। ଏହା ମଧ୍ୟରୁ ଗ୍ରୀନ୍‌ଙ୍କ ବ୍ୟତୀତ ୪ଜଣ ଫାଷ୍ଟ ବୋଲର ଖେଳିବା ନିଶ୍ଚିତ। ମିଚେଲ ଷ୍ଟାର୍କ, ସ୍କଟ ବୋଲାଣ୍ଡ, ବ୍ରେଣ୍ଡାନ ଡୋଗେଟ୍, ମାଇକେଲ ନେସର ଓ ଝାଇ ରିଚାର୍ଡସନ ରହିଛନ୍ତି। ରିଚାର୍ଡସନ ଯଦି ସୁଯୋଗ ପାଆନ୍ତି, ତେବେ ୪ ବର୍ଷ ପରେ ସେ ଟେଷ୍ଟ କ୍ରିକେଟ ଖେଳିବେ। ନାଥାନ ଲାୟନଙ୍କ ସ୍ଥାନରେ ଟଡ୍ ମର୍ଫି ଏକମାତ୍ର ସ୍ପିନର ଭାବେ ରହିଛନ୍ତି।

ଅନ୍ୟପକ୍ଷରେ କ୍ରମାଗତ ପରାଜୟ ପରେ ଇଂଲଣ୍ଡ ଦଳ ପ୍ରବଳ ଚାପରେ ରହିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ଲାଗି ଶେଷ ଦୁଇଟି ଟେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଉଭୟଙ୍କ କ୍ୟାରିୟରରେ ଏହି ଟେଷ୍ଟର ଫଳାଫଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମଝିରେ ବିଶ୍ରାମ ନେବାବେଳେ ଖେଳାଳିଙ୍କ ଅତ୍ୟଧିକ ମଦ୍ୟପାନ ଯୋଗୁ ଦଳ ସମାଲୋଚିତ ହୋଇଛି। ଏଣୁ ଶେଷ ଦୁଇଟି ଟେଷ୍ଟରେ ଦଳ ଭଲ ପ୍ରଦର୍ଶନ ନ କଲେ ମ୍ୟାକ୍‌କୁଲାମ ଇସ୍ତଫା ଦେବାର ଆଶଙ୍କା ରହିଛି।



**ଖେଳ ଆରମ୍ଭ : ଭୋର ୫ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ

### ବିଡବ୍ଲ୍ୟୁଏଫ୍ ଆଥଲେଟ୍ସ କମିଶନର ଅଧ୍ୟକ୍ଷା ମନୋନୀତ

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଦୁଇ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡମିଣ୍ଟନ ତାରକା ପିଭି ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ ମିଳିଛି। ବିଶ୍ୱ ବ୍ୟାଡମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍‌ର ଆଥଲେଟ୍ସ କମିଶନର ଅଧ୍ୟକ୍ଷା ଭାବେ ସିନ୍ଧୁ ମନୋନୀତ ହୋଇଛନ୍ତି। ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ଏହି ବଡ଼ ଦାୟିତ୍ୱକୁ ନେଇ ସିନ୍ଧୁ କହିଛନ୍ତି, 'ମୁଁ ଏହି ଭୂମିକାକୁ ଆଥଲେଟ ଓ ପ୍ରଶାସନ ମଧ୍ୟରେ ଏକ ସେତୁ ଭାବେ ଦେଖୁଛି। ଆମ କ୍ରୀଡ଼ାରେ ପ୍ରତିନିଧିଭାବେ କାର୍ଯ୍ୟ କରୁଥିବା ଆଥଲେଟ୍‌ମାନଙ୍କ ସହ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ଆଥଲେଟଙ୍କ ସ୍ୱର ଓ ବାବିକୁ ମୁଁ ସ୍ପଷ୍ଟ ଭାବେ ଉଠାଇବି'। ସିନ୍ଧୁଙ୍କ ସହାୟତା କରିବା ଲାଗି ନେଦରଲାଣ୍ଡସର ଡେବୋରା ଜିଲି ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସିନ୍ଧୁ ଏଥିପୂର୍ବରୁ ୨୦୧୭ରୁ କମିଶନ ଓ ୨୦୨୦ରୁ ବିଡବ୍ଲ୍ୟୁଏଫ୍ ଇଣ୍ଟିଗ୍ରିଟି ଆମ୍ବାସାଡର ଭାବେ କାର୍ଯ୍ୟ କରିଥିଲେ।



## ବିଦ୍ୟାଳୟ ସମୂହ ଅସି ଚାଳନା ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର,୨୫।୧୨(ସମିସ): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଆସନ୍ତା ୨୭ରୁ ୩୧ ଯାଏ ୧୭ ବର୍ଷରୁ କମ୍ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳକୁ ଆଜି ଓଡ଼ିଶା କ୍ରୀଡ଼ା ପୂର୍ବରୁ ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ପ୍ରତିଯୋଗିତା ଲାଗି ମନୋନୀତ ବାଳକ ଖେଳାଳିମାନେ ହେଲେ ନିଶାଙ୍କ ପଟେଲ, ବିଭୁତି ପଟେଲ, ଲିଖିତ ବିଶ୍ୱାଳ, ସମୀର ପରାଭୁଏ, ମାନବ ପଧାନ, କାହ୍ନା ଗଡ଼ତିଆ, ସ୍ୱାଗତ ପଟେଲ, ହିତେଶ ଖୋରା, ପ୍ରେମଜିତ ବେଶରା, ଦେବାଶିଷ ପଟେଲ, ଜୀବନଜ୍ୟୋତି ପାଇକରାଏ, ଅବିନାଶ ସ୍ୱାଇଁ। ବାଳିକା ବିଭାଗରେ ଶୁଭଶ୍ରୀ ନାଏକ, ଝିଲି ସେଠ୍, ଅର୍ପିତା ଛତ୍ରିଆ, ସଞ୍ଜନା ଜାଲ, ଝରଣା ସେଠ୍, ମୁକ୍ତି ବିଶାଳ, ଅମ୍ରିତା ଆଡ଼ତ୍ତରାଡି, ମୁସ୍କାନ ନାଗ, ଶ୍ରୀୟାଶ୍ରୁତି ପଟେଲ, ରୁକ୍ମଣୀ ସୁନା, ସାରିକା ପଟେଲ ଓ ପ୍ରିୟଙ୍କା ବାରିକ ମନୋନୀତ ହୋଇଛନ୍ତି। ପୁରନ୍ଦର ସେଠ୍ ଓ ଅନୁପ୍ରେଷା ରାଉତ ପ୍ରଶିକ୍ଷକ, କ୍ଷିତେଶ୍ୱର ବିଶ୍ୱାଳ ଓ ସ୍ୱପ୍ନା ସେଠ୍ ପ୍ରବନ୍ଧକ ଭାବେ ଦଳ ସହ ଯାଉଛନ୍ତି ବୋଲି ଓଡ଼ିଶା ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଜଣାଇଛନ୍ତି।

## ଜାତୀୟ ସିନିଅର ଥ୍ରୋବଲ: ଏଥର ପଦକ ଜିତିବ ଓଡ଼ିଶା

ଭୁବନେଶ୍ୱର, ୨୫।୧୨ (ସମିସ): କେରଳର କୋଟାୟମଠାରେ ଆସନ୍ତା ୨୮ରୁ ୩୧ ତାରିଖଯାଏ ୪୨ତମ ଜାତୀୟ ସିନିଅର ଥ୍ରୋବଲ ଲାଗି ଓଡ଼ିଶା ଦଳ ଆସନ୍ତାକାଲି କୋଟାୟମ ଯିବ। ଏଥିରେ ମୋଟ ୩୪ଜଣ ଖେଳାଳି ରହିଥିଲାବେଳେ ମହିଳା ଦଳର ନେତୃତ୍ୱ ନେଉଛନ୍ତି ସୁଧାସିନ୍ଧୁ ସାହୁ ଓ ସୁଶାନ୍ତ ଦାସ ପୁରୁଷ ଦଳର ଅଧିନାୟକ ରହିଛନ୍ତି। କୋଚ୍ ବିଶ୍ୱାରଞ୍ଜନ ସାମନ୍ତରାୟ ଓ ମ୍ୟାନେଜର ଅଭିଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ କେରଳ ଯାଉଥିବା ଓଡ଼ିଶା ଦଳ ଏଥର ପଦକ ଜିତିବ ବୋଲି ଓଡ଼ିଶା ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଜଣାଇଛନ୍ତି।

## ମୁକ୍ତେଶ୍ୱର କପ୍: ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର, ୨୫।୧୨ (ସମିସ): ପ୍ରଥମ ଦଳ ଭାବେ ପାରାମାଉଣ୍ଟ ସ୍ପୋର୍ଟ୍ସ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟ୍ସ ୧୯ ରନରେ ନିମ୍ପୁରର ରାଇଙ୍ଗ ଷ୍ଟାର୍ କ୍ଲବକୁ ହରାଇଦେଇଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୩୦ ଓଭରରେ ୭ ୱିକେଟ୍ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତାପକିଶୋର ପ୍ରଧାନ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ରାଇଙ୍ଗ ଷ୍ଟାର୍ ୨୯.୨ ଓଭରରେ ୧୨୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ରାଇଙ୍ଗ ଷ୍ଟାର୍‌ର ଶୈଳେଶ ନାୟକ ୩୬ ରନ କରିଥିଲେ। ପାରାମାଉଣ୍ଟ ବୋଲର ସାଧାନ ଓ ଶୁଭେନ୍ଦୁଙ୍କୁ ୩ଟି ଲେଖାଏଁ ୱିକେଟ୍ ମିଳିଥିଲା। ପ୍ରତାପକିଶୋରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଓଡ଼ିଶା ଜୁନିଅର ଦଳର ବୋଲିଂ କୋଚ୍ ପ୍ରଶାନ୍ତଜିତ୍ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ରାମେଶ୍ୱର ସ୍ପୋର୍ଟ୍ସ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ (ଆଇଆଇସି) ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ।



### ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍

## ମାନେଶ୍ୱରୀଙ୍କୁ କାଂସ୍ୟ

କଟକ,୨୫।୧୨(ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ୪୫ତମ ଜାତୀୟ ଜୁନିଅର ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଦ୍ୱିତୀୟ ପଦକ ମିଳିଛି। ଏକକ ବାଳିକା ରିକର୍ଭ ରାଉଣ୍ଡରେ ମାନେଶ୍ୱରୀ ହାଁସଦା ନିକଟତମ ପ୍ରତିଦ୍ୱନ୍ଦୀ ଉତ୍ତରପ୍ରଦେଶର ମାଧବୀ ଚୌହାନଙ୍କୁ ଟାଇବ୍ରେକରରେ ପରାସ୍ତ କରି କାଂସ୍ୟ ବିଜୟୀ ହୋଇଛନ୍ତି। ପଦକ ହାସଲ କରିବାରେ ମାନେଶ୍ୱରୀ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ରିକର୍ଭ ଖେଳାଳି। ଯୁଦ୍ଧ ଦୁଇରେ ପାଠ ପଢୁଥିବା ମାନେଶ୍ୱରୀ ହେଉଛନ୍ତି କିଟ୍‌ସର ପ୍ରଶିକ୍ଷକ ରାକେଶ ହାଁସଦାଙ୍କ ଝିଅ। ଏହି ସଫଳତା ପାଇଁ ମାନେଶ୍ୱରୀଙ୍କୁ ରାଜ୍ୟ ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।



## ବିଗ୍ ଅରେଞ୍ଜ ବାଣ୍ଡ ବାସ୍କେଟବଲ୍ ଲିଗ୍

ଭୁବନେଶ୍ୱର,୨୫।୧୨(ସମିସ): ଓଡ଼ିଶାରେ ବାସ୍କେଟବଲ ଖେଳର ପ୍ରସାରଣ ଓ ଉନ୍ନତି ଲାଗି ବିଗ୍ ଅରେଞ୍ଜ ବାଣ୍ଡ ଆନୁକୂଲ୍ୟରେ ଏକ ୩ ଗୁଣା ୩ ବାସ୍କେଟବଲ ଲିଗ୍ ସୋଆ ୟୁନିଭର୍ସିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ଜୁନିଅର ବିଭାଗରେ ୪୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରୁ ୧୪ ବର୍ଷରୁ ଉର୍ଦ୍ଧ୍ୱ ବାଳକ ବିଭାଗରେ ଟ୍ରିପଲ ଥ୍ରେଟ୍ ଓ ଟେରିଫିକ୍ ଟେରର, ବାଳିକା ବିଭାଗରେ ଗ୍ଲୋବାଲ ପିଡିଓ ସେଲ୍ ବାସ୍କେଟବଲ କ୍ଲବ୍ ଓ ଓଡ଼ିଶା ବାସ୍କେଟବଲ ଏକାଡେମୀ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବାଳକ ବିଭାଗରେ ବି କିଙ୍ଗ ଓ ଟାଇଗର-ଏ, ବାଳିକା ବିଭାଗରେ ଏମ୍‌ପିଏସ୍ ଓ ଓଡ଼ିଶା ବାସ୍କେଟବଲ ଏକାଡେମୀ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ଖେଳ ଶେଷରେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଅସୀମକାନ୍ତ ମହାନ୍ତି ଓ ବାସ୍କେଟବଲ କୋଚ୍ ଅରୁଣକୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ବିଗ୍ ଅରେଞ୍ଜ ବାଣ୍ଡର ସଂସ୍ଥାପକ ଓ ଟୁର୍ଣ୍ଣାମେଣ୍ଟ ମୁଖ୍ୟ ସୋନୁକୁମାର ପଣ୍ଡା ଜଣାଇଛନ୍ତି।



### ■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶାର ଇନିଂସ୍ ପରାଜୟ

କଟକ,୨୫।୧୨(ସମିସ): ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଇନିଂସ ଏବଂ ୧୨୯ ରନରେ ପଞ୍ଜାବ ଠାରୁ ହାରିଛି। ମଧ୍ୟପ୍ରଦେଶର ଏମ୍‌ପିସିଏ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଉଥିଲା। ପଞ୍ଜାବର ପ୍ରଥମ ପାଳି ୩୭୭ରନ ଜବାବରେ ଓଡ଼ିଶା ୧୧୧ରନ କରିଥିଲା। ଫଲୋଅନ ଡାକରା ପାଇ ଦ୍ୱିତୀୟ ପାଳି ଖେଳିଥିବା ଓଡ଼ିଶା ଆଜି ୮୮ରନରେ ଅଲଆଉଟ ହେବା ସହ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ୪ଟି ଲିଗ୍‌ରୁ ୨ଟିରେ ଡ୍ର ଓ ଅନ୍ୟ ୨ଟିରେ ପରାଜିତ ହୋଇଛି। ୨୯ ତାରିଖରେ ପଣ୍ଡିଚେରୀ ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ।

**'ନନ୍ଦିଘୋଷ ଟିଭି'**
**କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ**

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

**ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍**
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS